

ରେକର୍ଡ ମୂଲ୍ୟରେ ବିକ୍ରି ହେଲା ନାଡାଲଙ୍କ ରାକେଟ ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 34 | ISSUE 80 | ଭାଗ ୩୪ | ସଂଖ୍ୟା ୮୦ Bhubaneswar | Thursday 12 June 2025 | Page 8 Rs. 4.00 ● ଭୁବନେଶ୍ୱର ଗୁରୁବାର ୧୨ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ଗଜାନନ ବେଶରେ ମହାବାହୁ



- ଭାବ ଡୋରିରେ ବନ୍ଧାହେଲେ ଶ୍ରୀଜୀଉ
- ସୁବାସିତ ଜଳରେ ସ୍ନାନକଲେ ଚତୁର୍ଦ୍ଧା ମୂର୍ତ୍ତି
- ଭକ୍ତିମୟ ଶ୍ରୀକ୍ଷେତ୍ର, ଲୋକାରଣ୍ୟ ବଡ଼ଦାଣ୍ଡ
- ଆଜିଠୁ ଅଣସର ଟାଟିରେ ଗୁପ୍ତ ଉପଚାର
- ଶ୍ରୀମନ୍ଦିରରେ ଦର୍ଶନ ଦେବେ ପଟିଦିଅଁ

**ପୁରୀ,୧୧।୬(ସଂଚାର ବ୍ୟୁରୋ):** ପୁରୀରେ ଭକ୍ତି ଓ ଆବେଗର ଜନସମୁଦ୍ର। ମହାପ୍ରଭୁଙ୍କ ଗଜାନନ ବେଶ ଦେଖି ବିଭୋର ଶ୍ରଦ୍ଧାଳୁ। ନିର୍ଦ୍ଧାରିତ ସମୟରେ ସରିଲା ନୀତିକାନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ୍ଡୁ ସୁବାସିତ ଜଳରେ ସ୍ନାନ ପରେ ସ୍ନାନବେଦୀରେ ଦୁର୍ଲ୍ଲଭ ହାତୀ ବେଶରେ ଦର୍ଶନ ଦେଲେ ଶ୍ରୀଜିଉ। ସୁରକ୍ଷା ବଳୟ ଭିତରେ ହୋଇଥିଲା ସାହାଣମେଲା ଦର୍ଶନ। ୧୧ଟାରେ ହାତୀବେଶ ମଇଲମ, ୧୧ଟା ୧୦ରେ ପୁଷ୍ପାଞ୍ଜଳି ଓ ଡୋରଲାଗି ହୋଇ ରାତି ୧୧ଟା ୩୦ରୁ ଆରମ୍ଭ ହୋଇଥିଲା ବାହୁଡ଼ା ପହଣ୍ଡି। ଶାନ୍ତିଶୃଙ୍ଖଳା ପାଇଁ ପୁରୀରେ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଚର୍ମଚକ୍ଷୁରେ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଦର୍ଶନ କରି କୃତ କୃତ ହୋଇଛନ୍ତି ହଜାର ହଜାର ଭକ୍ତ। ଘଣ୍ଟ ଘଣ୍ଟା, ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର। ଜ୍ୟେଷ୍ଠ ପୂର୍ଣ୍ଣମୀରେ ଅନୁଷ୍ଠିତ ହୋଇଛି ଦାରୁଦିଅଁଙ୍କ ସ୍ନାନ ନୀତି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢ଼େ ୫ଟା ସମୟରେ ମଙ୍ଗଳାର୍ପଣ ସରି ପୁଷ୍ପାଞ୍ଜଳି ଓ ଡୋର ଲାଗି ହୋଇ ଧାଡି ପହଣ୍ଡିରେ ସ୍ନାନମଣ୍ଡପକୁ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ପରେ ମଦନ ମୋହନ ବିଜେ ହୋଇ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି ନୀତି ସରିବା ପରେ ଅଧର ପୋଛା ନୀତି ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ପୂର୍ବରୁ ଅଧିବାସ ଗୃହରେ ଅଧିବାସ ହୋଇ ରହିଥିବା ୧୦୮ ଗଡ୍ଡୁ ସୁବାସିତ ଜଳକୁ ଗରାବଡୁ ସେବକମାନେ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀ ବଳଭଦ୍ରଙ୍କୁ ୩୩ ଗରା, ଦେବୀ ସୁଭଦ୍ରାଙ୍କୁ ୨୨ ଗରା ଓ ସୁଦର୍ଶନଙ୍କୁ ୧୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସ୍ନାନ, ମଇଲମ, ମେକାପ ସର୍ବାଙ୍ଗ, ନୂଆ ଲୁଗା ଲାଗି ଶେଷ ହୋଇ ଛେରାପହଁରା ପରେ ମହାପ୍ରଭୁ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେଇଥିଲେ। ନୀତିକାନ୍ତି ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ମହାପ୍ରଭୁଙ୍କୁ କୃତଜ୍ଞତା ଜଣାଇଛନ୍ତି ସେବାୟତ।

ସ୍ନାନ ବେଦୀରେ ମହାପ୍ରଭୁଙ୍କ ସ୍ନାନ ନୀତି ଦେଖି ବିଭୋର ହୋଇଛନ୍ତି ଶ୍ରଦ୍ଧାଳୁ। ଏହାପରେ ରାଘବ ଦାସ ମଠ ପକ୍ଷରୁ ଯୋଗାଇ ଦିଆଯାଇଥିଲା ➪ପୃଷ୍ଠା-୬

## ବର୍ଷ ପୂର୍ତ୍ତି ପୂର୍ବରୁ ଆଶିଷ ନେଲେ ମୋହନ



**ପୁରୀ,୧୧।୬(ସଂଚାର ବ୍ୟୁରୋ):** ବିଜେପି ସରକାରର ବର୍ଷ ପୂରଣ ପୂର୍ବରୁ ଆଜି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦିବ୍ୟ ଦର୍ଶନ କରି ଭାବବିହ୍ୱଳ ହୋଇଥିଲେ ମୁଖ୍ୟମନ୍ତ୍ରୀ। ପ୍ରଭୁଙ୍କ ସାମ୍ନାରେ ପହଞ୍ଚିବା ପରେ ହାତ ଟେକି ନିଜକୁ ସମର୍ପି ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ବିକଶିତ ଓଡ଼ିଶା ନିର୍ମାଣ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ସକାଳୁ ସକାଳୁ ଶ୍ରୀମନ୍ଦିରରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ। ମହାପ୍ରଭୁଙ୍କ ପହଣ୍ଡି ଦେଖିବା ସହ ମଙ୍ଗଳ ଆଳତି ଦର୍ଶନ କରିଥିଲେ। ସେବକଙ୍କ ସହ ନୀତିକାନ୍ତି ସମୟରେ ଉପସ୍ଥିତ ରହି ସମନ୍ୱୟ ଓ ନୀତି ତ୍ୱରାନ୍ୱିତ କରିବାକୁ କହିଥିଲେ। ଏଥିସହ ଖୁବଶୀଘ୍ର ଛତିଶା ନିଯୋଗକୁ ନେଇ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ➪ପୃଷ୍ଠା-୬



## ଛତିଶଗଡ଼ରେ ଏନକାଉଣ୍ଟର

# ପୁଣି ଟଳିଲେ ୨ ମାଓବାଦୀ

**ସୁକମା, ୧୧।୬:** ଛତିଶଗଡ଼ରେ ପୁଣି ଏନକାଉଣ୍ଟର। ସୁକମା ଜିଲ୍ଲାରେ ବୁଧବାର ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୨ ଜଣ ମାଓବାଦୀ ନିହତ ହୋଇଥିବା ପୁଲିସ କହିଛି। ଜିଲ୍ଲା ପୁଲିସ ଏସପି କିରଣ ଚୌହାନ କହିଛନ୍ତି ଯେ କୁକାନାର ପୁଲିସ ଷ୍ଟେସନ ସୀମା ଅନ୍ତର୍ଗତ ପୁସଗୁନା ଗ୍ରାମ୍ୟ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ଭିତରେ ଏହି ଗୁଳିବିନିମୟ ହୋଇଥିଲା। ସେ କହିଛନ୍ତି ଯେ ସ୍ଥାନୀୟ ଅଞ୍ଚଳରେ ମାଓବାଦୀ କ୍ୟାଡରଙ୍କ ଉପସ୍ଥିତି ସମ୍ପର୍କରେ ଗୁଇନ୍ଦା ସୂଚନା ଆଧାରରେ ପୁଲିସର ଜିଲ୍ଲା ରିଜର୍ଭ ଗାର୍ଡ ଏବଂ କୁକାନାର ପୁଲିସ ଦଳର କର୍ମଚାରୀମାନଙ୍କୁ ନେଇ ଏହି ଅପରେସନ୍ ଆଜି ସକାଳେ ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରୁ ସୁରକ୍ଷା କର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଅନେକ ଗୁଳି ବିନିମୟ ହୋଇଥିଲା।

ଗୁଳିଗୋଳା ନିରବ ହେବା ପରେ ଜଣେ ମହିଳା ସମେତ ୨ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ଏକ ଇନସାସ ରାଇଫଲ୍, ଏକ ୧୨-ବୋର ରାଇଫଲ୍, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର, ଗୁଳି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ପ୍ରାଥମିକ ଚିହ୍ନଟ ଅନୁଯାୟୀ, ନିହତ ମାଓବାଦୀ ➪ପୃଷ୍ଠା-୬



# ଯାଜପୁରରେ ଝାଡ଼ାବାନ୍ତି ସ୍ଥିତି ସଙ୍ଗୀନ

- ୫ ବ୍ଲକରେ ଆତଙ୍କ: ୨ ମୃତ, ୫୦୦ ଆକ୍ରାନ୍ତ
- ଯୁଦ୍ଧକାଳୀନ ପ୍ରସ୍ତୁତି ଆରମ୍ଭ କଲା ସ୍ୱାସ୍ଥ୍ୟ ବିଭାଗ
- ର୍ୟାପିଡ୍ ଆକ୍ସନ୍ ଟିମ୍ ଓ ଅଧିକ ବିଶେଷଜ୍ଞ ମୁତୟନ

**ଯାଜପୁର,୧୧।୬(ସଂଚାର ବ୍ୟୁରୋ):** ଯାଜପୁରରେ ଦୁଇ ଦିନ ହେଲା ଲାଗିରହିଛି ଝାଡ଼ାବାନ୍ତି ଆତଙ୍କ। ଦୁଇ ଦିନରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଟି ବ୍ଲକ୍‌ର ୫୦୦ରୁ ଅଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ବ୍ୟାସନଗର ପୌରାଞ୍ଚଳ ଓ ଯାଜପୁର ପୌରାଞ୍ଚଳ ସମେତ ଧର୍ମଶାଳା, ରସୁଲପୁର, କୋରାଇ ଓ ଦାନଗଦି ଆଦି ୫ଟି ବ୍ଲକରେ ଝାଡାବାନ୍ତି ରୋଗରେ ୫୦୦ରୁ ଉର୍ଦ୍ଧ୍ୱ ରୋଗୀ ଆକ୍ରାନ୍ତ ହୋଇଛନ୍ତି। ତେବେ ଏହି ଝାଡ଼ାବାନ୍ତି ବ୍ୟାପିବାର କାରଣ ସମ୍ପର୍କରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ଜଣାପଡ଼ିନାହିଁ। କିନ୍ତୁ ଭୋଜିରେ ଖାଦ୍ୟ ବିଷାକ୍ତକରଣ କାରଣରୁ ଏପରି ହୋଇଥିବା ସନ୍ଦେହ କରାଯାଉଛି। ଆନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଅବସ୍ଥାରେ ସୁଦର୍ଶନ ପାତ୍ର ଓ ବ୍ୟାସନଗର ପୌରାଞ୍ଚଳର ତୋଳାରାମ ଶର୍ମାଙ୍କର ମୃତ୍ୟୁ ହୋଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯଯାତି କେଶରୀ ମେଡିକାଲ କଲେଜ ଓ କଟକ ବଡ଼ ଡ଼ାକ୍ତରଖାନାରୁ ପୃଥକ୍ ପୃଥକ୍ ଟିମ୍ ବିଭିନ୍ନ ମେଡ଼ିକାଲକୁ ଗସ୍ତ କରି ଚିକିତ୍ସା ପ୍ରକ୍ରିୟାର ଯାଞ୍ଚ କରୁଛନ୍ତି। ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥାର ନୀରିକ୍ଷଣ କରିବାକୁ ପର୍ଯ୍ୟାପ୍ତ ମେଡିକାଲ କଲେଜ କର୍ମଚାରୀ ଓ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖାଯାଇଛି। ଯଦି ଅଧିକ ଡାକ୍ତର କିମ୍ବା ନର୍ସିଂ ଅଫିସର ଦରକାର, ତାହାର ବ୍ୟବସ୍ଥା ମଧ କରାଯାଉଛି ବୋଲି ଜିଲ୍ଲାପାଳ ଓ ସିଡିଏମଓ କହିଛନ୍ତି। ସେହିପରି ୨ ଦିନ ଭିତରେ ଯାଜପୁର ରୋଡ ମେଡିକାଲରେ ୧୮୬ ଜଣ ଆକ୍ରାନ୍ତ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଏଠାରେ ବର୍ତ୍ତମାନ ସୁଦ୍ଧା ୬୫ ଜଣ ଚିକିତ୍ସାଧୀନ ଥିବା ବେଳେ ୧୧ ଜଣ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ୧୧୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଧର୍ମଶାଳା ମେଡିକାଲରେ ୧୦୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳାୟରେ ମଧ ଶତାଧିକ ଆକ୍ରାନ୍ତ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସେହିପରି ଆଜି ସକାଳ ସୁଦ୍ଧା ଦାନଗଦି ମେଡିକାଲରେ ୫୫ ଜଣ ଆକ୍ରାନ୍ତ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏଠାରେ ବର୍ତ୍ତମାନ ୧୧ଜଣ ଚିକିତ୍ସାଧୀନ ଥିବାବେଳେ ୧୪ ଜଣ କଟକ ଓ ଜିଲ୍ଲା ମେଡିକାଲକୁ ➪ପୃଷ୍ଠା-୬

# ଲକ୍ଷ୍ୟଠାରୁ ଦୂରେଇ ଯାଉଛି ସେଲ୍ ହକି ଏକାଡେମୀ

**ରାଉରକେଲା,୧୧।୬(ସଂଚାର ବ୍ୟୁରୋ):** ରାଉରକେଲାସ୍ଥିତ ସେଲ୍ ହକି ଏକାଡେମୀ ଜାତୀୟ ସ୍ତରରେ ଖ୍ୟାତିଲାଭ କରିଥିବା ବେଳେ ଏହା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହୋଇଛି। ତେବେ ଏହି ଷ୍ଟାଡିୟମ୍ ଏବେ ଲକ୍ଷ୍ୟ ପଥରୁ ଦୂରେଇ ଯାଇଥିବା ପରି ମନେ ହେଉଛି। କାରଣ ପୂର୍ବରୁ ଏଠାରେ ପଲ ପଲ ଅନ୍ତର୍ଜାତୀୟ ଖେଳାଳି ବାହାରିଥିବା ବେଳେ ଏବେ ଏହି ଧାରାରେ ବ୍ରେକ୍ ଲାଗିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଗତ ୯ ବର୍ଷ ହେଲା ଏଠାରୁ ଜଣେ ବି ଅନ୍ତର୍ଜାତୀୟ ଖେଳାଳି ବାହାରିପାରିନାହାନ୍ତି। ତା'ଛଡ଼ା ଏକାଡେମୀର ପ୍ରଶଶସନିକ ବ୍ୟବସ୍ଥା ମଧ ଖେଳାଳିଙ୍କ ଉନ୍ନତିରେ ବାଧକ ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି।

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସେକ୍ଟର-୫ରେ ଗତ ୧୯୯୨ରେ ଆରମ୍ଭ ହୋଇଥିବା ଏହି ଷ୍ଟାଡିୟମ୍‌ରେ ଖେଳାଳିମାନଙ୍କୁ ଉନ୍ନତ ମାନର ପ୍ରଶିକ୍ଷଣ ଦେବା ସକାଶେ ୨୦୦୫ରେ ଏଠାରେ ଅତ୍ୟାଧୁନିକ ଆଷ୍ଟ୍ରୋ ଟର୍ଫ ପଡ଼ିଥିଲା। ପରେ ସେଲ୍ ପକ୍ଷରୁ ୩୨ ଶଯ୍ୟାବିଶିଷ୍ଟ ହକି ଏକାଡେମୀ ଓ କ୍ରୀଡ଼ା ଛାତ୍ରାବାସ ମଧ ଆରମ୍ଭ ହୋଇଥିଲା। ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ସୁନ୍ଦରଗଡ଼ ତଥା ଆଖପାଖ ଅଞ୍ଚଳର ଆଦିବାସୀ ଓ ଅନ୍ୟ ବର୍ଗର ଉଦୀୟମାନ ହକି ଖେଳାଳିଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯିବ। ଏହି ଏକାଡେମୀରୁ ସର୍ବପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବେ ଜାତୀୟ ଦଳରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ ପାଓ୍ୱେଲ ଲାକ୍ରା। ପରେ ଜୟରାମ ଲାକ୍ରା, ଆନନ୍ଦ ଲାକ୍ରା, ଉମେଶ କାନ୍ତ, ସୋମେଶ କାନ୍ତ, ପଙ୍କଜ ରଜାକ୍, ସୁଶୀଲ ଖାଲକୋ ଓ ଅଲିମ୍ପିୟାନ୍ ବୀରେନ୍ଦ୍ର ଲାକ୍ରାଙ୍କ ପରି ବହୁ ତାରକା ଖେଳାଳି ଏହି ତାଲିକାରେ ସାମିଲ୍ ହୋଇଥିଲେ। ସେହିପରି ଶିଳାନନ୍ଦ ➪ପୃଷ୍ଠା-୬




## ଉତୁରୁନାହାନ୍ତି ଅନ୍ତର୍ଜାତୀୟ ଖେଳାଳି

## ସମସ୍ୟା ପ୍ରତି ପଡୁନି କାହା ନଜର

## ସରକାରଙ୍କ ସଫଳତାର ପ୍ରତିଫଳନ ବିକାଶ ମେଳା

# 'ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ'



- ମୋଦିଙ୍କ ମାର୍ଗଦର୍ଶନରେ ମିଳିଛି ସଫଳତା
- ବିକାଶ ପାଇଁ ଦରକାର ଦୃଢ଼ ମାନସିକତା
- ରାଜନୀତି ପାଇଁ ବିରୋଧ କରୁଛନ୍ତି ବିରୋଧୀ

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କାଯାଇଥିବା ଅଲିଭା ଗାର। ଗତ ବର୍ଷକ ମଧରେ ବିଜେପି ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପୂରଣ କରିଛି। ଆଗକୁ ମଧ ଲୋକଙ୍କ ସବୁ ଆଶା ଓ ଆଙ୍କାକ୍ଷାକୁ ପୂରଣ କରିବାକୁ ଦଳ ପ୍ରତିଶ୍ରୁତିବଦ୍ଧ। ଆଜି ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଆୟୋଜନିତ ରାଜ୍ୟସ୍ତରୀୟ ବିକାଶ ମେଳାର ଉଦଘାଟନ କରି ଏହି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅବସରରେ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସମ୍ପର୍କିତ ପ୍ରଦର୍ଶନୀ ଏବଂ ଫୁଡ୍ କୋର୍ଟର ଶୁଭାରମ୍ଭ କରିବା ସହ ଏହାକୁ ବୁଲି ଦେଖିଥିଲେ। ଏହି ବିକାଶ ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୭୫ରୁ ଉର୍ଦ୍ଧ୍ୱ ଷ୍ଟଲ୍‌ରେ ଜନସାଧାରଣଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ➪ପୃଷ୍ଠା-୬

# ଗଡ଼ିବା ପୂର୍ବରୁ ଉଜୁଡ଼ିଲା ସଂସାର



## ମର୍ମନ୍ତୁଦ ଦୁର୍ଘଟଣାରେ ବର-କନ୍ୟାଙ୍କ ସମେତ ୧୨ ମୃତ

**ଜୟପୁର,୧୧।୬:** ରାଜସ୍ଥାନରେ ପୃଥକ ଦୁର୍ଘଟଣାରେ ବର-କନ୍ୟାଙ୍କ ସମେତ ୧୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୫ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରଥମ ଦୁର୍ଘଟଣା ଜୟପୁରରେ ଘଟିଛି। ବୁଧବାର ପ୍ରତ୍ୟୁଷରେ ଭଟକାବାସ ଗ୍ରାମ ନିକଟ ଦୌସା-ମନୋହରପୁର ରାଜପଥରେ ଏକ ବିବାହ ପାର୍ଟିକୁ ନେଇ ଯାଉଥିବା ଏକ ଏକ ଗାଡ଼ି ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ୫ ➪ପୃଷ୍ଠା-୬

## ୧୨ ସହରାଞ୍ଚଳକୁ ମିଳିବ ଏନଏସି ମାନ୍ୟତା

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କ ପାଇଁ ଯୋଜନା ପେଡି ନେଇ ଆସୁଛନ୍ତି ସରକାର। ଏହା ଭିତରେ ବହୁ ପ୍ରତିକ୍ଷିତ ଏନଏସସି ଘୋଷଣା କରିବାକୁ ଯୋଜନା ହୋଇଛି।

### ରଜରେ ଘୋଷଣା

ରଜ ଅବସରରେ ରାଜ୍ୟର ସହରାଞ୍ଚଳ ବୃଦ୍ଧିର ନିଅଁ ପଡିବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୨ରୁ ଅଧିକ ଏନଏସସି ଘୋଷଣା ହେବ। ପାଲଲହଡ଼ା, ଧୁଷୁରୀ, ତିହିଡ଼ି, ସାଲେପୁର, ଚିତ୍ରଡ଼ା, ବେତନଟୀ ସହ ଆଉ ଦାବି ହେଉଥିବା କିଛି ଅଞ୍ଚଳ ଏହି ତାଲିକାରେ ସାମିଲ ହେବ। ସ୍ଥାନୀୟ ଅଞ୍ଚଳର ଦାବି ପରେ ନଗର ଉନ୍ନୟନ ➪ପୃଷ୍ଠା-୬

# ଡେଙ୍ଗୁରା ପିଟି ଡ୍ରଗ୍ସ କଣ୍ଟ୍ରୋଲ ପ୍ରଶାସନର ଚଢ଼ାଉ

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ବେଆଇନ୍ ଭାବେ ବିକ୍ରି ହେଉଥିବା ଗର୍ଭ ନିରୋଧ କିଟ୍ ଉପରେ ଚଢ଼ାଉ କରୁଛି ରାଜ୍ୟ ଭେଷଜ ନିୟନ୍ତ୍ରଣ ପ୍ରଶାସନ ବା ଡ୍ରଗ୍ସ କଣ୍ଟ୍ରୋଲ ପ୍ରଶାସନ। ପ୍ରଥମେ ଭୁବନେଶ୍ୱର ଓ ପରେ କଟକରେ ଚଢ଼ାଉ ଚାଲିଛି। ହେଲେ ଡ୍ରଗ୍ସ କଣ୍ଟ୍ରୋଲର୍ ଯେଭଳି ଡେଙ୍ଗୁରା ପିଟି ଚଢଉ କରୁଛନ୍ତି, ତାହା ଅଧିକରୁ ଅଧିକ କିଟ୍ ଜବତ ବଦଳରେ ସେସବୁକୁ ଗାଏବ କରିଦେବା ଦିଗରେ ସହାୟକ ହେଉଛି। ଏଭଳି ଚଢ଼ାଉ କିଟ୍‌ର ଜବତ ନୁହେଁ, ବରଂ ପ୍ରଚାର ପାଇଁ ଉଦ୍ଦିଷ୍ଟ ବୋଲି ଏବେ ସବୁଆଡ଼େ ଆଲୋଚନାର ବିଷୟବସ୍ତୁ ହୋଇଛି।

ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ବିନା ଲେଖାରେ ଏଭଳି କିଟ୍ କିଣିବା ବେଆଇନ୍ ବୋଲି ସାଧାରଣ ଲୋକେ ଜାଣିନାହାନ୍ତି। ତେଣୁ ସେମାନେ ସିଧାସଳଖ ଔଷଧ ଦୋକାନରୁ ଏହାକୁ କିଣିନେଇଥାନ୍ତି। ତେବେ କୌଣସି ସୂତ୍ରରୁ ଖବର ପାଇବା ପରେ ଡ୍ରଗ୍ସ କଣ୍ଟ୍ରୋଲ ପ୍ରଶାସନ ଔଷଧ ଦୋକାନ ଉପରେ



## ପ୍ରଚାର ନିଶା ଯୋଗୁଁ କିଟ୍ ଗାଏବ

## ଢୋଲ ଭିତରର ମୂଷା କିଏ?

ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ସମୟରେ ସାଙ୍ଗରେ ମାଳ ମାଳ କ୍ୟାମେରା ଓ ଗଣମାଧମ ପ୍ରତିନିଧିଙ୍କ ଉପସ୍ଥିତି ଏହାକୁ ଏକରକମ ପାଣିଚିଆ କରିଦେଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଚଢ଼ାଉ ନେଇ ପ୍ରଚାର ପ୍ରସାର ଜୋରଦାର ହେଲା। କେଉଁଠୁ କେତେ କିଟ୍ ଜବତ ହେଲା, ସେନେଇ ଚଢ଼ାଉରେ ସାମିଲ୍ ଥିବା ଅଧିକାରୀମାନେ ସୂଚନା ଦେଇଥିବା ବେଳେ ଗଣମାଧମ ବି ଏହି ଖବରର ସିଧାସଳଖ ପ୍ରଚାର କରିଥିଲା। ଫଳରେ ଅନ୍ୟ ଯେଉଁସବୁ ଦୋକାନୀଙ୍କ ନିକଟରେ ବିପୁଳ ପରିମାଣର ଗର୍ଭ ନିରୋଧ କିଟ୍ ଥିଲା, ତାହା ତତ୍କାଳ ଗାଏବ ହୋଇଯାଇଥିଲା।

ରାଜଧାନୀରେ ଗୋଟିଏ ଦୋକାନରେ ଚଢ଼ାଉ କରି ବାହାବା ନେଲା ପରେ ଏବେ କଟକରେ ଚଢ଼ାଉ ଚାଲିଛି। ସେଠାରେ ବି ଅନୁରୂପ ଅବସ୍ଥା। ପ୍ରଚାର ପ୍ରସାରକୁ ଅଗ୍ରାଧିକାର ଦିଆଯାଉଛି। ଫଳରେ ଗୋଟିଏ ଦୋକାନରୁ ମାତ୍ର ୭ଟି କିଟ୍ ଜବତ ହୋଇପାରିଛି। ଏହି ଜବତ ନେଇ ଗଣମାଧମକୁ ସୂଚନା ଦିଆଯାଉଥିବା ବେଳେ ବାସ୍ତବ ଖବର କିଛୁ ବାହାରକୁ ଆସୁନାହିଁ। ଔଷଧ ଦୋକାନୀମାନେ ଏହି କିଟ୍‌କୁ କେତେ ଦରରେ ଆଉ କେତେ ପରିମାଣରେ କିଣୁଛନ୍ତି ଓ ମାସକୁ କେତେ ବିକ୍ରି କରୁଛନ୍ତି, ତାହାର ଖବର ପରଦା ପଛରେ ରହିଯାଉଛି।

ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଡେଙ୍ଗୁରା ପିଟା ଚଢ଼ାଉରୁ ସାଧାରଣ ଲୋକେ ଯେତେ ସଚେତନ ହେଉନାହାନ୍ତି ତା'ଠାରୁ ଅଧିକ ସଚେତନ ହେଉଛନ୍ତି କିଟ୍ ବିକ୍ରି କରୁଥିବା ଅସାଧୁ ➪ପୃଷ୍ଠା-୬

ମନ ମୋହିଲା ପିଠା ଓ ଜଳଖିଆ, ରଜ ପାଇଁ ଆୟୋଜିତ ହୋଇଥିଲା ଅନ୍ୟାନ୍ୟ ପ୍ରତିଯୋଗିତା

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ

**ମହାକାଳପଡ଼ା,୧୧।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ପରିସରରେ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ର ୧୯ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ୧୯ ଗୋଟି ଷ୍ଟଲ୍ ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମାଆ ମାନେ ଭଳିକି ଭଳି ପାରମ୍ପରିକ ହାତ ତିଆରି ପିଠା ଓ ଜଳଖିଆ ପ୍ରସ୍ତୁତ କରି ପ୍ରଦର୍ଶିତ କରାଇଥିଲେ। ବିଚାରକ ମଣ୍ଡଳୀ ମାନେ ପ୍ରତି ଷ୍ଟଲ ବୁଲିବୁଲି ପାରମ୍ପରିକ ଖାଦ୍ୟ ବୁଲି ଦେଖିବା ସହିତ ମୂଲ୍ୟାୟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବରେ ମହାକାଳପଡ଼ା ଶିଶୁ



ବିକାଶ ପ୍ରକଳ୍ପର ଅଧିକାରୀଣୀ କବିତା ମଲ୍ଲିକ ଯୋଗଦେଇଥିଲେ। ବିଚାରକ ମଣ୍ଡଳୀ ଭାବେ ସିଡିପିଓ କବିତା ମଲ୍ଲିକ,ପଞ୍ଚାୟତ ଉନ୍ନୟନ ଅଧିକାରିଣୀ ଇତିଶ୍ରୀ ପଣ୍ଡା, ରାଜଲକ୍ଷ୍ମୀ ବେହେରା ଦାୟିତ୍ୱ ବହନ କରିଥିଲେ। ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ମା ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କୁ ମାନପତ୍ର ସହିତ ୫୦୦୦ ଟଙ୍କା ପୁରସ୍କାର ରାଶି ଓ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ,ରାଜରତ୍ନକୁ ମାନପତ୍ର ସହିତ ୪୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଆଗାମି ରଜପର୍ବକୁ ଆଖି ଆଗରେ ରଖି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ମାଆ ମାନଙ୍କ ପାଇଁ ହୁଳହୁଳି,ପୁଚି,ଖୋଟି ଚିତା,ଶଙ୍ଖ ଫୁଙ୍କା,କାନ୍ଦଣା ଓ ମ୍ୟୁଜିକ ଚେୟାର ଭଳି ୬ ଗୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତ୍ୟକ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶେଷ ଆକର୍ଷଣ ହୋଇଥିଲା ଦୋଳି ଖେଳ। ମାଆ ମାନେ ପ୍ରତିଯୋଗିତାରେ ଭାଗ ନେବା ସହିତ ମନଭରି ଦୋଳି ଖେଳିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳକ ମୋତିଲାଲ ସାହୁ,ସଂଯୋଜକ ସାଗରିକା ମଲ୍ଲିକ, ବିଭାଗର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ତୁଳସୀକ୍ଷେତ୍ରରେ ବହୁ ଆଡମ୍ବରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ

● ଗଜ ବଦନ ବେଶରେ ଦର୍ଶନ ଦେଲେ ଶ୍ରୀ ବଳଦେବଜୀଉ



**କେନ୍ଦ୍ରାପଡା,୧୧।୬(ସଂଚାର ବ୍ୟୁରୋ):** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ସମେତ ଚତୁର୍ଦ୍ଧା ମୂର୍ତ୍ତୀଙ୍କର ସ୍ନାନ ମଣ୍ଡପରେ ସ୍ନାନବିଧି ପୂଜା ଓ ଗଜ ବଦନ ବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ଜୀଉ ମାନଙ୍କର ଏହି ଉତ୍ସଯାତ୍ରା ପୂର୍ବରୁ ପୂଜା ବିଧି ବେଶ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଦିନସାରା ଭିଡ଼ଜମେଇ ରେ ଗହଳି ହୋଇଥିଲା । ଆଜି ଭୋର ୬ଟା ସମୟରେ ଜୀଉ ମାନଙ୍କ ପହୁଡ଼ ଖୋଲାଯାଇ ମଙ୍ଗଳାର୍ପଣ ଓ ସେନାପଟା କରାଯିବା ସହ ଯାତି ପହଣ୍ଡିରେ ସ୍ନାନବେଦୀ କୁ ପହଣ୍ଡି ଯାତ୍ରା ଆରମ୍ଭ ହୋଇଥିଲା । ସକାଳ ୮ଟା ସୁଦ୍ଧା ସ୍ନାନବେଦୀ ଉପରେ ଦିଅଁ ମାନଙ୍କୁ ତୋରା ଫିଟାଯାଇ ଜୟମଙ୍ଗଳ ଆଳତି ପରେ ୧୦୮ କୁମ୍ଭ ଅଭିମନ୍ତ୍ରିତ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇ ବସ୍ତ୍ର ପରିଧାନ, ଚନ୍ଦନ ଲାଗି ଓ ବଲ୍ଲଭ ଭୋଗ ଅର୍ପଣ କରାଯିବା ସହ ଗଜ ବଦନ ବେଶରେ ସଜ୍ଜିତ କରାଯାଇ ଥିଲା । ଏହା ସହ ମଙ୍ଗଳାର୍ପଣ ଓ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ରେ ମହାପ୍ରଭୁଙ୍କ ଆଜ୍ଞାମାଳ ପୂଜାପଣ୍ଡାଙ୍କ ଦ୍ୱାରା ଅଣାଯାଇ ରଥଖଳା ରେ ନିର୍ମାଣାଧିନ ଥିବା ରଥଚକ ପୂଜା କରାଯାଇ ରଥ-ଚକ-ଅଖ ସଂଯୋଗ କରା ଯାଇଥିଲା । ବିଳମ୍ବିତ ରାତିରେ ଦିଅଁ ମାନଙ୍କ ବେଶ ଉଲାଗି କରାଯାଇ ପୁନର୍ବାର ସ୍ନାନ ମଣ୍ଡପରୁ ପହଣ୍ଡି ବିଜେ କରାଯାଇ ଜଗମୋହନ ଅଣସର ଗୃହ ପର୍ଯ୍ୟନ୍ତ ଦିଅଁ ମାନଙ୍କୁ ଅଣାଯାଇ ବଡ ସିଂହାରବେଶ ସଂପର୍ଣ୍ଣ କରାଯାଇ ଥିଲା । ଆଜିଠାରୁ ୧୫ଦିନ ପର୍ଯ୍ୟନ୍ତ ଦିଅଁ ମାନେ ଅଣସର ଗୃହରେ ବାସ କରୁଥିବାରୁ ମନ୍ଦିରରେ ଅନ୍ନ ପ୍ରସାଦ ଭୋଗଲାଗି କରା ନଯାଇ କେବଳ ଫଳ ଭୋଗ ହିଁ କରା ଯାଇଥାଏ । ଓ ଭକ୍ତମାନେ ପଟିଦିଅଁଙ୍କୁ ଦର୍ଶନ କରିବା ସୁଯୋଗ ପାଇଥାନ୍ତି । ପ୍ରବଳ ଗହଳିକୁ ଲକ୍ଷ୍ୟ କରି ପୋଲିସ ପ୍ରଶାସନ ତରଫରୁ ମନ୍ଦିର ପରିସର ରେ ଓ ରଥଦାଣ୍ଡରେ ସୁରକ୍ଷା ବ୍ୟବସ୍ଥା କରାଯାଇ ଥିଲା ।

# ଚୋରା ମଦ ଜବତ, ମହିଳାଙ୍କ ସମେତ ୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୧୧।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଜମ୍ବୁ ମେରାଇନ ଓ ପାଟକୁରା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବଉଳାକଣି ଗ୍ରାମର ଦୁର୍ଗା ଖିଲାରଙ୍କ ଠାରୁ ୩୪ ଲିଟର ରନ୍ଧା ଦେଶୀ ମଦ, ଜ୍ୟୋତ୍ସ୍ନା ମାଇତିଙ୍କ ଠାରୁ ୨୫ ଲିଟର ଦେଶୀ ରନ୍ଧା ମଦ ଓ ନାଥ ଖିଲାରଙ୍କ ଠାରୁ ୫୬ ଲିଟର ଦେଶୀ ରନ୍ଧା ମଦ ଏବଂ ପେଣ୍ଠ ଗ୍ରାମର ପ୍ରଶାନ୍ତ ନାୟକଙ୍କ ଠାରୁ ୩୭ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୫୨ ଲିଟର ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୧ ମହିଳା ସମେତ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



# ପୋଷେଇକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଦାବିପତ୍ର

**ମହାକାଳପଡ଼ା,୧୧।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଯଶୁଆପଲ୍ଲୀ ରାଜସ୍ୱ ଗ୍ରାମ ଅଧୀନରେ ଥିବା ପଡ଼ା ଗ୍ରାମ ପୋଷେଇ କୁ ଏକ ନୂତନ ରାଜସ୍ୱ ଗ୍ରାମ ଭାବରେ ନାମିତ କରିବାକୁ ଗ୍ରାମବାସୀ ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକ ଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ବାସୁଦେବ ସାହୁ,ବୀରେନ କୁମାର ବେହେରା,ଭବାନୀ ଶଙ୍କର ପଟ୍ଟନାୟକ,ସତ୍ୟଜିତ ପଟ୍ଟନାୟକ,ତ୍ରିଲୋଚନ ସାହୁ,ବିଜ୍ଞାନ ସାହୁ ,ଗୁରୁ ଚରଣ ବେହେରା,ନିରାକାର ରଣା,ଗଗନ ରଣା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକାକିତା ନକଲ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ କେନ୍ଦ୍ରାପଡା ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି। ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଯଶୁଆପଲ୍ଲୀ ଗ୍ରାମ ଅଧୀନରେ ରହିଛି ପୋଷେଇ। ପୋଷେଇରେ ୧୦୦ ପରିବାର ର ୨୫୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ଦୁଇ ଗ୍ରାମ ମଧ୍ୟରେ ଥିବା ଏକ କେନାଲ ପ୍ରାକୃତିକ ପ୍ରତିବନ୍ଧକ ଭାବରେ ରହିଛି। ସେହିପରି ପୋଷେଇ ର ଏକ ସ୍ୱତନ୍ତ୍ର ଗୋଚର (ଚଉକିପଲା) ରହିଛି। ତତସହିତ ଗ୍ରାମରେ ୧୯୩୬ ମସିହାରୁ ଏକ ବିଦ୍ୟାଳୟ ସ୍ଥାପିତ ହୋଇଛି। ଏକ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଥିବାରୁ ପୋଷେଇକୁ ଏକ ନୂତନ ରାଜସ୍ୱ ଗ୍ରାମ ଭାବରେ ଘୋଷଣା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅସ୍ତିତ୍ୱ ହରାଉଛି ଡେରାବିଶରେ କାଡା କେନାଲ



**ଡେରାବିଶ,୧୧।୬(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଜମିକୁ ଜଳ ଯୋଗାଣ ଓ ଜଳ ନିଷ୍କାସନ ପାଇଁ କାଡ଼ା କେନାଲର ପରିକଳ୍ପନା କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହାର ରକ୍ଷଣାବେକ୍ଷଣ ନ ହେବାରୁ ସତ୍ତା ହରାଇଲାଣି ଏହି କେନାଲ। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଚାନ୍ଦୋଳ, ମକୁନ୍ଦପୁର,ଦାନପୁର, କାକଟୀୟା, ବାରିମୂଳ, ଛୋଟୀ, ରଘୁଦେଇପୁର, ଛକନା ଏମିତି ବହୁତ ଅଞ୍ଚଳରେ ଏହି କେନାଲ ନିଜର ଅସ୍ତିତ୍ୱ ହରାଇଛି । ଚାଷ ଜମିକୁ ଜଳ ଯୋଗାଣ ପାଇଁ ଚାଷୀଙ୍କ ପାଖରୁ ଜଳକର ଆଦାୟ କରାଯାଉଛି। ପ୍ରତ୍ୟେକ ଚାଷ ଜମିକୁ ଠିକ ଭାବେ ଜଳ ଯୋଗାଣ କରିବା ପାଇଁ କେନାଲ ମୁଣ୍ଡରୁ ଜମି ମଧ୍ୟ ଦେଇ କାଡା କେନାଲ ନିର୍ମାଣ କରାଯାଇଥିଲା। ଏପରିକି ଏହି କେନାଲ ଦ୍ୱାରା ଜଳ ସେଚନ ସହିତ ଚାଷ ଜମିରୁ ଜଳ ନିଷ୍କାସନ ହେବାରେ ମଧ୍ୟ ସହାୟକ ହେଉଥିଲା। ଏହାର ସୁପରିଚାଳନା ପାଇଁ ଆପେକ୍ସ କମିଟିଠାରୁ ଆରମ୍ଭ କରି ସୋଠ କମିଟି ଗଠନ କରାଯାଇଥିଲା। ମାତ୍ର ଏହି କମିଟି ଗଠନରେ ରାଜନୈତିକ ବାଦବିବାଦ ସୃଷ୍ଟି ହେବାରୁ ତାହା ପ୍ରାୟ ପାଞ୍ଚ ବର୍ଷ ହେବ ଗଠନ ହୋଇପାରିନାହିଁ ଓ ଫଳରେ ଏହି କେନାଲ ପରିଚାଳନା ଗତ ତ୍ରୁଟି ଯୋଗୁ ସତ୍ତା ହରାଇଲାଣି। କେତେକ ସ୍ଥାନରେ ଜମି ମାଲିକମାନେ କାଡା କେନାଲକୁ ହାଣି ନିଜ ଜମିରେ ମିଶାଇ ସାରିଥିବା ବେଳେ ଆଉ କେତେକ ସ୍ଥାନରେ କାଡା କେନାଲ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଫଳରେ ପ୍ରତ୍ୟେକ ଚାଷ ଜମିକୁ ଠିକ ଭାବେ ଜଳ ଯୋଗାଣ ହୋଇପାରୁ ନ ଥିବା ସ୍ଥଳେ ଉଦବୃତ୍ତ ଜଳ ନିଷ୍କାସନ ହୋଇ ନ ପାରିବାରୁ ଚାଷ ଜମି ବୁଡି ରହୁଛି ଓ ଫଳରେ ଜମିରେ ଚାଷ କାର୍ଯ୍ୟ ହୋଇନ ପାରିବାରୁ ଚାଷୀ ଚିନ୍ତାରେ ରହୁଛି। ଏ ସମ୍ପର୍କରେ ଅଞ୍ଚଳବାସୀ ଜଳ ସମ୍ପଦ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ବହୁ ଚାଷୀ ପ୍ରକାଶ କରିଛନ୍ତି। ତେବେ ଚଳିତ ବର୍ଷ ମଧ୍ୟ ବର୍ଷା ଦିନ ପୂର୍ବରୁ ଯଦି କାଡା କେନାଲକୁ କାର୍ଯ୍ୟକ୍ଷମ କରା ନଯାଏ ତେବେ ଶତାଧିକ ଏକର ଚାଷଜମିରୁ ପାଣି ନିଷ୍କାସିତ ହୋଇ ନ ପାରି ବୁଡ଼ି ରହିବା ଯୋଗୁ ଚାଷକାର୍ଯ୍ୟ ହୋଇପାରିବ ନାହିଁ। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ଡେରାବିଶର ୧୧ ବିଦ୍ୟାଳୟ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ହେବେ ସାମିଲ

**ଡେରାବିଶ,୧୧।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଶିକ୍ଷା ବିଭାଗରେ ନବକଳେବର ଆରମ୍ଭ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ପାଇଁ ପଦକ୍ଷେପ ନେଉଛନ୍ତି। ଭିତ୍ତିଭୂମିରେ ସୁଧାର ଆଣିବା ପାଇଁ ନୂଆ ଯୋଜନା ଆରମ୍ଭ ହୋଇଛି । ଏହି କ୍ରମରେ ଡେରାବିଶ ବ୍ଲକର ୨୬ଟି ପଞ୍ଚାୟତରୁ ୧୧ଟି ବିଦ୍ୟାଳୟକୁ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯିବ ବୋଲି ପ୍ରସ୍ତାବ ଦିଆଯା ଆଯାଇଛି। ନହଙ୍ଗର ଯୁଗଜ୍ୟୋତି ୟୁପିଏସ୍, ଏଣ୍ଡରର ଓ୍ୱେଷ୍ଟ ଶ୍ୟାମସୁନ୍ଦରପୁର ୟୁପିଏସ୍ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ୟୁଜିୟୁପି, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀ ଜାଗୁଳାଇ ୟୁପି, ଗୁଆଳସିଂଘ ଠାକୁରପାଟଣା ୟୁଜିୟୁପି ବେଣୀପୁରର ବେଣୀପୁର ୟୁପିଏସ୍, ଇନ୍ଦାଳୋର ପଞ୍ଚାୟତ ୟୁପିଏସ୍ ନାନକାର, ଖମୋଳ ମାଳସ୍ଥ ଜହ୍ନିମୂଳ ୟୁପିଏସ୍ ପଲେଇ ପଞ୍ଚାୟତର ପଲେଇ ପ୍ରୋଜେକ୍ଟ ୟୁପିଏସ୍ ଚାଟରାଚକଡ଼ା ପଞ୍ଚାୟତର ବାସନ୍ତୀ ନୋଡାଲ ୟୁପିଏସ୍ ଓ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ୟୁଜିୟୁପି ସ୍କୁଲକୁ ଏହି ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।

# ଜରି ମାଉସୀ କମଳାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଲେ ସାଂସଦ ଓ ବିଧାୟକ



**କେନ୍ଦ୍ରାପଡା,୧୧।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଗୁଲନଗର ପଂଚାୟତ ଖଇରାବାଦ ଗ୍ରାମର ସ୍ୱର୍ଗତ କମଳା ମହାରଣା ଓରଫ ଜରି ମାଉସୀଙ୍କ ଦ୍ୱାଦଶାହ ତିଥିରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ସ୍ୱର୍ଗତ କମଳାଙ୍କ ଖଇରାବାଦ ବାସଭବନ ରେ ପହଁଚି ସାଂସଦ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ପରିଷଦ ସଦସ୍ୟ ଭୁବନ ମୋହନ ଜେନା, ଗୀତାଞ୍ଜଳୀ ସେଠୀ, କରୁଣାକର ସାହୁଙ୍କ ସମେତ ଉପୀନ ରାଉତ, ଅମିତାଭ ସୁଆର, ଅଭିମନ୍ୟୁ ଗୋଛାୟତ, କୃଷ୍ଣଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡା, ସଲିମ ଖାନ, ଜ୍ୟୋସ୍ନାରାଣୀ ଜେନା, କଳ୍ପନା ମଲିକ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତ୍ କାର୍ଯ୍ୟକ୍ରମ ରେ କମଳା ମହାରଣାଙ୍କ ନାମ ସ୍ମରଣ କରି ତାଙ୍କର ଗଠନ ମୂଳକ ଲୋକ ହିତକର କାର୍ଯ୍ୟକୁ ପ୍ରଶଂସା କରିଥିବାରୁ ସେ ଜରି ମାଉସୀ ନାମରେ ସମଗ୍ର ଦେଶରେ ପ୍ରସିଦ୍ଧି ଲାଭ କରିଥିଲେ ।

# କେନ୍ଦ୍ରାପଡାରେ ଆଜି ଠାରୁ ବିକାଶ ମେଳା

**କେନ୍ଦ୍ରାପଡା,୧୧।୬(ସଂଚାର ବ୍ୟୁରୋ):** ରାଜ୍ୟରେ ନୂଆ ସରକାର ଗଠନରେ ଏକ ବର୍ଷ ପୂର୍ତ୍ତି ଅବସରରେ ସେବା, ସୁଶାସନ ଓ ସଫଳତାର ଏକ ବର୍ଷର ଉପଲବ୍ଧି ଓ ହାତକୁ ନିଆଯାଇଥିବା ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜନ ସାଧାରଣଙ୍କୁ ସଚେତନ କରିବାକୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା ଓ ବିକାଶ ରଥ ପରିକ୍ରମା ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲିଠାରୁ ଶ୍ରୀବଳଦେବଜୀଉଙ୍କ ମାଉସୀମା ମନ୍ଦିର ସମ୍ମୁଖରେ ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା ଆୟୋଜିତ ହେବ। ଉକ୍ତ ମେଳାରେ ପଞ୍ଚାୟତରାଜ ଓ ପାନୀୟଜଳ ସମେତ ବିଭିନ୍ନ ବିଭାଗର ପ୍ରାୟ ୫୦ଟି ଷ୍ଟଲ ପ୍ରଦର୍ଶିତ କରାଯାଇ ସମସ୍ତ ସେବା ବିଷୟରେ ଲୋକଙ୍କୁ ସଚେତନ କରାଯିବ । ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା ଓ ପ୍ରଦର୍ଶିତ ହେବ । ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସେବା, ସୁଶାସନ ଓ ସଫଳତାର ଏକ ବର୍ଷ ପରିପ୍ରେକ୍ଷୀରେ ଆସନ୍ତାକାଲି ଠାରୁ ୨୧ ଜୁନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା କରିବ।

# ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ରଥଦାଣ୍ଡରେ ପଣା ବଣ୍ଟନ



**କେନ୍ଦ୍ରାପଡା,୧୧।୬(ସଂଚାର ବ୍ୟୁରୋ):** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀ ଶ୍ରୀ ସିଦ୍ଧବଳଦେବଜୀଉ ଙ୍କ ମନ୍ଦିର ରଥଦାଣ୍ଡ ରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ନଗର ତରଫ ରୁ ଗ୍ରୀଷ୍ମ ପ୍ରବାହ କୁ ଲକ୍ଷ କରି ହଜାର ହଜାର ଭକ୍ତ ଙ୍କ ଉଦେଶ୍ୟ ରେ ଥଣ୍ଡା ଦହି ସର୍ବତ ବଣ୍ଟନ କରାଯିବା ସହିତ ମନ୍ଦିର ସମ୍ମୁଖ ରେ ସ୍ୱଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ କୁ ଯଶପାଲ ସୁତାର, ନୀଳକଣ୍ଠ ସ୍ୱାଇଁ, ପ୍ରସନ ଜିତ ଦାସ, ଚନ୍ଦନ ମହାନ୍ତି, ଭଜନ ସୁତାର, ପ୍ରଶାନ୍ତ ଦାସ, ବିଶ୍ୱଜିତ ବେହେରା ଙ୍କ ସମେତ ୫୦ ଉର୍ଦ୍ଧ ସହଯୋଗୀ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୧୧।୬(ସଂଚାର ବ୍ୟୁରୋ):** ଜିଲ୍ଲା ମିଶନ ଶକ୍ତି ଭୱନ ବାରୋ କେନ୍ଦ୍ରାପଡ଼ାଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ଗ୍ରାମ ପଞ୍ଚାୟତର ଦଧିବାମନଜିଉ ଉତ୍ପାଦକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାରୀ କରିଛି । ସେହିପରି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଧୂମାତ ଗ୍ରାମ ପଞ୍ଚାୟତର ହରପାର୍ବତୀ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଏବଂ ଆଳି ବ୍ଲକ ମେଣ୍ଡପୁର ଗ୍ରାମ ପଞ୍ଚାୟତର ନନ୍ଦଲାଲା ଜିଉ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଛି । ପୁରସ୍କାର ରାଶି ବାବଦରେ ଯଥାକ୍ରମେ ୧୦ ହଜାର, ୮ ହଜାର ଏବଂ ୬ହଜାର ଟଙ୍କା ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, ଡେପୁଟି କଲେକ୍ଟର ତୃପ୍ତି ଦାସ,ଶୋଭମ ଶ୍ରୀତମ ପଣ୍ଡା ଯୋଗ ଦେଇଥିଲେ । ଜୁରୀ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୋନାରମା ସ୍ୱାଇଁ,ଜିଲ୍ଲା ଖାଦ୍ୟ ଯୋଗାଣ ନିରୀକ୍ଷଣ ଅଧିକାରୀ ପ୍ରିତିଶ ଦାସ ଏବଂ ତୁଳସୀ ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ସବିତା ଦାସ ଯୋଗ ଦେଇଥିଲେ। ଓଡିଶା ଜୀବିକା ମିଶନର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପାଢ଼ୀ, ଡିପିସି ମିଶନ ଶକ୍ତି ଆରତୀ ସାହୁ ସଂଯୋଜନା କରିଥିଲେ ।

# ବିକାଶ ବାହନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ପଟ୍ଟାମୁଣ୍ଡାଇ, ୧୧।୬(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ସରକାରୀ ଜନ କଲ୍ୟାଣ ଯୋଜନା ଗୁଡିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ପ୍ରତି ବ୍ଲକରେ ଆସନ୍ତା ୧୨ ତାରିଖରୁ ୨୧ ତାରିଖ ଯାଏଁ ୧୦ ଦିନବ୍ୟାପୀ ବିକାଶ ବାହାନ ଯାତ୍ରା କରାଯିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏହି ପରିପେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକରେ ବିକାଶ ଯାତ୍ରାକୁ ସଫଳ କରିବା ପାଇଁ ବ୍ଲକ୍ ସମ୍ମିଳନୀ କକ୍ଷରେ ବିଡ଼ିଓ ଅଶୋକ ମହାନ୍ତିଙ୍କ ପୌରହିତ୍ୟରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଯୋଗ ଦେଇ ଏହି ବିକାଶ ରଥ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ଟି ପଂଚାୟତର ସମସ୍ତ ଗ୍ରାମରେ ପହଂଚି ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରି ପାରିବ ସେ ଦିଗରେ ସମସ୍ତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀ ଯତ୍ନବାନ ହେବା ସହିତ ସମାଜରେ ତୃଣମୂଳରେ ଥିବା ଗରିବ ଲୋକମାନେ ବିଭିନ୍ନ ଜନକଲ୍ୟାଣରେ ସାମିଲ ହୋଇପାରିବେ ସେଥିପାଇଁ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ବିଡ଼ିଓ ଶ୍ରୀ ମହାନ୍ତି ଏହି ସରକାରୀ କାର୍ଯ୍ୟକ୍ରମକୁ ସଫଳ କରି ଜିଲ୍ଲା ସ୍ତରରେ ପଟ୍ଟାମୁଣ୍ଡାଇ ବ୍ଲକର ଥିବା ସୁନାମକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଉପାଧ୍ୟାକ୍ଷା ଜୟନ୍ତୀ ସ୍ୱାଇଁ, ବ୍ଲକ ସହ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର, ସିଡିପିଓ ଲକ୍ଷ୍ମୀମଣୀ ସିଂ, ଏଫଓ ହରପ୍ରିୟା ବେହେରା, ଓଏଲଏମ ବିପିଏମ ପ୍ରକାଶ ସେଠୀ, ସୁଧାଂଶୁ ଶେଖର ପ୍ରଧାନ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁନିତୀ ଦାଶ, ସବଡିଭିଜନ ହସ୍ପିଟାଲ ପିଏଚ ନୃସିଂହ ଦାଶଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ପଦାଧିକାରୀଙ୍କ ସହ ପଂଚାୟତର ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ଦୁଇ ଦିନ ତଳେ ନୀଳକଣ୍ଠପୁର ପଂଚାୟତର ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାୟତଙ୍କ ଅକାଳ ବିୟୋଗରେ ଏକ ମିନିଟ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ବ୍ଲକ୍ ଗ୍ରାମ ପଂଚାୟତ ବିକାଶ ଅଧିକାରୀ ରଂଜିତ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟକିରାଣୀ ଗୌରୀ ବେହେରା, ପିଇଓ ପ୍ରଭାତ ମଲ୍ଲିକ, ସିପି ପ୍ରିୟ ରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

● ବିଜେପି ମହିଳା ମୋର୍ଚ୍ଚା ତରଫରୁ

# 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**କେନ୍ଦ୍ରାପଡା, ୧୧।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ତରଫରୁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ବରିଷ୍ଠ ବିଜେପି ସଭାନେତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ମହିଳା ମୋର୍ଚ୍ଚାର ସଭ୍ୟା ମାନେ ଜାମୁ, ପିଜୁଳି, ଦେବଦାରୁ, ଚମ୍ପା, କଦମ୍ବ, ଅଶୋକ, ବେଲ ପ୍ରଭୃତି ବୃକ୍ଷ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ବନ୍ଦନା ରାଉତରାୟ, ପ୍ରିୟଙ୍କା ଶତପଥୀ, ରଶ୍ମିତା ସାହୁ, ସସ୍ମିତା ସାମଲ, ତନୁଜା ଆଷ୍ଟା, ରେଖା ରାଉଳ, ପଙ୍କଜିନୀ ସାମଲ, ଗୋପାଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀ ବଳଦେବଜୀଉ ମନ୍ଦିରର ଚକା ଛଡା ପରମ୍ପରା ଭଙ୍ଗ

**କେନ୍ଦ୍ରାପଡା,୧୧।୬(ସଂଚାର ବ୍ୟୁରୋ):** ସ୍ନାନ ପୂର୍ଣ୍ଣିମା ଚକା ଛଡ଼ା ନୀତିରେ ସମୟ ପରିବର୍ତ୍ତନ କଲେ ପରମ୍ପରା କୁ ନେଇ ଉଠିଲା ପ୍ରଶ୍ନ । ସ୍ନାନ ପୂର୍ଣ୍ଣିମା ଚକା ଛଡ଼ା ନୀତିରେ ମହାଜନ ପାଣିଗ୍ରାହୀ ସେବକ ସମୟରେ ପରିବର୍ତନ କରିଥିଲେ ଯାହା ସାଧାରଣରେ ପରମ୍ପରା କୁ ନେଇ ଭକ୍ତଙ୍କ ମହଲରେ ପ୍ରଶ୍ନ ଉଠିଛି । ପୂର୍ଣ୍ଣିମା ପୂର୍ବ ଦିନ ଚତୁର୍ଦଶୀ ରାତ୍ରରେ ବଡ଼ସିଂହାର ସମ୍ପନ୍ନ ପରେ ଶ୍ରୀ ଜୀଉ ଙ୍କ ଚଳନ୍ତି ପ୍ରତିମା ସିଂହାସନରୁ ଅନ୍ୟ ସ୍ଥାନକୁ ପୂଜା ପଣ୍ଡାମାନେ ବିଜେ କରିଥାନ୍ତି । ପରେ ମହାଜନ ପାଣଗ୍ରାହୀଙ୍କ ଦ୍ୱାରା ସିଂହାସନ କୁ ଯାଇ ମହାପ୍ରଭୁଙ୍କୁ ଭୋଗ ମଣ୍ଡପ କୁ ବିଜେ କରିଥାନ୍ତି । ସଠିକ୍ ସମୟରେ ନହୋଇ ରାତ୍ର ଚାରିଟା ବେଳକୁ ଆସି ବିଜେ କରି ସେନାପଟା କରିଥିଲେ । ଯାହା ଫଳରେ ସମୟ ରେ ପରିବର୍ତନ ହୋଇଥିଲା । ନୂତନ ଟ୍ରଷ୍ଟ ବୋର୍ଡ ହୋଇ ସାରିଥିଲା ବେଳେ ଆଗ କୁ ରଥଯାତ୍ରା ପରିଚାଳନା କିପରି କରିବେ ସେ ନେଇ ଭକ୍ତଙ୍କ ମହଲରେ ପ୍ରଶ୍ନ ଉଠିଛି ।

# ଜୁଲାଇ ୮ରୁ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ ଆନ୍ଦୋଳନ



**କେନ୍ଦ୍ରାପଡା,୧୧।୬ (ସଂଚାର ବ୍ୟୁରୋ):** ଓଡିଶା ଡ୍ରାଇଭର ମହାସଂଘ ର ନିଷ୍ପତି କ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ଦୀର୍ଘଦିନ ରୁ ଦାବି କରା ଯାଉଥିବା ଦାବି ଗୁଡିକ ମଧ୍ୟରୁ ଗୋଟିଏ ପୁରଣ ହୋଇଥିବା ବେଳେ ଅନ୍ୟ ୬ ଗୋଟି ଦାବିର କୌଣସି ସମାଧାନ ହୋଇ ନଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ଆସନ୍ତା ୧ ମାସ ମଧ୍ୟରେ ରାଜ୍ୟ ସରକାର ଏହି ଦାବି ଗୁଡିକ ପୁରଣ ନକଲେ ଜୁଲାଇ ୮ରୁ ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ ସମଗ୍ର ରାଜ୍ୟରେ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଦାବି ଗୁଡିକ ମଧ୍ୟରେ ସେପ୍ଟେମ୍ବର ୧ ତାରିଖ କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା, ଓଡିଶା ରେ ଥିବା ସମସ୍ତ ଖଣି ଖାଦାନ ଓ କାରଖାନା ମାନଙ୍କରେ ୭୦ ଭାଗ ଓଡିଆ ଡ୍ରାଇଭର ଙ୍କୁ କାମ କରିବା ପାଇଁ ସଂରକ୍ଷଣ ଦେବା, ପ୍ରତି ୧୦୦ କିମି ଅନ୍ତରରେ ଗାଡି ପାର୍କିଂ, ଡ୍ରାଇଭର ମାନଙ୍କ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା କରିବା, ୬୦ ବର୍ଷ ପରେ ଡ୍ରାଇଭର ମାନଙ୍କୁ ସ୍ୱତନ୍ତ୍ର ଭତା ପ୍ରଦାନ ଓ ଡ୍ରାଇଭର ଓ୍ୱେଲଫାୟାର ଫଣ୍ଡରେ ଅଟୋ ଡ୍ରାଇଭର ମାନଙ୍କୁ ସାମିଲ କରିବା ଆଦି ଦାବି ଗୁଡିକ ରହିଛି । ଡ୍ରାଇଭର ମହାସଂଘ ର ସଭାପତି ରଂଜନ କୁମାର ଦାସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସଂପାଦକ ରଂଜନ ମହାନ୍ତି, ଅଜୟ ସେଠୀ, ଜାବିର ଖାନ, ସେକ ମୁସ୍ତାକିମ୍, ଅଶ୍ୱିନୀ କୁମାର ଗିରି, ଦିପକ ଦାସ, ବିଶ୍ୱ ପ୍ରସାଦ ନାୟକ, ପର୍ଶୁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ୟବସାୟୀ ନିରଞ୍ଜନ ପ୍ରଧାନଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୧୧।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ଓ୍ୱଲେତଳ ଗ୍ରାମର ପୁରାତନ ବ୍ୟବସାୟୀ ନିରଞ୍ଜନ ପ୍ରଧାନଙ୍କର ୮୧ ବର୍ଷ ବୟସରେ ପରଲୋକ ଘଟିଛି। ଶ୍ରୀପ୍ରଧାନ ପଟ୍ଟାମୁଣ୍ଡାଇ ସହର ଏମ୍ ଆର ଏଫ୍ କମ୍ପାନୀର ଡିଲର ତଥା ଓ୍ୱଲେତଳ ଗ୍ରାମ୍ୟ କମିଟିର ସଭାପତି ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ କାଉନସିଲର ଗୋପୀ ବଲ୍ଲଭ ନାୟକ,ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ,ଯୁବନେତା ଅବିନାଶ ଲେଙ୍କା ଓ ସନାତନ ବିଶ୍ୱାଳ ପ୍ରମୁଖ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପିନାଥ କର ଉପସଭାପତି ମୋହନ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ପ୍ରଧାନଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ରବି ରଞ୍ଜନ ପ୍ରଧାନ ମୁଖାଗ୍ନି ଦେଇଥିଲେ।

### ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଘରେ ପହଞ୍ଚିବ ପେନସନ

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ସରକାର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେଉଁ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ପେନସନ୍ ନେବାକୁ ଆସିପାରୁନାହାନ୍ତି ସେମାନଙ୍କୁ ଘରେ ପେନସନ୍ ପହଞ୍ଚାଇବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରନ୍ତୁ। ରାଜ୍ୟ ସରକାର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ମଧୁ ବାବୁ ପେନସନ୍ ଯୋଜନା ଅଧୀନରେ ୮୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୂର୍ଦ୍ଧ୍ୱ ଅକ୍ଷମତା ଥିବା ହିତାଧିକାରୀମାନଙ୍କୁ ଘରେ ପେନସନ୍ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଆରଏସ ଗୋପାଳନ ଏ ସମ୍ପର୍କରେ ଆଜି ଡିଏସ୍ଏସ୍ଓମାନଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି ଯେ ଅନେକ ହିତାଧିକାରୀ ଶାରୀରିକ ଦୁର୍ବଳତା ହେତୁ ପେନସନ୍ ବଣ୍ଟନ ସ୍ଥାନକୁ ଆସିପାରୁନାହାଁନ୍ତି। ତେଣୁ ଏଭଳି ହିତାଧିକାରୀଙ୍କ ଘରେ ପେନସନ୍ ପହଞ୍ଚାଇବା ଜରୁରୀ। ଏସ୍ଏସ୍ଇପିଡି ବିଭାଗ ଜିଲ୍ଲା ପ୍ରଶାସନକୁ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ପଞ୍ଚାୟତିରାଜ ବିଭାଗର ଆଉଟରିଚ୍ କାର୍ଯ୍ୟକ୍ରମ 'ବିକାଶ ରଥ' ସମୟରେ ଏମ୍‌ବିପିଏଉର ସମସ୍ତ ହିତାଧିକାରୀଙ୍କୁ ଘରେ ପେନସନ୍ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଏମ୍‌ବିପିଏଉ ହେଉଛି ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା। ଏହା ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଏବଂ କୋଭିଡ଼-୧୯ ପୀଡ଼ିତଙ୍କ ଅନାଥ ଶିଶୁଙ୍କ ସାମାଜିକ ସୁରକ୍ଷା ଆବଶ୍ୟକତାକୁ ପୂରଣ କରେ।

### ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି: ରାଷ୍ଟ୍ରୀୟ ପୁରସ୍କାର ବିଜେତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଭାବ ବିନିମୟ

# ରାଜ୍ୟରେ ପ୍ରତିଷ୍ଠା ହେବ ୨୧ ମହାପୁରୁଷଙ୍କ ପ୍ରତିମୂର୍ତ୍ତି



**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ଗଣତାନ୍ତ୍ରିକ ରାଷ୍ଟ୍ରରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଲେ ସାଧାରଣ ଜନତା। ପ୍ରତି ବର୍ଗର ଲୋକେ ଗଣତାନ୍ତ୍ରିକ ପଦ୍ଧତିର ଅଂଶବିଶେଷ। ଆମ ଶାସନର ପ୍ରଥମ ବର୍ଷ ଥିଲା ଲୋକଙ୍କ ଆଶା-ଆକାଂକ୍ଷା ପୂରଣ କରିବାର ଓ ସରକାର-ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ଦୂର କରି ସେତୁ ବାନ୍ଧିବାର ବର୍ଷ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କନଭେନସନ ସେଣ୍ଟରଠାରେ ରାଜ୍ୟର ରାଷ୍ଟ୍ରୀୟ ପୁରସ୍କାର ବିଜେତା, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀଙ୍କ ସହ ଭାବ ବିନିମୟ ଅବସରରେ ମତ ବ୍ୟକ୍ତ କରିଛନ୍ତି। ସେ କହିଥିଲେ ଯେ ପ୍ରଥମ ବର୍ଷରେ ଆମ ସରକାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ଆମେ ଲୋକଙ୍କ ପାଖରେ କିଭଳି ପହଞ୍ଚିବୁ ଏବଂ ଏହାକୁ ଆମେ ସଫଳ କରି ଦେଖାଇଛୁ। ବଜେଟଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ଏ ସମସ୍ତ କାର୍ଯ୍ୟର ମୂଲ୍ୟାଙ୍କନ ଆଜି ଜନସାଧାରଣ କରୁଛନ୍ତି। ପ୍ରତ୍ୟେକ କାର୍ଯ୍ୟ ହାତକୁ ନେବା ପୂର୍ବରୁ ଆଜି ସରକାର ଲୋକଙ୍କ ମତ ନେଉଛନ୍ତି ଓ ସେମାନଙ୍କ ଫିଡବ୍ୟାକ ଆଧାରରେ ହିଁ ସରକାର ସମସ୍ତ ନୀତି ପ୍ରଣୟନ କରୁଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ସହ ଅନେକ ଅଭିନବ ପରିକଳ୍ପନାକୁ ରୂପାୟିତ କରାଯାଇଛି। ରାଜ୍ୟର ବରପୁତ୍ରମାନଙ୍କୁ ସମ୍ମାନ ହେଉ ଅବା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଆ ସଂସ୍କୃତିକୁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ପ୍ରତିପାଦିତ କରିବା ହେଉ, ସବୁଠିରେ ସରକାର ନିଜର ପ୍ରତିଶ୍ରୁତି ରକ୍ଷା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଆଗାମୀ ଦିନରେ ୨୧ ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ। ସ୍ୱାଧୀନ ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ବର୍ଷବ୍ୟାପୀ କରାଯାଉଛି। ଏଥିସହ ମହାନ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ ସ୍ମୃତି ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ଶିଶୁ ଉଦ୍ୟାନ ଏହିଭଳି ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ପ୍ରତିଷ୍ଠା କରାଯିବ। ରାଜ୍ୟରେ ପ୍ରାୟ ଦେଢ଼ଶହ ମହାପୁରୁଷ ଓ ମହିୟସୀଙ୍କ ଜନ୍ମସ୍ଥାନକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଭରସା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଆଜି ଓଡ଼ିଶା ନିଜ ଅସ୍ମିତା ପାଇଁ ଅନେକ ପଦକ୍ଷେପ ନେଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ 'ସଂସ୍କୃତିରୁ ସମୃଦ୍ଧି'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

## ଯୋବ୍ରା ରଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗଜାନନ ବେଶ



**କଟକ,୧୧।୬(ସଂଚାର ବ୍ୟୁରୋ):** 'ଯୋବ୍ରା ରଥ' ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନ ପୂର୍ଣ୍ଣିମାରେ ମହାନଦୀର ଆନିକଟ ଘାଟରୁ ପବିତ୍ର ଜଳ ଆଣି ୧୦୮ ଗରାରେ ସ୍ନାନ କରାଯାଇ ଗଜାନନ ବେଶ କରାଯାଇଛି। ମହାପ୍ରଭୁଙ୍କ ଜନ୍ମଦିନ କାର୍ଯ୍ୟକ୍ରମରେ ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତି, କାଶୀନାଥ ନାୟକ, ଶିବେନ୍ଦ୍ର ନାୟକ, ହିମାଂଶୁ ମହାରଣା, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଭାତ ତ୍ରିପାଠୀ, ଜଗନ୍ନାଥ ନାୟକ, ରବୀନ୍ଦ୍ର ନାୟକ, ନାରାୟଣ ବେହେରା, ଦାଶରଥି ନାୟକ, ଦେବାଶିଷ ବେହେରା, ଶୁଭମ ପଟ୍ଟନାୟକ, ପ୍ରସନ୍ନ ନାୟକ, ଆଲୋକ ନାୟକ, ବାବୁ ବେହେରା, ସୀମାଞ୍ଚଳ ରେଡ୍ଡୀ, ପୂଜକ ବିଜୟ ପଣ୍ଡା, ମନୋରଞ୍ଜନ ପଣ୍ଡା, ସୁଶାନ୍ତ ସାମନ୍ତରାୟ, ଭାଗିରଥୀ ସାମନ୍ତରାୟ ଓ ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଶ୍ରୀ ଜୟ ଜଗନ୍ନାଥ ନଦିଆ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଆଧାର କାର୍ଡ ନଥିଲେ ଲେଖାଇହେବ ନାଁ

**ଭୁବନେଶ୍ୱର, ୧୧।୬ (ସଂଚାର ବ୍ୟୁରୋ) :** ଆଧାର କାର୍ଡ ନଥିଲେ ସ୍କୁଲରେ ହେବ ଆଡମିଶନ । ପରବର୍ତ୍ତୀ ସମୟରେ ଆଧାର କାର୍ଡ କରି ସ୍କୁଲରେ ଦାଖଲ କରିପାରିବେ ଛାତ୍ରଛାତ୍ରୀ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ ତାଙ୍କର କେମିତି ଆଧାର କାର୍ଡ ହୋଇପାରିବ ସେଥିପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ସ୍କୁଲ ଡ୍ରପ୍ ଆଉଟ୍ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ଭେ କରାଯାଇଛି । ଚାଇଲ୍ଡ ଟ୍ରାକିଂ ସର୍ଭେ ବିଭାଗ ପକ୍ଷରୁ କରାଯାଇଛି। ପିଲା କେଉଁ କାରଣରୁ ଡ୍ରପ୍ ଆଉଟ୍ ହେଉଛନ୍ତି ଏବଂ ସ୍କୁଲକୁ ଯାଉନାହାନ୍ତି। ଏନେଇ ୧୮ ବର୍ଷ ବୟସର ପିଲାମାନଙ୍କର ସର୍ଭେ କରାଯାଇଛି। ଡୋର୍ ଟୁ ଡୋର୍ ଯାଇ ଶିକ୍ଷକମାନେ ସର୍ଭେ କରିଛନ୍ତି। ରିପୋର୍ଟ ଆସିବା ପରେ ଏହାକୁ ଅଧ୍ୟୟନ କରି କିପରି ଡ୍ରପ୍ଆଉଟ୍ କମିପାରିବ, ସେନେଇ ସରକାର ପଦକ୍ଷେପ ନେବେ। ଏଥିସହ ସରକାରଙ୍କ ପକ୍ଷରୁ ଏସ୍‌ସିଏସ୍‌ଟି ଛାତ୍ରଛାତ୍ରୀଙ୍କ ଡ୍ରପ୍ଆଉଟ୍ କମାଇବା ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ କରାଯାଇଛି। ତେଣୁ ସରକାରଙ୍କ ପଦକ୍ଷେପ ଯୋଗୁଁ ଚଳିତ ଥର ପ୍ରାଥମିକ ସ୍ତରରେ ଅଧିକ ପିଲା ଆଡମିଶନ କରିଥିବା ମନ୍ତ୍ରୀ କହିଛନ୍ତି।

# ଆଜିଠାରୁ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଅଲାରନାଥ



**ପୁରୀ,୧୧।୬(ସଂଚାର ବ୍ୟୁରୋ):** ସ୍ନାନଯାତ୍ରା ଶେଷ ହେବା ପରେ ଠାକୁରଙ୍କୁ ଅଣସର ଘରକୁ ନିଆଯିବ। ଆସନ୍ତାକାଲିଠାରୁ ଶ୍ରୀଅଲାରନାଥ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ରହ୍ମଗିରିରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ।ସୁରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ହେବେ। ୭ ପ୍ଲାଟୁନ ପୁଲିସ୍ ସହ ଜଣେ ସେକ୍‌ସନ ଫୋର୍ସ ସାଦା ପୋଷାକରେ ରହିବେ । ସେହିପରି ଜଣେ ଅତିରିକ୍ତ ପୁଲିସ ଅଧୀକ୍ଷକ, ୪ ଜଣ ଡିଏସ୍‌ପି, ୩ ଜଣ ଇନ୍‌ସପେକ୍ଟ, ୧୭ ଜଣ ଏସ୍‌ଆଇ/ଏଏସ୍‌ଆଇ, ୪ ଜଣ ହାବିଲଦାର, ୬ ଜଣ କନଷ୍ଟେବଳ, ୫୬ ଜଣ ଗୃହରକ୍ଷୀ, ୧୦ ଜଣ ଟ୍ରାଫିକ ପୁଲିସ ଉପସ୍ଥିତ ରହିବେ ।ସୁରକ୍ଷା ପାଇଁ ବେରିକେଡ ଲାଗିସାରିଛି । ସକାଳ ୬ଟାରୁ ଆରମ୍ଭ ହେବ ଅଲାରନାଥଙ୍କ ସାଧାରଣ ଦର୍ଶନ । ମହାପ୍ରଭୁଙ୍କର ଏହି ପୀଠରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଭିଡ଼ ରହିବ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

# ଶ୍ରାବଣୀଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ




**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୫ରେ ୪ ଗୁଣା ୧୦୦ ମିଟର ରିଲେ ଦୌଡ଼ରେ ଭାରତ ରୌପ୍ୟ ପଦକ ପାଇଥିଲା। ଏହି ଦଳରେ ଅନ୍ୟତମ ପ୍ରତିଯୋଗୀ ଭାବେ ରହିଥିଲେ ଓଡ଼ିଶାର ତାରକା ଆଥଲେଟ୍ ଶ୍ରାବଣୀ ନନ୍ଦ। ଏହି ପଦକ ଜିତି ଶ୍ରାବଣୀ ରାଜ୍ୟ ତଥା ପାଇଁ ସୁନାମ ଆଣିଥିବା ବେଳେ ତାଙ୍କୁ ଏହି ଉପଲବ୍ଧି ପାଇଁ ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରାବଣୀଙ୍କୁ ୨.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶ୍ରାବଣୀଙ୍କ ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। ଶ୍ରାବଣୀଙ୍କ ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ ଓ ବିଶେଷକୀ ମହିଳା କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା ଜଗତରେ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରଣା ଦେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୟୁନିଟ-୫ ଜଗନ୍ନାଥ ମନ୍ଦିରରେ ସ୍ନାନୋତ୍ସବ



**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଶୁଭାରମ୍ଭ ପର୍ବ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନୋତ୍ସବ ଆଜି ୟୁନିଟ-୫ ଜଗନ୍ନାଥ ମନ୍ଦିରରେ ସମସ୍ତ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ପ୍ରାତଃରୁ ସ୍ନାନ ପୂର୍ଣ୍ଣମୀ ବିଧି ଅନୁଯାୟୀ ବିଗ୍ରହମାନଙ୍କୁ ପହଣ୍ଡିରେ ଅଣାଯାଇ ସ୍ନାନବେଦୀରେ ବସାଯାଇଥିଲା। ସେଠାରେ ୧୦୮ କଳସୀରେ ବିଭିନ୍ନ ପୂଜା ସାମଗ୍ରୀ ମିଶ୍ରିତ ସୁବାସିତ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା। ପରେ ହସ୍ତୀ ବେଶରେ ବିଗ୍ରହମାନଙ୍କୁ ସୁସଜ୍ଜିତ କରାଯାଇଥିଲା। ଆଜି ଦିନତମାମ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମହାପ୍ରଭୁଙ୍କୁ ଦିବ୍ୟ ଦର୍ଶନ କରି କୃପାଲାଭ କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହର ମଧ୍ୟ ଭକ୍ତମାନେ ମଜା ନେଇଥିଲେ। ମନ୍ଦିର କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ବି କରାଯାଇଥିଲା।

# ବନ୍ଧୁର ମୃତ୍ୟୁ ପରେ ସବୁ ଟଙ୍କା ଲୁଟିନେଲା ଅମଣିଷ ଦୁର୍ଯ୍ୟୋଧନ

**ସମ୍ବଲପୁର,, ୧୧।୬ (ସଂଚାର ବ୍ୟୁରୋ) :** ବିଶ୍ୱସ୍ତ ବନ୍ଧୁ ସାଜିଲା ପରିବାରର ଶତ୍ରୁ । ମୃତ୍ୟୁଶଯ୍ୟାରେ ସୋଇଥିବା ବେଳେ ଯିଏ ନିଜ ପରିବାରକୁ ଅନ୍ତରଙ୍ଗ ବନ୍ଧୁ ହାତରେ ଟେକିଦେଇଥିଲା । ତାର ବିଶ୍ୱାସ ଭାଙ୍ଗିଦେଲା ଏହି ବନ୍ଧୁ, ମଲା ପରେ ସାଙ୍ଗର ମୃତ୍ୟୁ କାଳୀନ ସହାୟତା, ଜୀବନ ବୀମା,ପିଏଫ, ଗ୍ରାଚ୍ୟୁଇଟି ସବୁ ମିଶାଇ ୫୭ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କଲା । ଏଭଳି ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଦଳକିବାହାଲ ଅଞ୍ଚଳରେ, ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଦଳକିବାହାଲ ଗ୍ରାମର ବାସିନ୍ଦା ମଙ୍ଗଲ ମାଝି ରାଉରକେଲାର ଏକ ଘରୋଇ କମ୍ପାନୀରେ ଚାକିରୀ କରିଥିଲେ । ୨୦୧୪ ମସିହାରେ ତାଙ୍କ ଦେହ ଭୀଷଣ ଅସୁସ୍ଥ ହେବା କାରଣରୁ ସେ ଶଯ୍ୟାଶାୟୀ ହୋଇଗଲେ । କିଛିଦିନ ପରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ହେଲେ ମରିବା ପୂର୍ବରୁ ମଙ୍ଗଲ ତାଙ୍କର ଜଣେ ଅତି ଘନିଷ୍ଠ ବନ୍ଧୁ ଦୁର୍ଯ୍ୟୋଧନ ପଶାୟତଙ୍କୁ ପରିବାରର ଭଲ ମନ୍ଦ ବୁଝିବା ପାଇଁ ଅନୁରୋଧ କରିଯାଇଥିଲେ। ଖାଲି ସେତିକି ନୁହେଁ, ପରିବାରର ଉତ୍ତରାଧିକାରୀ ସୂତ୍ରରେ ପୁଅର ଚାକିରି ପାଇଁ ମଧ୍ୟ ଲାଗିବାକୁ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ମୃତ ମଙ୍ଗଲର ଅନ୍ତ୍ୟେଷ୍ଟି କ୍ରିୟା ଶେଷ ହେବା ପରେ ଛୋଟ ଛୋଟ ପିଲାମାନଙ୍କୁ ନେଇ ଅଶିକ୍ଷିତ ବିଧବା ପତ୍ନୀ ତୁଲା ମାଝି କିଛି ସାହାଯ୍ୟ ପାଇବା ଆଶାରେ ସହକର୍ମୀ ବନ୍ଧୁ ଦୁର୍ଯ୍ୟୋଧନଙ୍କ ପାଖକୁ ଯାଇଥିଲେ। ଦୁର୍ଯ୍ୟୋଧନ ସବୁ ସାହାଯ୍ୟ କରିବେ ବୋଲି ଆଶା ଦେଖାଇଲେ । ଘରୁ ସମସ୍ତ କାଗଜପତ୍ର ନେଇ ଷ୍ଟିଲ ପ୍ଲାଣ୍ଟରେ ପୁଅର ଚାକିରୀ କରାଇଦେବାର ପ୍ରତିଶୃତି ମଧ୍ୟ ଦେଲେ । ଏହାପରେ ଦୁର୍ଯ୍ୟୋଧନ ରଚିଥିଲେ ଟଙ୍କା ହଡପ କରିବାର ଯୋଜନା । ସବୁ ସାହାଯ୍ୟ କରିବା ପ୍ରତିଶ୍ରୁତି ଦେଇ ମଙ୍ଗଲଙ୍କ ବିଧବା ପତ୍ନୀଙ୍କ ଠାରୁ ଅର୍ଥ ହଡ଼ପ କରିନେଲେ । ଥରେ କି ଦୁଇଥର ନୁହେଁ ବାରମ୍ବାର ଲୁଟୁଥିଲେ ଦୁର୍ଯୋଧନ । ଅପାଠୁଆ ତୁଲା ମାଝିଙ୍କଠାରୁ କାଗଜରେ ଟିପ ଚିହ୍ନ ନେଇ ମଙ୍ଗଲ କାମ କରୁଥିବା କମ୍ପାନୀରୁ ମୃତ୍ୟୁ ପରେ ମିଳିଥିବା ମୃତ୍ୟୁ କାଳୀନ ସହାୟତା, ଜୀବନ ବୀମା,ପିଏଫ,ଗ୍ରାଚ୍ୟୁଇଟି ସବୁ ମିଶାଇ ୫୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିନେଲେ । ବାପାଙ୍କ କମ୍ପାନୀରେ ଚାକିରୀ ମିଳିବା ପ୍ରତିଶୃତି ଦେଇ ଅର୍ଥ ହଡ଼ପ କରି ଚାଲିଥିବା ବେଳେ ମଙ୍ଗଲଙ୍କ ବଡ଼ ପୁଅଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା । ଏହାପରେ ସେ ରାଉରକେଲା ଆସି ବୁଝାବୁଝି କରିବା ପରେ ଦୁର୍ଯ୍ୟୋଧନ ମୃତ ବାପାଙ୍କ ସମସ୍ତ ଟଙ୍କା ହଡ଼ପ କରି ନେଇଥିବା ଜାଣିବାକୁ ପାଇଥିଲେ । ଏହା ଜାଣିବା ପରେ ତୁଲା ମାଝି ଓ ତାଙ୍କ ପରିବାର ଉପରେ ଆକାଶ ଛିଡିପଡିଲା ଭଳି ପରିସ୍ଥିତି ଉପୁଜିଥିଲା । ମଙ୍ଗଲଙ୍କ ବଡ଼ପୁଅ ସଙ୍ଗେସଙ୍ଗେ ରଘୁନାଥପାଲି ଥାନାକୁ ଯାଇ ଦୁର୍ଯ୍ୟୋଧନଙ୍କ ନାଁରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ରଘୁନାଥପାଲି ଥାନା ପୋଲିସ୍ ଅଭିଯୁକ୍ତ କୁ ଗିରଫ କରି ଜେଲ ହାଜତରେ ଭର୍ତ୍ତି କରିଛନ୍ତି ।

## ଯୁବକଙ୍କୁ ହତ୍ୟା ପରେ ମୃତଦେହ ଫିଙ୍ଗି ଚାଲିଗଲେ

**କୁଚିଣ୍ଡା,୧୧।୬(ସଂଚାର ବ୍ୟୁରୋ):** ଯୁବକଙ୍କ ଗଳାକାଟି ବୀଭତ୍ସ ହତ୍ୟା । ଘର ନିକଟରେ ମୃତଦେହ ଫିଙ୍ଗି ଚାଲିଗଲେ ଦୁର୍ବୃତ୍ତ । ହତ୍ୟାର କାରଣ ଅସ୍ପଷ୍ଟ । ପୋଲିସର ତଦନ୍ତ ଜାରି । ସୂଚନାଯୋଗ୍ୟ ଯେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗଡ଼ପୋଷ ଫାଣ୍ଡି ମନାପାଲି ଗାଁ ଲଦ୍ରପଡାର ଅଶୋକ କୁଜୁରଙ୍କ ଗଳାକାଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ । ଘର ନିକଟରେ ଫିଙ୍ଗି ଦେଇ ଚାଲିଛନ୍ତି ଦୁର୍ବୃତ୍ତ । ରାସ୍ତା କଡରେ ମୃତଦେହ ପଡି ରହିଥିବା ବେଳେ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରାଯାଇଥିବା ଜଣାପଡ଼ିଛି । ତେବେ ହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି ପୁଲିସ। ତେବେ ମୃତକ ଅଶୋକ ସୁରଟରେ କାମ କରୁଥିଲେ । କିଛି ଦିନ ହେବ ସେ ଘରକୁ ଆସିଥିଲେ ।

## ଶ୍ମଶାନକୁ ନେଇ ମରଣାନ୍ତକ ଆକ୍ରମଣ, ଯୁବକ ଗୁରୁତର

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ସରକାରୀ ଜମିରେ ଥିବା ଶ୍ମଶାନକୁ ନେଇ ମରଣାନ୍ତକ ଆକ୍ରମଣରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏପରି ଏକ ଘଟଣା ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଭଗବାନପୁର ସାହିରେ। ଦୀର୍ଘବର୍ଷ ଧରି ସାହି ଲୋକେ ଏଠାରେ ଶବଦାହ କରିଆସୁଥିଲେ। କିନ୍ତୁ ଏକ ବିଲଡର ସଂସ୍ଥା ଏହି ସରକାରୀ ଜମିକୁ ଲାଗି ପ୍ଲଟ କିଣି ସେଠାରେ ଆପାର୍ଟମେଣ୍ଟ ନିର୍ମାଣ କରୁଛନ୍ତି। କିନ୍ତୁ ଉକ୍ତ ବିଲ୍‌ଡର୍ ସଂସ୍ଥାର ମାଲିକ ସମ୍ପୂର୍ଣ୍ଣ ସରକାରୀ ଜମି ଓ ଶ୍ମଶାନକୁ ଜବରଦଖଲ କରୁଥିବାରୁ ଏହାକୁ ନେଇ ଆଜି ସକାଳେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶ୍ମଶାନ ଜମିକୁ ଜବରଦଖଲ କରିବା ଘଟଣାକୁ ଗ୍ରାମବାସୀ ବିରୋଧ କରିଥିଲେ। ତେବେ କିଛି ସମୟ ପରେ ଉକ୍ତ ବିଲ୍‌ଡର ସଂସ୍ଥାର କେତେକ କର୍ମଚାରୀ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିବା ସହ ଆକ୍ରମଣ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣରେ ଆହତ ହୋଇଥିବା ଯୁବକଙ୍କ ନାମ ଜଣାପଡ଼ିନଥିବା ବେଳେ ତାଙ୍କୁ ପୁଲିସ ସହାୟତାରେ ଚିକିତ୍ସା ପାଇଁ ପଠାଯାଇଥିବା ଜଣାପଡ଼ିଛି।

### ଧାନ ବିକ୍ରି ବାବଦ ବକେୟା ଟଙ୍କା ନ ମିଳିବା ପ୍ରସଙ୍ଗ

# ଚାଷୀଙ୍କ ବନ୍ଦ ଓ କଳା ଦିବସ ଡାକରାକୁ ବିଜେଡିର ସମର୍ଥନ




- ୩୪୪ ଚାଷୀଙ୍କ ସାଢ଼େ ୪ କୋଟି ଟଙ୍କା ବାକି
- ୪ ମାସ ହେଲା ବାର ଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି
- ସିଏସଓ ଓ ଜିଲ୍ଲାପାଳ ସମାଧାନ କରିବାରେ ବିଫଳ

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ଅବିଭକ୍ତ କୋରାପୁଟ ଜିଲ୍ଲାରେ ୩୪୪ ଜଣ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଚାରି ମାସ ପରେ ମଧ୍ୟ ମିଳି ନଥିବାରୁ ଚାଷୀ ସମାଜ ମଧ୍ୟରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଚାଷୀମାନଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ ଦାବୀରେ ଚାଷୀ ସଂଗଠନ ପକ୍ଷରୁ ଆସନ୍ତା ୧୨ ଜୁନରେ ରାଇଘରରେ ୧୨ଘଣ୍ଟିଆ ବନ୍ଦ ସହ କଳା ଦିବସ ପାଳନ ପାଇଁ ଡାକରା ଦିଆଯାଇଛି। ଚାଷୀମାନେ ଦେଇଥିବା ଏହି ଡାକରାକୁ ବିଜେଡି ସମର୍ଥନ ଘୋଷଣା କରିଛି। ଶଙ୍ଖ ଭବନଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଉପସଭାପତି ରବି ନାରାୟଣ ନନ୍ଦ, ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ନନ୍ଦ କହିଥିଲେ ଯେ ଉପାନ୍ତ ଅଞ୍ଚଳ ରାଇଘରରେ ମୁଖ୍ୟତଃ ଆଦିବାସୀ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ସରକାରଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବା ପରେ ଉକ୍ତ ଅଞ୍ଚଳରେ ୩୪୪ ଚାଷୀଙ୍କୁ ଗତ ଫେବୃଆରୀ ୧୫ରୁ ମାର୍ଚ୍ଚ ୧୬ ଭିତରେ ଧାନ ବିକ୍ରି କରିବାକୁ କୁହାଯାଇଥିଲା। ଚାଷୀମାନେ ୧୪,୨୫୨ କ୍ୱିଣ୍ଟାଲ ଧାନ ମଣ୍ଡିରେ ଦେଇଥିବା ବେଳେ ଏ ବାବଦରେ ସେମାନେ ପ୍ରାୟ ସାଢ଼େ ୪ କୋଟି ଟଙ୍କା ପାଇବା କଥା। ନିୟମାନୁଯାୟୀ, ୨୪ରୁ ୪୮ ଘଣ୍ଟା ଭିତରେ ଧାନ ବିକ୍ରି ଅର୍ଥ ଚାଷୀଙ୍କ ଆକାଉଣ୍ଟକୁ ଯିବା କଥା। କିନ୍ତୁ ଏହି ଚାଷୀମାନେ ପାଖାପାଖି ୪ ମାସ ତଳେ ଧାନ ଦେଇଥିଲେ ମଧ୍ୟ ଅଦ୍ୟାବଧି ଟଙ୍କା ପାଇନାହାନ୍ତି। ଏଥିପାଇଁ ସେମାନେ ସମ୍ପୃକ୍ତ ଅଧିକାରୀଙ୍କ ବ୍ୟତୀତ ସିଏସଓ ଓ ଜିଲ୍ଲାପାଳଙ୍କୁ ବି ଭେଟିସାରିଛନ୍ତି। କିନ୍ତୁ ସେମାନଙ୍କୁ କେବଳ ପ୍ରତିଶ୍ରୁତି ମିଳିଛି, ଟଙ୍କା ନୁହେଁ ବୋଲି ଶ୍ରୀ ନନ୍ଦ କହିଛନ୍ତି। ସେହିପରି ରମେଶ ମାଝୀ କହିଥିଲେ ଯେ ଚାଷୀମାନେ ମଣ୍ଡିରେ ଧାନ ଦେଇଥିଲେ ମଧ୍ୟ ଅଦ୍ୟାବଧି ସେମାନେ ଟଙ୍କା ନ ପାଇବା ସରକାରଙ୍କ ବିଫଳତାକୁ ପ୍ରମାଣିତ କରିଛି। ଏହାଛଡ଼ା ପ୍ରଦୀପ ମାଝୀ କହିଥିଲେ ଯେ ଏବେ ସରକାର ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। କିନ୍ତୁ ରାଜ୍ୟର ୩୪୪ ଆଦିବାସୀ ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ନ ପଡ଼ିବା ନିନ୍ଦନୀୟ ବୋଲି ସେ କହିଛନ୍ତି।

# ଅଭୟ ବେହୁରିଆ ନାଲକୋର ନୂଆ ନିର୍ଦ୍ଦେଶକ



**ଭୁବନେଶ୍ୱର, ୧୧।୬ (ସଂଚାର ବ୍ୟୁରୋ) :** କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ର ନୂତନ ନିର୍ଦ୍ଦେଶକ(ଅର୍ଥ) ଭାବେ ଅଭୟ କୁମାର ବେହୁରିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଲକୋରେ ଯୋଗଦେବା ପୂର୍ବରୁ ଶ୍ରୀ ବେହୁରିଆ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ ଦକ୍ଷତା ଏବଂ ନେତୃତ୍ୱ ବଳରେ କମ୍ପାନୀ ଏକ ଚ୍ୟାଲେଞ୍ଜିଂ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳାଫଳ ହାସଲ କରିଥିଲା। ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଶ୍ରୀ ବେହୁରିଆଙ୍କର ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି । ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ୍ ପ୍ରତିଷ୍ଠାନ(ଆଇ.ସି.ଏ.ଆଇ)ର ଜଣେ ଫେଲୋ ସଦସ୍ୟ ସହ ସଂସ୍ଥାର ର ଆଡଭାନ୍ସଡ୍ ଷ୍ଟଡିଜ୍ ଆଣ୍ଡ୍ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟ ମୂଲ୍ୟାଙ୍କନରେ ମଧ୍ୟ ଏକଜିକ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ, ପ୍ରକଳ୍ପ ପାଇଁ ପ୍ରଶାସନ ଚଳଚଞ୍ଚଳ



**ଭୁବନେଶ୍ୱର,୧୧।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦ ତାରିଖରେ ଓଡିଶା ଗସ୍ତରେ ଆସୁଥିବାବେଳେ ଏହାକୁ ନେଇ କେନ୍ଦ୍ରୀୟ ସଂସ୍ଥା ଓ କାର୍ଯ୍ୟାଳୟଗୁଡିକ ଚଳଚଞ୍ଚଳ ହୋଇ ଉଠିଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସଂଖ୍ୟାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହେବାକୁ ଥିବାରୁ ତତ୍ପରତା ପ୍ରକାଶ ପାଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଗାମୀ ୨୦ତାରିଖରେ ରାଜ୍ୟରେ ପ୍ରଥମ ବିଜେପି ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ତାଙ୍କର ଗସ୍ତ କାଳରେ ବିଭିନ୍ନ କେନ୍ଦ୍ରୀୟ ପ୍ରକଳ୍ପଗୁଡିକର ଉଦଘାଟନ ଓ ଶିଳାନ୍ୟାସ ନିମନ୍ତେ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ କର୍ତ୍ତୃପକ୍ଷମାନେ ତତ୍ପରତା ପ୍ରକାଶ କରୁଛନ୍ତି।

ଶ୍ରୀ ମୋଦି ଜନତା ମଇଦାନରେ ବିଶାଳ ସମାବେଶରେ ଉଦବୋଧନ ଦେବା ସଙ୍ଗେ ସଙ୍ଗେ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ବିଭିନ୍ନ କେନ୍ଦ୍ରୀୟ ପ୍ରକଳ୍ପ ଯେଭଳି ସହାୟକ ହେବ, ସେଥିପାଇଁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ତେଣୁ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ଚିଠା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ଷଷ୍ଠତମ ଓଡିଶା ଗସ୍ତ । ସେ ଯେତେବେଳେ ରାଜ୍ୟକୁ ଆସିଛନ୍ତି ସେତେବେଳେ କିଛି ନା କିଛି ନୂଆ ପ୍ରକଳ୍ପର ଉଦଘାଟନ କରିବା ସଂଗେ ସଂଗେ ଶୁଭ ଦେଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦାୟିତ୍ୱ ନେବା ପରଠାରୁ ଦେଶରେ ବିଭିନ୍ନ ବୃହତ୍ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ଅଚଳାବସ୍ଥାକୁ ଦୂର କରି ଏହାକୁ ତ୍ୱରାନ୍ୱିତ କରିବାପାଇଁ ଯେଉଁ 'ପ୍ରଗତି' ବ୍ୟବସ୍ଥା ଆରମ୍ଭ କରିଛନ୍ତି ତାହା ଫଳରେ ସଂଖ୍ୟାଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଖୋର୍ଦ୍ଧା-ବଲାଙ୍ଗିର ରେଳଲାଇନ୍ ପ୍ରକଳ୍ପ ବର୍ଷ ବର୍ଷ ଧରି ପଡି ରହିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ 'ପ୍ରଗତି' ସମୀକ୍ଷା ପରେ ଏହି ରେଳପ୍ରକଳ୍ପର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି । ସେହିଭଳି ତାଳଚେର ସାର ପ୍ରକଳ୍ପ ନିର୍ମାଣ ଆଗେଇ ଥିବାବେଳେ ଏହାର କାର୍ଯ୍ୟାରମ୍ଭ ପାଇଁ କର୍ତ୍ତୃପକ୍ଷ ଉଦ୍ୟମରତ ଅଛନ୍ତି ।

ସେହିଭଳି ବିଭିନ୍ନ ସଡକ ପ୍ରକଳ୍ପ ତଥା ଜାତୀୟ ରାଜପଥ ବିଶେଷକରି ରାଜ୍ୟରେ ୭୫ ହଜାର କିଲୋମିଟରର ଦୀର୍ଘ ବିଶ୍ୱସ୍ତରୀୟ ସଡକ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରର ସହାୟତା ଲୋଡିଛନ୍ତି । ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ତାଙ୍କ ଗସ୍ତ ସମୟରେ ରାଜପଥ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିକ କେନ୍ଦ୍ରୀୟ ସହାୟତା ପାଇଁ ରାଜ୍ୟ ସରକାର ଆଶାନ୍ୱିତ । ଆଦିବାସୀ ଅଧ୍ୟୁଷିତ ଏବଂ ମାଓ ପ୍ରଭାବିତ ଇଲକାରେ ଦୂରସଂଚାର ସେବା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ନିମେନ୍ତ ପ୍ରଧାନମନ୍ତ୍ରୀ ଗୁରୁତ୍ୱଆରୋପ କରୁଛନ୍ତି। ତେଣୁ ରାଜ୍ୟରେ ଯେଉଁସବୁ ଇଲାକା ମୋବାଇଲ୍ ସେବାରୁ ଅପହଞ୍ଚ ରହିଛି ସେଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସଂଯୋଗ ପାଇଁ କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ପଦକ୍ଷେପ ନେବାକୁ ସକ୍ରିୟ ଭାବରେ ଉଦ୍ୟମ କରୁଥିବା ଜଣାଯାଇଛି ।

ତେଣୁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଦପ୍ତର ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବୃହତ୍ ପ୍ରକଳ୍ପ ଚିହ୍ନଟ କରି ତାହାକୁ ଚୂଡାନ୍ତ ରୂପରେଖ ଦେବା ସକାଶେ ସକ୍ରିୟ ଭାବରେ ନିୟୋଜିତ ଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୧୨ ଜୁନ ୨୦୨୫, ଭୁବନେଶ୍ୱର
Thursday 12 June 2025, Bhubaneswar


# ସୀମାବିବାଦର ଅନ୍ତ ହେଉ

ପଡ଼ୋଶୀ ଦେଶ ସହ ବିଶ୍ୱର ଅଧିକାଂଶ ଦେଶର ସୀମା ବିବାଦ ରହିଛି। ଭାରତର ମଧ ପଡ଼ୋଶୀ ଚୀନ ଓ ପାକିସ୍ତାନ ସହ ସୀମା ବିବାଦ ରହିଛି। ନେପାଳ ଓ ବାଂଲାଦେଶ ସହିତ ମଧ ସୀମା ବିବାଦ ରହିଥିଲା। କିନ୍ତୁ ଆଲୋଚନା ମାଧମରେ ଏହାର ସମାଧାନ ହୋଇପାରିଛି। କିନ୍ତୁ ଚୀନ ଓ ପାକିସ୍ତାନ ସହ ବିବାଦ ଲାଗି ରହିଛି। ଏବେ ଚୀନ ସହ ସୀମା ବିବାଦର ସମାଧାନ ନିମନ୍ତେ ନୂଆ ଉଦ୍ୟମ ଆରମ୍ଭ ହୋଇଛି। ଭାରତ ଓ ଚୀନ ମଧରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଦ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। ଦୀର୍ଘ ୫ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରମୁଖ୍ୟ ସି ଜିନ ପିଙ୍ଗଙ୍କ ମଧରେ ଆନୁଷ୍ଠାନିକ ଭାବେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଋଷିଆର କାଜାନ ସହରରେ ଅନୁଷ୍ଠିତ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତାଙ୍କ ମଧରେ ଏହି ଆଲୋଚନା ବୈଠକ ହୋଇଥିଲା। ଆଲୋଚନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧରେ ଆଲୋଚନା



ପୂର୍ବରୁ ଦୁଇ ପକ୍ଷ ମଧରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ,ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୁନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ।

# ଦେବସ୍ନାନ ପୂର୍ଣ୍ଣିମା ବା ଶ୍ରୀଜଗନ୍ନାଥାଦିଙ୍କ ଜନ୍ମୋତ୍ସବ



**ଡକ୍ଟର ଅମୂଲ୍ୟ କୁମାର**

ସ୍ନାନମଣ୍ଡ ପରେ ଦକ୍ଷିଣାଭିମୁଖି ଶ୍ରୀଜଗନ୍ନାଥାଦିଙ୍କୁ ଯେଉଁମାନେ ଦର୍ଶନ କରନ୍ତି ବା ଆରତୀକୁ ଭକ୍ତି ସହକାରେ ଦର୍ଶନ କରନ୍ତି ସେମାନେ ଅଶ୍ୱମେଧ ଯଜ୍ଞର ଫଳଲାଭ କରନ୍ତି। ସେମାନଙ୍କର ସକଳ ମନୋରଥ ପୂରଣ ହୋଇଥାଏ। ଅନ୍ତ କାଳରେ ସେମାନେ ବୈକୁଣ୍ଠ ପୁରକୁ ଗମନ କରନ୍ତି। ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତ ଭୂମିର ଲୀଳା। ଏହାହିଁ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା, ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଶ୍ରୀକ୍ଷେତ୍ରରେ ପାଳନ କରାଯାଏ। ଏହି ଦିନ ଶ୍ରୀମନ୍ଦିରର ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ସ୍ନାନ କରାଯାଏ। ଏହା ପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ସାଧାରଣତଃ ବର୍ଷରେ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କ ସହିତ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ମନ୍ତ୍ରସ୍ନାନ କରାଯାଏ। ଏହି ଦିନକୁ ଜଗନ୍ନାଥଙ୍କର ଜନ୍ମଦିନ ରୂପରେ ମଧ ପାଳନ କରାଯାଇଥାଏ। ଏହା ରଥଯାତ୍ରା ଆଗରୁ ପାଳିତ ହେଉଥିବା ଏକ ପୂଜା ବିଧି।

ଦାରୁବ୍ରହ୍ମଙ୍କ ଲୀଳାକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତ ଭୂମିର ଲୀଳା। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା କରାଇଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ। ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହୋଇଥିଲା। ସେଥିପାଇଁ ଅନେକ ଶାସ୍ତ୍ରରେ ଏହା ମଞ୍ଚସ୍ନାନ ବୋଲି ଉଲ୍ଲେଖ ହୋଇଛି। ଶାସ୍ତ୍ରମତରେ ୧୦୮ ସୁନା କଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟ ସ୍ନାନଲୀଳା ସମାପନ ହୋଇଥିଲା। ସେହି ଶାସ୍ତ୍ରୀୟ ମତକୁ ଅନୁସରଣ କରି ଆଜି ବି ସେହିପରି ସ୍ନାନଯାତ୍ରା ଅନୁଷ୍ଠିତ ହେଉଅଛି। ସୂଚନାଯୋଗ୍ୟ, ଶାସ୍ତ୍ର ମତରେ ଜ୍ୟୋଷ୍ଠ ପୂର୍ଣ୍ଣିମା ଦିବସରେ ମହାପ୍ରଭୁଙ୍କ ଆବିର୍ଭାବ ହୋଇଥିଲା। ଜ୍ୟୋଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମ ସ୍ନାନଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରିଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାମାନେ ପହଣ୍ଡି କରାଉଥିବା ବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ ବିଜେ କରାଇଥାନ୍ତି। ପହଣ୍ଡି ବିଜେ ସମୟରେ ସାତ ପାହଚ ଉପରେ ଠାକୁରମାନେ ଚୂଳ ଓ ଟାହିଆ ଲାଗି ହୁଅନ୍ତି। ଏହି ସାତପାହଚ ଉପରେ ଟାହ୍ୟାନାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ। ତା ପରେ ବନ୍ଦାପନା ଓ ପରେ ପରେ ରାଘବଦାସ ମଠରୁ ଆସିଥିବା ଘଷା ନାଗି କରାଯାଏ। ତା ପରେ ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନବେଦିକୁ ଯାଇ ନିଜର ଆସ୍ଥାନ ଉପରେ ଅବସ୍ଥାନ କରନ୍ତି । ସୁଆର ବଡୁ ଅମୁଣିଆ ପାଣି ଛିଞ୍ଚନ୍ତି । ଗରାବଡୁ ସୁବର୍ଣ୍ଣକଳସ ଧରି ଶିତଳାଦେବୀଙ୍କ ସମ୍ମୁଖସ୍ଥ ଓ ବର୍ଷତମାମ ଅପବ୍ୟବହୃତ ହୋଇ ରହିଥିବା ସ୍ୱବର୍ଣ୍ଣକୂପରୁ ଜଳ ଆଣନ୍ତି। ଦେବସ୍ଥାନ ପୂର୍ଣ୍ଣିମାର ପୂର୍ବ ଦିନ ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଅବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ। ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧରେ ଅବସ୍ଥିତ। ପରେ ଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ। କୂଅର ବ୍ୟବହାର ବର୍ଷସାରା ନଥବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣତୁଠ ପାଣି ବୋଲି ଗ୍ରହଣ କରାଯାଏ। ସ୍ନାନଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥବା ବେଳେ ସ୍ନାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ। ଯଜ୍ଞ ପରମ୍ପରାରେ ଏହି କୂଅକୁ 'ପ୍ରଣୀତାକୂପ' ବୋଲି କୁହାଯାଏ। ପ୍ରାଚୀନ କାଳରେ ମଧ ଓଡ଼ିଶାରେ ଛୁଆଟିଏ ଜନ୍ମ ହେଲେ ତାହାକୁ ଅଣତୁଠ ପାଣି ମିଶ୍ରଣ କରାଯାଇ ସ୍ନାନ କରିବାର ପରମ୍ପରା ରହିଥଲା। ଏହାଦ୍ୱାରା ଦୁଷ୍ଟ ଶକ୍ତିଙ୍କ ପ୍ରଭାବ କଅଁଳା ପିଲାଙ୍କ ଉପରେ ପଡ଼େନାହିଁ। ଅଭିମନ୍ତ୍ରିତ ହୋଇଥିବା ଜଳରେ



୧୦୮ କଳସରେ ଅଷ୍ଟବନ୍ଧ, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସର୍ଷିଷା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରିତ କରାଯାଏ। ଏହି ମହୌଷଧି ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ। ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଦାରୁବ୍ରହ୍ମଙ୍କୁ ଶ୍ରୀଜୀଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଏ । ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ ଗରା ସୁଭଦ୍ରାଙ୍କୁ ଓ ୧୮ ଗରା ସୁଦର୍ଶନଙ୍କୁ ସ୍ନାନ କରାଯାଏ।ଏହାକୁ "ପ୍ରତ୍ୟେକ୍ଷ ଅବକାଶ" କହନ୍ତି। ପ୍ରଭୁଙ୍କୁ ଏହି ଦିନ ଗଜାନନ ବେଶ କରାଯାଏ। ଏହି ଦିନ ରାଘବଦାସ ମଠ ପକ୍ଷରୁ ଦେବୀ ସୁଭଦ୍ରାଙ୍କୁ ଫୁଲଚୂଳ, ଚନ୍ଦ୍ରିକା ଓ ଛତ୍ରି ନାଗି କରାଯାଇ ବେଶ କରାଯାଏ। ଗୋପାଳତୀର୍ଥ ମଠଦ୍ୱାରା ପ୍ରଦତ୍ତ ଶ୍ରୀବଳଭଦ୍ରଙ୍କୁ ଗଜାନନ ବେଶ ଓ ଶୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ। ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ। ତାପରେ ଠାକୁରମାନେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଫେରନ୍ତି। ଭିତର କାଠପାଖ ଅଣସର ପିଣ୍ଡିରେ ଠାକୁରମାନେ ବିଜେ କରିବାପରେ ତାଟି ବନ୍ଧାଯାଏ ଓ ପଟିମୂର୍ତ୍ତି ସ୍ଥାପନା କରାଯାଏ। ତାପରେ ଏହି ଚତୁର୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦିର୍ଘ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି। ଏହାକୁ ଅଣସର କୁହାଯାଏ। ଏହି ୧୫ ଦିନ ଭକ୍ତମାନେ ଜିଉମାନଙ୍କର ଦର୍ଶନ ପାଆନ୍ତି ନାହିଁ। ଏହି ସମୟରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥଙ୍କୁ ଦର୍ଶନ କରନ୍ତି।

ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି, ସ୍ନାନ ପରେ ଗଜବେଶରେ ସଜ୍ଜିତ ହୁଅନ୍ତି। ଏହା ପଛରେ ଏକ କିମ୍ବଦନ୍ତୀ ନିହିତ। ମହାରାଷ୍ଟ୍ରର ଏକ ବ୍ରାହ୍ମଣ ଗଣପତି ଭଟ୍ଟ ଥରେ ଶ୍ରୀ କ୍ଷେତ୍ରର ମହିମା ବିଷୟରେ ଶୁଣି, ମହାପ୍ରଭୁଙ୍କ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଲେ। ସେ ଭଗବାନ ଗଣେଶଙ୍କର ଭକ୍ତ ଥିଲେ। ତେଣୁ ଦାରୁ ବିଗ୍ରହଙ୍କ ଦର୍ଶନ କରି, ଗଜ ରୂପ ନଦେଖି ସେ ତାଙ୍କୁ ପରମବ୍ରହ୍ମ ବୋଲି ମାନିବାକୁ ଅସ୍ୱୀକାର କଲେ ଏବଂ କ୍ଷୁବ୍ଧ ହୋଇ ମନ୍ଦିର ତ୍ୟାଗ କଲେ। ପରଦିନ ଦେବସ୍ନାନ ପୂର୍ଣ୍ଣିମା ଥିଲା। ମହାପ୍ରଭୁଙ୍କ ଆଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ସ୍ନାନ ଯାତ୍ରା ଦେଖିବା ପାଇଁ ଆମନ୍ତ୍ରଣ କଲେ। ତାଙ୍କ ଦୃଷ୍ଟି ସମ୍ମୁଖରେ ଦାରୁ ବିଗ୍ରହ ଶ୍ରୀ ଜଗନ୍ନାଥଙ୍କ ରୂପ ପରିବର୍ତ୍ତନ ହୋଇ ଗଣପତି ରୂପ ହୋଇଗଲା। ଏ ଅଲୌକିକ ଘଟଣା ଦେଖି ତାଙ୍କର ଜ୍ଞାନୋଦୟ ହେଲା ଏବଂ ସେ ନିଜର ଭୁଲ ବୁଝିପାରିଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ବର ପ୍ରଦାନ କଲେ ଯେ, ପ୍ରତିବର୍ଷ ଏହି ଦିନରେ ସେ ଗଜବେଶ ଧାରଣ କରିବେ। ଏହି ଘଟଣା ପରଠାରୁ ପ୍ରତିବର୍ଷ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ପୂର୍ଣ୍ଣିମାରେ ଗଜବେଶ ଧାରଣ କରନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହାତୀ ବେଶ ବା ଗଜାନନ ବେଶ ସମ୍ପର୍କରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟର ଶ୍ରୀ ଗଣପତି ଭଟ୍ଟ ନାମକ ଜୈନିକ ବିଶିଷ୍ଟ ବ୍ରାହ୍ମଣ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ସେ ପ୍ରଭୁ ଗଣେଶଙ୍କ ବଡ଼ ଭକ୍ତ ଥିଲେ। ସ୍ନାନ ପୂର୍ଣ୍ଣିମୀ ଦିନ ଶ୍ରୀମନ୍ଦିରରୁ ପ୍ରବେଶ କରି ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି ଗଣପତି ଭଟ୍ଟ ସନ୍ତୋଷ ଲାଭ କଲେ ନାହିଁ। ତେଣୁ ନିରାଶ ମନରେ ଶ୍ରୀକ୍ଷେତ୍ରରୁ କିଛି ବାଟ ଯିବା ପରେ ମୁକ୍ତେଶ୍ୱର ଠାରେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଆସି ଦେଖନ୍ତି ଯେ, ଠାକୁରମାନେ ତାଙ୍କର ଇଷ୍ଟ ଗଣପତି ରୂପ ଧାରଣ କରି ଧବଳ ରୂପରେ ବଳଭଦ୍ର ଓ କଳା ରୂପରେ ଜଗନ୍ନାଥ ଶୋଭା ପାଉଛନ୍ତି। ଗଣପତି ଭଟ୍ଟ ଏହି ଦୃଶ୍ୟ ଦେଖି ଭକ୍ତି ବିଭୋର ହୋଇପଡ଼ିଲେ ଓ ତତ୍କ୍ଷଣାତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାବିନ୍ଦରେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପ୍ରାର୍ଥନା କରିଥିଲେ। ଗଣପତି ଭଟ୍ଟଙ୍କ ଗଣପତି ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ହୋଇ ଆସୁଛି ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍: ୮୨୪୯୫୦୨୭୭୬


# ପ୍ରଧାନ ବିଚାରପତିଙ୍କ ଆହ୍ୱାନ ସମୟୋଚିତ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଅବସର ଗ୍ରହଣ ପରେ ବିଚାରପତିମାନେ କୌଣସି ସରକାରୀ ପଦବୀ କିମ୍ବା ଭୂମିକା ଗ୍ରହଣ ନକରିବାକୁ ସୁପ୍ରିମକୋର୍ଟର ପ୍ରଧାନବିଚାରପତି କରିଥିବା ଆହ୍ୱାନ ଅତ୍ୟନ୍ତ ପ୍ରଶଂସାଯୋଗ୍ୟ ଏବଂ ସମୟୋପଯୋଗୀ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ନିକଟ ଅତୀତରେ କେତେକ ଘଟଣାବଳୀ ବିଚାର ବିଭାଗରେ 'ବିଶ୍ୱାସନୀୟତା ଓ ସ୍ୱଛତା ପ୍ରତି ପ୍ରଶ୍ନ ଉଠାଇଥିବାବେଳେ ବିଚାରପତିଙ୍କ କାର୍ଯ୍ୟକଳାପ ନେଇ ଜନସାଧାରଣ ଆସ୍ଥା ଓ ବିଶ୍ୱାସ ହରାଉଥିବା ଚର୍ଚ୍ଚା ହୁଏ। ଅବସର ଗ୍ରହଣ ପରେ କେତେକ ବିଚାରପତି ସରକାରୀ ପଦବୀ ତଥା ରାଜ୍ୟପାଳ, କମିଶନର ଅଧକ୍ଷ ପଦବୀ ଗ୍ରହଣ କରିଥିବାବେଳେ କେତେକ ନିର୍ବାଚନ ମଧ ଲଢ଼ିବା ଦେଖାଯାଏ। ଏପରିକି କେତେକ ବିଚାରପତି ନିଜ ପଦବୀରୁ ଇସ୍ତଫା ଦେଇ ନିର୍ବାଚନ ଲଢ଼ିଥିବା ବହୁ ନଜୀର ରହିଛି। ଯାହାକି ଅହେତୁକ ଅନୁକମ୍ପାର ଏକ ଅନୈତିକ ଉପଲବ୍ଧି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ସାମ୍ବିଧାନିକ ଅଦାଲତ ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିମାନେ ଅବସର ଗ୍ରହଣ ପରେ ସରକାରୀ ପଦପଦବୀ ଗ୍ରହଣ ନେଇ ସମ୍ବିଧାନ କିମ୍ବା ଆଇନରେ କୌଣସି ପ୍ରତିବନ୍ଧକ ନାହିଁ। ଅବସର ଗ୍ରହଣ ପରେ ସରକାର କିମ୍ବା ଶାସକ ଦଳ ଦ୍ୱାରା କୌଣସି ପଦବୀ ବିଚାରପତି ଗ୍ରହଣ କରନ୍ତି, ତେବେ ତାହା ଅନୈତିକତାର ଅହେତୁକ ଅନୁଗ୍ରହ ଉପଲବ୍ଧ ବୋଲି କହିଲେ ଅତିରଂଜିତ ହୋଇନପାରେ। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟର ଜଣେ ପ୍ରଧାନ ବିଚାରପତି ଅବସର ଗ୍ରହଣ କରିବା ପରେ ମନୋନୀତ ରାଜ୍ୟସଭା ସଦସ୍ୟ ପଦବୀ ଗ୍ରହଣ କରିବା ନେଇ ସେତେବେଳେ କେବଳ ସମାଲୋଚନାର ଶରବ୍ୟ ହୋଇ ନଥିଲେ, ତାଙ୍କର ନିରପେକ୍ଷତା ନେଇ ମଧ ପ୍ରଶ୍ନ ଉଠିଥିଲା। ସେହିପରି ନିକଟରେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶୱନ୍ତ ବର୍ମାଙ୍କ ଆଉଟ୍ ହାଉସରୁ କୋଟି କୋଟି ଟଙ୍କାର ଅଧାପୋଡା ନୋଟ ବିଡା ଉଦ୍ଧାର କରାଯିବା ଘଟଣା ନ୍ୟାୟାପାଳିକାର ନିରପେକ୍ଷତା, ସାଧୁତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ନିକଟରେ ବ୍ରିଟେନ ସୁପ୍ରିମକୋର୍ଟର ଏକ ଉଚ୍ଚସ୍ତରୀୟ ଗୋଲଟେବୁଲ ବୈଠକରେ ବିଚାରବିଭାଗର ସ୍ୱାଧୀନତା ଉପରେ ଉଦବୋଧନ ଦେଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ଅବସର ପରେ ବିଚାରପତିମାନେ ସରକାରୀ ପଦବୀ ଗ୍ରହଣ କରିବା କିମ୍ବା



ନିର୍ବାଚନ ଲଢ଼ିବା ବିରୁଦ୍ଧରେ କଡା ମତ ପୋଷଣ କରିଛନ୍ତି। ଏଭଳି ପରମ୍ପରା ବା ଘଟଣା କେବଳ ଗୁରୁତ୍ୱପୂର୍ଣ୍ଣ ନୈତିକତା ପ୍ରଶ୍ନ ଉଠାଇବ ନାହିଁ, ବିଚାର ବିଭାଗର ସ୍ୱାଧୀନତା ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ ଅବକ୍ଷୟ କରିବ ବୋଲି ଚେତାଇ ଦେଇଛନ୍ତି। ଜଣେ ବିଚାରପତି କୌଣସି ଦଳର ଟିକେଟରେ ନିର୍ବାଚନ ଲଢ଼ିଲେ, ଏହା ବିଚାର ବିଭାଗର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସନ୍ଦେହର କାରଣ ହୋଇପାରେ ବୋଲି ସେ ଦର୍ଶାଇଛନ୍ତି। ପ୍ରଧାନ ବିଚାରପତିଙ୍କ ଏହି ପରାମର୍ଶ ଅତ୍ୟନ୍ତ ଯଥାର୍ଥ ଏବଂ ସମୟୋଚିତ । କହିବା ବାହୁଲ୍ୟ ଯେ, ଅବସର ପରେ କେତେକ ବିଚାରପତି ସରକାରୀ ପଦପଦବୀ ଗ୍ରହଣ କରିବା ବିଚାର ବିଭାଗର ସାଧୁତା, ନିରପେକ୍ଷତା ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସର ଭିତିଭୂମିକୁ ଦୁର୍ବଳ କରିଦେବ। ଏଭଳି ଘଟଣା ବିଚାରପତିମାନେ ସରକାରୀ କଳର ଚାପରେ ବା ପରାମର୍ଶରେ ରାୟ ଦେଇଥିବା ଆଶଙ୍କାକୁ ଉଜ୍ଜିବତ କରିବ, ଏଥିରେ ସନ୍ଦେହ ନାହିଁ। ଉଲ୍ଲେଖ ଏହା ନିସନ୍ଦେହ ଯେ, ପ୍ରଧାନ ବିଚାରପତି ଗଭାରଙ୍କ ଆହ୍ୱାନ ନ୍ୟାୟାଳୟର ସାଧୁତା, ନିରପେକ୍ଷତାକୁ ଉଜ୍ଜିବତ କରିବା ଲାଗି ଏକ ଅତ୍ୟାବଶ୍ୟକୀୟ ଔଷଧର ଡୋଜ ସଦୃଶ ହୋଇଛି। ସୌଭାଗ୍ୟର କଥା ପ୍ରଧାନ ବିଚାରପତି ଏବଂ ତାଙ୍କର ସହଯୋଗୀ ତଥା ସୁପ୍ରିମକୋର୍ଟର ବିଚାରପତିମାନେ ଅବସର ଗ୍ରହଣ ପରେ ସରକାରୀ ପଦବୀ ଗ୍ରହଣ ନକରିବା ଏବଂ ନିର୍ବାଚନ ନଲଢ଼ିବା ପାଇଁ ସଂକଳ୍ପ ନେଇଛନ୍ତି। ଯାହା କେବଳ ବିଚାର ବିଭାଗର ମର୍ଯ୍ୟଦା ଓ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବ ନାହିଁ, ସର୍ବୋଚ୍ଚ ଅଦାଲତର ବିଚାରପତିମାନେ ସରକାରୀ ଚାପରେ କୌଣସି ରାୟ ଦେବେ ନାହିଁ ଏହି ସନ୍ଦେଶ ଦେଇଛି। ନ୍ୟାୟାପାଳିକା ହେଉଛି ଏକମାତ୍ର ସ୍ତମ୍ଭ ଯାହା ଉପରେ ସମ୍ବିଧାନର ସୁରକ୍ଷା ଏବଂ ସରକାରୀ କଳର ଅନ୍ୟାୟ ଦୁର୍ନୀତିକୁ ନିୟନ୍ତ୍ରଣ କରିବାରେ ଅପାର କ୍ଷମତା ରହିଛି। ଏହା ସତ୍ୟ ଯେ, ବିଚାର ବିଭାଗ ବା ନ୍ୟାୟାପଳିକାର ମର୍ଯ୍ୟାଦା ଓ ନିରପେକ୍ଷତାର ସୁରକ୍ଷା ପାଇଁ କେବଳ ବିଚାରପତି ନୁହଁନ୍ତି। ରାଜନୈତିକ ଦଳମାନେ ଅଙ୍ଗୀକାରବଦ୍ଧ ହେବା ଜରୁରୀ। ଏଥିଲାଗି ପାର୍ଲିଆମେଂଟରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଆବଶ୍ୟକ।


ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩


# ଭଗବାନଙ୍କୁ ଖୋଜି ପାଇବ କେଉଁଠି ?



**କିଶୋର କୁମାର ଜେନା**

ଭାରତର ସମସ୍ତ ପ୍ରାଚୀନ କାବ୍ୟ ଓ ରଚନା ଭଗବତ ଭକ୍ତିରେ ସମୃଦ୍ଧ। ଈଶ୍ୱରଙ୍କ ମହାନତା, ବିଭୁତି, ଶକ୍ତି ଓ କୃପା ଆଦି ଏସବୁ କାବ୍ୟରେ ଅତି ସୁନ୍ଦର ଓ ମଧୁର ଭାବରେ ବର୍ଣ୍ଣନା କରାଯାଇଛି। ଏପରିକି ଏଥିରୁ କେତୋଟିରେ ଏହା ବି କୁହାଯାଇଛି ଯେ ସଂସାରରେ କିଛି ଯଦି ପାଠ କରିବାର ଅଛି ତାହାଲେ ଧର୍ମଶାସ୍ତ୍ର ଠାରୁ ବଳି ଗ୍ରନ୍ଥ ନାହିଁ, କିଛି ଚର୍ଚ୍ଚା କରିବାର ଯଦି ଅଛି ତେବେ ଈଶ୍ୱରଙ୍କର ମହାନତା ବିଷୟରେ ଚର୍ଚ୍ଚା କରିବାଠାରୁ ବଳି ଆଉ କିଛି ଶ୍ରେଷ୍ଠ କୃତି ନାହିଁ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି - "ଦୁନିଆରେ ଆମେ ଯେତେ ଶ୍ରେଷ୍ଠ ବସ୍ତୁ ଦେଖୁଛେ, ସେସବୁ ଭିତରେ ଶ୍ରେଷ୍ଠତମ ହେଉଛନ୍ତି ପରମେଶ୍ୱର ଭଗବାନ। ତାଙ୍କ ଛଡ଼ା ଆଉ କାହାର କ'ଣ ମହତ୍ତ୍ୱ ଅଛି? ସୁତରାଂ ଭକ୍ତଙ୍କର ନାମରୂପଧାରୀ ଆରାଧ ଦେବତା ସେହି ଅରୂପ ଅନାମ ପରମତତ୍ତ୍ୱଙ୍କ ଠାରୁ ଭିନ୍ନ ନୁହନ୍ତି। କେବଳ ଭକ୍ତଜନଙ୍କର ଆଧାତ୍ମିକ ନୟନାଭିରାମ ହେବା ନିମନ୍ତେ ସେ ସ୍ଥାୟୀ ଭାବରେ ଧାରଣ କରିଥାନ୍ତି ଏକ ଦୃଶ୍ୟମାନ ରୂପ। ଭକ୍ତ ଯେତେବେଳେ ନିଜର ଭକ୍ତି ବଳରେ ତାଙ୍କର ଆରାଧ ଇଷ୍ଟଦେବଙ୍କର ସାକ୍ଷାତକାର ପାଇଯାଆନ୍ତି ସେତେବେଳେ ସେହି ପରମତତ୍ତ୍ୱ ପରମେଶ୍ୱରଙ୍କ ଠାରୁ ଅଭିନ୍ନ ଇଷ୍ଟଦେବ ଆଶୀର୍ବାଦ ପ୍ରଦାନ ପୂର୍ବକ ଅବିଳମ୍ବେ ତାଙ୍କ ଉପରେ ଢ଼ାଳି ଦିଅନ୍ତି ପରମ ଜ୍ଞାନଚୈତନ୍ୟର ବାରି, ପରମ ଦିବ୍ୟଜ୍ଞାନର ଭଣ୍ଡାର।'

ଭଗବାନଙ୍କୁ ପ୍ରାପ୍ତି ନିମିତ୍ତ ଏହି ଆଲୋଚନାଟି ଉପସ୍ଥାପନ କଲାବେଳେ ମନେପଡୁଛି ପଢ଼ିଥିବା ଏକ ପୌରାଣିକ କଥାବସ୍ତୁଟି। ଥରେ ନାରଦ ଭଗବାନଙ୍କୁ ପଚାରିଲେ ପ୍ରକୃତରେ ଆପଣଙ୍କୁ ପାଇବାର ପ୍ରକୃତ ବାଟଟି କେଉଁଟା? ଭଗବାନ କହିଲେ - ମୋ ସହିତ ଏବେ ମର୍ତ୍ତ୍ୟକୁ ଚାଲ। ତୁମକୁ ଦେଖାଇ ଦେବି। ଏହା କହି ଭଗବାନ ଜଣେ ଅତି ଦରିଦ୍ର ରୋଗଗ୍ରସ୍ତ ମୁମୂର୍ଷୁ ବୃଦ୍ଧ ରୂପରେ ଗୋଟିଏ ଗଛ ମୂଳରେ ପଡ଼ି ରହିଲେ। ସେଇ ବାଟ ଦେଇ ପ୍ରଥମେ ଗଲେ ଜଣେ ସାମନ୍ତ। ସେ ବୃଦ୍ଧଙ୍କୁ ଦେଖି କ୍ଷଣିଏ ଅଟକିଲେ ସିନା, ହେଲେ ଭାବିଲେ ଏହାକୁ ସାହାଯ୍ୟ



କରିବା ମୋର କର୍ତ୍ତବ୍ୟ। କିନ୍ତୁ ଏହାଙ୍କ ଦାୟିତ୍ୱ ନେଲା ବେଳକୁ ମୋ ରାଜ କାର୍ଯ୍ୟ ଅଟକିଯିବ। ରାଜାଙ୍କ ଅନ୍ନରେ ମୁଁ ପ୍ରତିପାଳିତ। ତାଙ୍କ କାର୍ଯ୍ୟ ପ୍ରଥମେ ସଂପାଦନ କରିବା ହେଉଛି ନୀତିସମ୍ମତ। ତେଣୁ ସେ ନିଜ ବାଟରେ ଚାଲିଗଲେ। କିଛି ସମୟ ପରେ ସେଇ ବାଟ ଦେଇ ଗଲେ ଜଣେ ମନ୍ଦିର ପୂଜକ। ସେ ବି କ୍ଷଣିଏ ଅଟକିଲେ। ତାପରେ ସେ ନିଜକୁ କହିଲେ - ଆଜି ମୋ ବିଳମ୍ବ ହେତୁ ମନ୍ଦିରରେ ଦେବନୀତିରେ ବିଳମ୍ବ ହୋଇଗଲାଣି। ମୋ ଠାକୁର ତେଣେ ଉପାସ। ତେଣୁ ଏଠାରେ ଅଟକିବା ଅନୁଚିତ? ତୃତୀୟରେ ଗଲେ ଜଣେ ସୈନିକ। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ସେ ରାଜ୍ୟର ସୀମାନ୍ତକୁ ଯାଉଥିଲେ। ତାଙ୍କ କାର୍ଯ୍ୟ ଏତେ ଜରୁରୀ ଥିଲା ଯେ ସେ ବୃଦ୍ଧଙ୍କ ଠାରେ ଅଟକିଲେ ନାହିଁ। ଚତୁର୍ଥରେ ଜଣେ ଚାଷୀ ସପତ୍ନୀକ ବିଲକୁ ଯାଉଥିବା ବେଳେ ଅଟକିଗଲେ ଏବଂ ନିଜ ପତ୍ନୀଙ୍କୁ କହିଲେ ଯେ ବୃଦ୍ଧ ଶୁଶ୍ରୁଷା ନ ପାଇଲେ ମରିଯିବେ। ତେଣୁ ପ୍ରଥମେ ଏହାଙ୍କୁ ଦେଖିବା। ପତ୍ନୀ କହିଲେ କିନ୍ତୁ ଆଜିକାଲି ପାଗଯୋଗ ଯେମିତି ହେଉଛି, ବିଲରେ ଆଜି କାମ ଆଜି ନ ସାରିଲେ କେତେବେଳେ କେଉଁ କଥା? ଚାଷୀ କହିଲେ ତୁମେ ଯାହା କହୁଛ ତାହା ଠିକ୍। କିନ୍ତୁ ମନ ଭିତରୁ ଯେଉଁ ସ୍ୱର ଶୁଭିଲାଣି ତାକୁ ନଶୁଣିଲେ ମନ ଭଲ ଲାଗିବ ନାହିଁ। ଏହା କହି ସେ ବୃଦ୍ଧଙ୍କୁ ଉଠାଇ ନିଜ ଘରକୁ ନେଇ ସେବା କରିବାର ବ୍ୟବସ୍ଥା କଲେ। ଭଗବାନ କହିଲେ ଦେଖିଲ ତ ନାରଦ ମୁଁ କାହା ପାଖକୁ ଗଲି। ମୋତେ ଦେଖି ସମସ୍ତଙ୍କ ମନ ଭିତରୁ କିଛି ସ୍ୱର ଉଠିଲା। କିନ୍ତୁ ଯିଏ ସେଇ ସ୍ୱରକୁ ଶୁଣିଲା ନାହିଁ, ସେ ମୋତେ ପାଇବାର ସୁଯୋଗ ହରାଇଲା।

ତେଣୁ ମନେ ରଖିବାକୁ ହେବ ଯେ, ଭଗବତବିଚ୍ଛେଦ ହିଁ ସକଳ ମାନବୀୟ ଦୁଃଖ-ଦୁର୍ଦ୍ଦଶାର ମୂଳକାରଣ, ସମସ୍ତ ମାନୁଷୀ ସମସ୍ୟାର ହେତୁ। ସେହି ବିଚ୍ଛେଦ ବା ବିଭାଗ ହିଁ ବନ୍ଧନ ଆଣିଦିଏ। ଯୋଗଦ୍ୱାରା, ଭକ୍ତି ଦ୍ୱାରା, ଜ୍ଞାନଦ୍ୱାରା, ବିଚାରଦ୍ୱାରା, ବିବେକଦ୍ୱାରା, ସାଧନାଦ୍ୱାରା, ସେହି ବିଚ୍ଛେଦର, ସେହି ତୁଟା-ସମ୍ପର୍କର ଅବସାନ ଘଟାନ୍ତୁ। ଭଗବତ ଅନନ୍ୟତାର, ଭଗବତ ସାନିଧ୍ୟର, ସେହି ପରମସୁଖଦାୟୀ ଅବସ୍ଥାକୁ ସର୍ବଦା ଅତୁଟ କରି ରଖିବାକୁ ନିଷ୍ଠାର ସହିତ, ଐକାନ୍ତିକତାର ସହିତ ଉଦ୍ୟମ କରି କରି ସଂସାରଦୁଃଖକୁ ଅତିକ୍ରମ କରିଯାଆନ୍ତୁ; ଅଜ୍ଞାନ ଅନ୍ଧକାରକୁ ବିନାଶ କରି, ବନ୍ଧନରୁ ମୁକ୍ତ ହୋଇ ପରମଦିବ୍ୟଜ୍ଞାନର ଆଲୋକ ନିକଟକୁ ଚାଲି ଆସନ୍ତୁ। ତାହା ହିଁ ବିଜ୍ଞତା। ଆଜି ଏହି ଶୁଭକ୍ଷଣରୁ ସେହି ବିଜ୍ଞତାର ପଥ ଧରିନିଅନ୍ତୁ। ଆପଣ ପରମାନନ୍ଦ ପାଇବେ। ପରମେଶ୍ୱର ଆପଣଙ୍କର ସାଧନାକୁ ସାଫଲ୍ୟମଣ୍ଡିତ କରନ୍ତୁ। ଭଗବାନ ଶ୍ରୀସତ୍ୟସାଇଙ୍କ ଆଶୀର୍ବାଦରେ ଆପଣଙ୍କର ଅଭିଳାଷ, ଆପଣଙ୍କର ସତକାମନା ପରିପୂର୍ଣ୍ଣ ହେଉ।


ଆଇନଜୀବୀ, ବଙ୍ଗାଳିସାହି, କଟକ, ମୋବାଇଲ୍: ୭୩୨୫୯୦୪୯୨୭



# ଦେଖାଗଲା ଷ୍ଟ୍ରବେରୀ ମୁନ୍

**ନୂଆଦିଲ୍ଲୀ, ୧୧।୬:** ଆକାଶରେ ଉଇଁଲା ଷ୍ଟ୍ରବେରୀ ରଙ୍ଗର ଜହ୍ନ। ଘଣ୍ଟା କଣ୍ଟାରେ ଠିକ୍ ୭ଟା ବାଜିବା ପରେ ସଞ୍ଜ ନଇଁବା ସହ ନୀଳ ଆକାଶରେ ଉଇଁଥିଲା 'ଷ୍ଟ୍ରବେରୀ ମୁନ୍'। ବିଶ୍ୱର ବିଭିନ୍ନ ଦେଶରେ ଏହି 'ଷ୍ଟ୍ରବେରୀ ମୁନ୍' ଦୃଶ୍ୟମାନ ହୋଇଛି । ବ୍ରିଟେନ୍, ଗ୍ରୀସ୍ ଆଦି ଦେଶରେ ଏହି ବିରଳ ମହାଜାଗତିକ ଦୃଶ୍ୟ ଦେଖାଦେଇଛି ।

ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ଆଜି ଚନ୍ଦ୍ରଙ୍କ ଆଲୋକରେ ଏକ ସୁନେଲୀ ଉଷ୍ମ ଆଭା ଦେଖିବାକୁ ମିଳିବ । ଭାରତରେ ଦକ୍ଷିଣ-ପୂର୍ବ ଦିଗରେ ଷ୍ଟ୍ରବେରୀ ଚନ୍ଦ୍ର ଦେଖାଯିବ। ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ବେଙ୍ଗାଲୁରୁ ଭଳି ସହରରେ ଏହି ଦୃଶ୍ୟ ଦୃଶ୍ୟମାନ ହେବ । ୧୮ ବର୍ଷରେ ଥରେ ଏହି ଦୃଶ୍ୟ ଦେଖା ଯାଇଥିବା ବେଳେ ପୁନଶ୍ଚ ୨୦୪୩ରେ ଦୃଶ୍ୟମାନ ହେବ। ଆଜି ଆକାଶରେ ସବୁଠୁ ରହସ୍ୟମୟୀ ଏବଂ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଥରର ଷ୍ଟ୍ରବେରୀ ମୁନ୍ କେବଳ ଏହାର ନାମ କିମ୍ବା ରଙ୍ଗ ପାଇଁ ନୁହେଁ, ବରଂ ଏହାର 'ମାଇକ୍ରୋ ମୁନ୍' ଏବଂ 'ମେଜର ଲୁନାର ଷ୍ଟାଣ୍ଡଷ୍ଟିଲ୍' ପାଇଁ ମଧ୍ୟ ବହୁତ ସ୍ୱତନ୍ତ୍ର । ଯଦିଓ ଏହାର ରଙ୍ଗ ଷ୍ଟ୍ରବେରୀ ପରି ନୁହେଁ, କିନ୍ତୁ ଏହାର ନାମ ଆମେରିକୀୟ ଆଦିବାସୀ ପରମ୍ପରା ସହିତ ଜଡ଼ିତ। ସେଠାରେ ଜୁନ୍ ମାସରେ ଏହି ପୂର୍ଣ୍ଣିମା ପରେ ଷ୍ଟ୍ରବେରୀ ଅମଳ ଆରମ୍ଭ ହେଉଥିଲା । ସେଥିପାଇଁ ଏହି ଦିନ ଆସୁଥିବା ଜହ୍ନର ରଙ୍ଗ ଦେଖି ତାହାର ନାମକରଣ କରାଯାଇଛି । ଏହି ବର୍ଷ ଚନ୍ଦ୍ର ପୃଥିବୀଠୁ ସବୁଠାରୁ ଦୂରରେ ରହିବ, ଯାହା ଯୋଗୁଁ ଏହା ସାଧାରଣ ଅପେକ୍ଷା ଛୋଟ ଏବଂ ନିମ୍ନ ଦେଖାଯିବ ।

# ରାଜାଙ୍କୁ ହତ୍ୟା କରିଥିବା ମାନିଲେ ସୋନମ





- ରାଜାଙ୍କ ପରିବାରକୁ ଭେଟିଲେ ସୋନମଙ୍କ ଭାଇ
- ସୋନମଙ୍କୁ ଫାଶୀ ଦିଆଯାଉ
- ୮ ଦିନିଆ ରିମାଣ୍ଡରେ ଗଲେ ଅଭିଯୁକ୍ତ

**ନୂଆଦିଲ୍ଲୀ, ୧୧।୬:** ମେଘାଳୟ ପୁଲିସ ରାଜା ରଘୁବଂଶୀ ହତ୍ୟା ମାମଲାର ଏକ ବଡ଼ ତଥ୍ୟ ସାମ୍ନାକୁ ଆଣିଛି। ମେଘାଳୟ ପୁଲିସ ସୂଚନା ଦେଇ କହିଛି ଯେ ରାଜାଙ୍କ ପତ୍ନୀ ସୋନମ ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ମେଘାଳୟରେ ତାଙ୍କ ହନିମୁନ ସମୟରେ ତାଙ୍କ ସ୍ୱାମୀ ରାଜା ରଘୁବଂଶୀଙ୍କ ହତ୍ୟା ଷଡ଼ଯନ୍ତ୍ରର ମୁଖ୍ୟ ଅଭିଯୁକ୍ତ ସୋନମ ରଘୁବଂଶୀଙ୍କୁ ତାଙ୍କ ବିରୁଦ୍ଧରେ ସଂଗୃହୀତ ପ୍ରମାଣ ପ୍ରଦାନ କରାଯିବା ପରେ ସେ ସ୍ୱତନ୍ତ୍ର ତଦନ୍ତ ଦଳ ଏସଆଇଟି ସମ୍ମୁଖରେ ଭୋ ଭୋ ହୋଇ କାନ୍ଦିବା ସହ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସେ ତାଙ୍କ ଅଭିଯୁକ୍ତ ପ୍ରେମିକ ରାଜ କୁଶୱାହାଙ୍କ ସହାୟତାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ ରାଜ କୁଶୱାହା ଅପରାଧ ସ୍ୱୀକାର କରିଥିଲେ।

ଶିଲଂ ଏସପି ବିବେକ କହିଛନ୍ତି, ସୋନମଙ୍କ ବିରୁଦ୍ଧରେ ଆମର ଦୃଢ଼ ପ୍ରମାଣ ଅଛି ଯାହା ହତ୍ୟାରେ ତାଙ୍କର ସମ୍ପୃକ୍ତିକୁ ପ୍ରମାଣିତ କରୁଛି। ଜୁନ୍ ୧୦ ତାରିଖରେ ସୋନମଙ୍କ ପ୍ରେମିକ ରାଜ କୁଶୱାହା ଏବଂ ସେ ନିଯୁକ୍ତି ଦେଇଥିବା ତିନି ଜଣ କଣ୍ଟ୍ରାକ୍ଟ କିଲର ବିଶାଲ ସିଂହ ଚୌହାନ, ଆକାଶ ରାଜପୁତ ଏବଂ ଆନନ୍ଦ କୁର୍ମି ରାଜା ରଘୁବଂଶୀଙ୍କ ହତ୍ୟାରେ ସେମାନଙ୍କର ସମ୍ପୃକ୍ତିକୁ ସ୍ୱୀକାର କରିସାରିଛନ୍ତି। ଏସପି ପୁନମ ଚାନ୍ଦ ଯାଦବଙ୍କ ଅନୁଯାୟୀ, ଅଭିଯୁକ୍ତ କେବଳ ହତ୍ୟା କରିଥିବା ସ୍ୱୀକାର କରିନଥିଲେ ବରଂ ଘଟଣାସ୍ଥଳରେ ରାଜାଙ୍କ ପତ୍ନୀ ସୋନମ ଉପସ୍ଥିତ ଥିବା ଏବଂ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଦେଖିଥିଲେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି। ଆଜି ସୋନମଙ୍କ ଭାଇ ରାଜା ରଘୁବଂଶୀଙ୍କ ଘରେ ପହଞ୍ଚିବା ସହ ରାଜାଙ୍କ ମା'ଙ୍କୁ କୁଣ୍ଢେଇ ପକାଇ ଖୁବ୍ କାନ୍ଦିଥିଲେ। ସେ ପୀଡିତଙ୍କ ପରିବାରକୁ ଭେଟିବର ପରେ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ ଯେ, ଯଦି ଭଉଣୀ ଦୋଷୀ, ତେବେ ତାକୁ ଦଣ୍ଡ ମିଳିବା ଉଚିତ୍।। ମୋ ଭଉଣୀ ଅପରାଧ କରିଛି। ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ। ମୋ ଭଉଣୀ କରିଥିବା ଦୋଷ ପାଇଁ ମୁଁ ରାଜାଙ୍କ ମାଆଙ୍କୁ କ୍ଷମା ମାଗିଛି। ଆମେ ସୋନମଙ୍କ ସହ ଆମର ସମ୍ପର୍କ ଭାଙ୍ଗି ଦେଇଛୁ। ମୁଁ ରାଜାଙ୍କ ପରିବାରକୁ କ୍ଷମା ପ୍ରାର୍ଥନା କରୁଛି ବୋଲି ସେ କହିଛନ୍ତି। ଗୋବିନ୍ଦ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ ରାଜା ସୋନମଙ୍କୁ 'ଦିଦି' ବୋଲି ଡାକୁଥିଲେ ଏବଂ ସେ ଗତ ତିନି ବର୍ଷ ଧରି ତାଙ୍କୁ ରାକ୍ଷୀ ବାନ୍ଧୁଥିଲେ। ଯଦି ଆମେ ସେମାନଙ୍କ ସମ୍ପର୍କ ବିଷୟରେ ଜାଣିଥାନ୍ତୁ, ତେବେ ଆମେ କେବେବି ଏହା ହେବାକୁ ଦେଇନଥାଆନ୍ତୁ ବୋଲି ସେ କହିଛନ୍ତି। ଅନ୍ୟ ଏକ ଘଟଣାରେ ଆଜି ପୁଲିସ ହତ୍ୟାକାଣ୍ଡରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ମେଘାଳୟର ଶିଲଂ କୋର୍ଟରେ ହାଜର କରିଥିଲେ। ପୁଲିସ ସେମାନଙ୍କୁ ୧୦ ଦିନ ରିମାଣ୍ଡରେ ନେବାକୁ ଦାବି କରିଥିଲେ। ମାତ୍ର କୋର୍ଟ ୮ ଦିନ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡ ପ୍ରଦାନ କରିଛନ୍ତି।

## ଯୁଟ୍ୟୁବର୍ ଜ୍ୟୋତି ପାଇଲେନି ଜାମିନ



**ନୂଆଦିଲ୍ଲୀ, ୧୧।୬:** ଯୁଟ୍ୟୁବର ଜ୍ୟୋତି ମଲହୋତ୍ରାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି କୋର୍ଟ। ଜ୍ୟୋତିଙ୍କ ଓକିଲ କୁମାର ମୁକେଶ ଜାମିନ ଆବେଦନ କରିଥିଲେ। ମାତ୍ର ଗୁପ୍ତଚର ମାମଲାରେ ଗିରଫ ହୋଇଥିବା ଯୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି ହିସାର କୋର୍ଟ। ପାକିସ୍ତାନ ପାଇଁ ଗୁପ୍ତଚର କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ଯୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ରିମାଣ୍ଡରେ ନେଇଥିଲା ପୁଲିସ। ସୋମବାର ତାଙ୍କ ରିମାଣ୍ଡ ଶେଷ ହେବା ପରେ କୋର୍ଟ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ । ୩୩ ବର୍ଷୀୟ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଜ୍ୟୋତିଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜେଏମ୍ଏଫ୍ସି ସୁନୀଲ କୁମାର ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଜ୍ୟୋତି ମାଲହୋତ୍ରାଙ୍କ ତିନୋଟି ମୋବାଇଲ୍ ଏବଂ ଏକ ଲାପଟପ୍, ପୁଲିସ ଫରେନସିକ୍ ପାଇଁ ପଠାଇଥିଲା । ଏହାସହ ଜ୍ୟୋତିଙ୍କ ଚାରୋଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଯାଞ୍ଚ କରାଯାଇଥିଲା । 'ଟ୍ରାଭେଲ୍ ୱିଥ୍ ଜୋ' ନାମକ ଯୁଟ୍ୟୁବ୍ ଚ୍ୟାନେଲ୍ ଚଲାଉଥିବା ହିସାରର ବାସିନ୍ଦା ଜ୍ୟୋତିଙ୍କୁ ନ୍ୟୁ ଅଗରସେନ୍ ଏକ୍ସଟେନସନ୍‌ରୁ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୁଦ୍ଧରେ ସରକାରୀ ଗୁପ୍ତ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବ୍ୟବସ୍ଥା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା।

## ସନ୍ଦେହରେ ଆତଙ୍କବାଦୀ ନେଇ ସର୍ଚ୍ଚ ଅପରେସନ ଜାରି



**ଜମ୍ମୁ, ୧୧।୬:** ଜମ୍ମୁ ଓ କାଶ୍ମୀରର ସାମ୍ବା ଜିଲ୍ଲା ଧର ରାସ୍ତାରେ ସୁରକ୍ଷା ବାହିନୀ ପକ୍ଷରୁ ଦୁଇ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ଗ୍ରାମବାସୀମାନେ ଖବର ଦେବା ପରେ ସୁରକ୍ଷା ବାହିନୀ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛି। ଅପରେସନ୍ ଚାଲୁ ରହିଛି, କିନ୍ତୁ ଏପର୍ଯ୍ୟନ୍ତ ସେନା ପୋଷାକ ପିନ୍ଧିଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କ କୌଣସି ସନ୍ଧାନ ମିଳିନାହିଁ ବୋଲି ଜଣେ ଅଧିକାରୀମାନେ କହିଛନ୍ତି। ସେ କହିଛନ୍ତି ଯେ କେତେକ ଗ୍ରାମବାସୀ ମଙ୍ଗଳବାର ବିଳମ୍ବିତ ରାତିରେ ନୁନ୍ ଗାଁ ନିକଟବର୍ତ୍ତୀ ଏକ ସ୍କୁଲ୍ ନିକଟରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଏବଂ ସେନାର ମିଳିତ ଟିମ ଦ୍ୱାରା ସମଗ୍ର ଅଞ୍ଚଳକୁ ତୁରନ୍ତ ଘେରାବନ୍ଦୀ କରାଯାଇଥିଲା ଏବଂ ଭୋର ସମୟରୁ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା।

## ପୁଣି ଘୁଞ୍ଚିଲା ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରା

**ନୂଆଦିଲ୍ଲୀ, ୧୧।୬:** କିଛି ଘଣ୍ଟାର ଅପେକ୍ଷା ଥିଲା। କାଉଣ୍ଟଡାଉନ୍ ବି ଷ୍ଟାର୍ଟ ହୋଇଯାଇଥିଲା। ହେଲେ ପୁଣି ଅଟକିଲା ଅକ୍ସିଓମ୍ ମିଶନ୍-୪। ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରାରେ ପୁଣି ବ୍ରେକ୍ ଲାଗିଛି । 'ଷ୍ଟେଟିକ୍ ଫାୟର' ପରୀକ୍ଷଣ ପରେ ବୁଷ୍ଟର ଯାଞ୍ଚ ବେଳେ ଲିକ୍ୟୁଇଡ୍ ଅକ୍ସିଜେନ୍ ଲିକ୍ ହୋଇଥିଲା । ତେଣୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବହୁପ୍ରତୀକ୍ଷିତ ଅକ୍ସିଓମ୍-୪ ମିଶନ୍‌କୁ ସ୍ଥଗିତ ରଖାଯାଇଛି। ବୁଧବାର ସନ୍ଧ୍ୟା ୫.୩୦ରେ ମହାକାଶ ଯାତ୍ରା କରିଥାନ୍ତେ ଭାରତର ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ଓ ତାଙ୍କ ଟିମ୍ । ନାସା ଓ ସ୍ପେସ୍ଏକ୍ସର 'ଅକ୍ସିଓମ୍-୪' ମିଶନରେ ଶୁଭାଂଶୁ ଓ ତାଙ୍କର ୩ ସାଥୀ ସ୍ପେସ୍ଏକ୍ସ ଡ୍ରାଗନ୍‌ରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍‌କୁ ଯାତ୍ରା କରିଥାନ୍ତେ। ସ୍ପେସ୍ ଷ୍ଟେସନ୍‌ରେ ୧୪ ଦିନର ରହଣିରେ ଏହି ନକ୍ଷତ୍ରବିଜ୍ଞାନୀମାନେ ୬୦ ବୈଜ୍ଞାନିକ ଅଧ୍ୟୟନ ଓ ଗତିବିଧିରେ ଭାଗ ନେଇଥାନ୍ତେ। ଅକ୍ସିଓମ୍ ମହାକାଶ ମିଶନରେ ହେବାକୁ ଯାଉଥିବା ଏହା ଏପର୍ଯ୍ୟନ୍ତର ସର୍ବାଧିକ ଅଧ୍ୟୟନ ହେବ। ହେଲେ ପୁଣି ଅନିର୍ଦ୍ଦିଷ୍ଟକାଳ ପାଇଁ ମିଶନ୍‌ରେ ବ୍ରେକ୍ ଲାଗିଛି । ଏହି ମିଶନ କେବଳ ପ୍ରୟୋଗ ପାଇଁ ନୁହେଁ, ପରବର୍ତ୍ତୀ ସ୍ପେସ୍ ଷ୍ଟେସନ୍ ନିର୍ମାଣର ମାର୍ଗ ମଧ୍ୟ ଖୋଲିବ। ଶୁଭାଂଶୁ ଓ ଅକ୍ସିଓମ୍-୪ ମିଶନ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୈଜ୍ଞାନିକ ସମୁଦାୟର ପ୍ରଗତିରେ ଏହା ଯୋଗଦାନ ଦେବ ଏବଂ ପରବର୍ତ୍ତୀ ସ୍ପେସ୍ ଷ୍ଟେସନ୍‌ର ମୂଳଦୁଆ ପକାଇବ ।



## ମୋଦି ସରକାରଙ୍କ ବଡ଼ ଉପହାର

# ୬୪୦୦ କୋଟିର ରେଲୱେ ପ୍ରକଳ୍ପକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୧।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ରେଳ ମନ୍ତ୍ରଣାଳୟର ଦୁଇଟି ମହତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପରେ ସମୁଦାୟ ୬,୪୦୫ କୋଟି ଟଙ୍କା ଖର୍ଚ୍ଚ ହେବ। ଝାଡ଼ଖଣ୍ଡ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶର ସାତ ଜିଲ୍ଲାକୁ ସାମିଲ କରି ଭାରତୀୟ ରେଲୱେର ଦୁଇଟି ମଲଟିଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଏହାଦ୍ୱାରା କେବଳ ରେଲୱେର ପରିଚାଳନା ଦକ୍ଷତାରେ ସୁଧାର ହେବ ତାହାନୁହେଁ ବରଂ ଯାତ୍ରୀ ଏବଂ ମାଲ୍ ପରିବହନ କ୍ଷମତା ମଧ୍ୟ ବଢ଼ିବ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ କୋଡରମାରୁ ବରକାକାନା ମଧ୍ୟରେ ୧୩୩ କିଲୋମିଟର ଡବଲ ଲେନକୁ ମଞ୍ଜୁରୀ ମିଳିଛି, ଯାହାର ମୂଲ୍ୟ ୩୦୬୩ କୋଟି ଟଙ୍କା ହେବ। ଏହା ପାଟନା ଏବଂ ରାଞ୍ଚି ମଧ୍ୟରେ ଦୂରତାକୁ ହ୍ରାସ କରିବ। ଏହା କୋଡରମା, ଛତ୍ର, ହଜାରୀବାଗ ଏବଂ ରାମଗଡ଼ ଜିଲ୍ଲାକୁ ମଧ୍ୟ ସଂଯୋଗ କରିବ। ଝାଡ଼ଖଣ୍ଡରେ ଭାରତୀୟ ରେଳବାଇର କୋଡରମା-ବରକାକାନା ମଲ୍ଟିଟ୍ରାକିଂ ପ୍ରକଳ୍ପ ବିଷୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବିଶେଷଜ୍ଞଙ୍କ ଗଣନା ଅନୁଯାୟୀ, ଏହି ପ୍ରକଳ୍ପରୁ ନିର୍ଗତ କାର୍ବନ ଡାଇଅକ୍ସାଇଡର ପରିମାଣ ସାତ କୋଟି ଗଛ ଲଗାଇବା ସହିତ ସମାନ ହେବ। ଏହା ଦେଶରେ ବାର୍ଷିକ ୩୨ କୋଟି ଲିଟର ଡିଜେଲ ମଧ୍ୟ ସଞ୍ଚୟ କରିବ। ଏହା ୯୩୮ ଗ୍ରାମ ଏବଂ ୧୫ ଲକ୍ଷ ଜନସଂଖ୍ୟାକୁ ଲାଭ ଦେବ। କେନ୍ଦ୍ର ସରକାର କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଭାରତୀୟ ରେଳବାଇର ବଲ୍ଲାରୀ-ଚିକଜାଜୁର ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହା ଦୁଇ ଲେନ୍ ହେବ, ଯାହା ମାଙ୍ଗାଲୋର ବନ୍ଦର ସହିତ ଯୋଗାଯୋଗକୁ ଆହୁରି ଉନ୍ନତ କରିବ। ଏ ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପରେ ୧୮୫ କିଲୋମିଟର ରେଳ ଲାଇନକୁ ଦୁଇ ଗୁଣ କରାଯିବ, ଯାହାର ମୂଲ୍ୟ ୩,୩୪୨ କୋଟି ଟଙ୍କା ହେବ।



ଝାଡ଼ଖଣ୍ଡ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶକୁ ଫାଇଦା

## ପୁଣି ଚର୍ଚ୍ଚାରେ ଲାଲୁ

# ୭୮ତମ ଜନ୍ମଦିନରେ କାଟିଲେ ୭୮କିଲୋର ଲଡୁ



**ପାଟନା, ୧୧।୬:** ପୁଣି ଚର୍ଚ୍ଚାରେ ଲାଲୁ। ଏଥର ଚର୍ଚ୍ଚା ନିଜ ଜନ୍ମଦିନ ପାଳନକୁ ନେଇ। ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଆଜି ଥିଲା ୭୮ତମ ଜନ୍ମଦିନ। ଏହି ଅବସରରେ ଦଳୀୟ କର୍ମୀଙ୍କଠାରୁ ଆରମ୍ଭ କରି ସମର୍ଥକ ପର୍ଯ୍ୟନ୍ତ ସମସ୍ତେ ରାଜ୍ୟବ୍ୟାପୀ ଜନ୍ମଦିନ ପାଳନ କରିଥିଲେ। ନିଜ ଜନ୍ମଦିନ ଅବସରରେ ଲାଲୁ ଯାଦବ ମଧ୍ୟରାତ୍ରିରେ କେକ୍ କାଟି ତାଙ୍କ ଜନ୍ମଦିନ ପାଳନ କରିବା ଆରମ୍ଭ କରିଥିଲେ। ଏହି ବିଶେଷ ଅବସରରେ ଆରଜେଡି ନେତା ଏବଂ କର୍ମୀମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ୧୦ସର୍କୁଲାର ରୋଡସ୍ଥିତ ବାସଭବନରେ ଭିଡ଼ ଜମାଇଥିଲେ। ସମସ୍ତେ ଲାଲୁଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

ଆରଜେଡିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅନୀଲ କୁମାର ୭୮ପ୍ରକାର ଫଳର ଏକ ଟୋକେଇ ସହିତ ଲାଲୁ ଯାଦବଙ୍କୁ ଶୁଭେଚ୍ଛା ଜଣାଇବାକୁ ପହଞ୍ଚିଥିଲେ। ଏହା ସହିତ କର୍ମୀମାନେ ଆଣିଥିବା ୭୮ କିଲୋର ଲଡୁ ମଧ୍ୟ ଏକ ବିଶେଷ ଆକର୍ଷଣ ପାଲଟି ଥିଲା, ଯାହାକୁ ଲାଲୁ ଯାଦବ ପାରମ୍ପରିକ ଶୈଳୀରେ ଖଣ୍ଡାରେ କାଟିଥିଲେ। ଜନ୍ମଦିନ ପାଳନ କରିବା ପାଇଁ ବୁଧବାର ସକାଳଠାରୁ ରାବ୍ରି ବାସଭବନ ବାହାରେ କର୍ମୀ ଏବଂ ସମର୍ଥକଙ୍କ ଭିଡ଼ ଜମିଥିଲା। ଢୋଲ ବାଦ୍ୟରେ ଲୋକମାନେ ନାଚୁଥିବା ଏବଂ ଗୀତ ଗାଉଥିବାର ଦେଖାଯାଇଥିଲା। ଅନେକ କର୍ମୀ ଲାଲୁ ଯାଦବଙ୍କ ଫଟୋ ଏବଂ ପୋଷ୍ଟର ଧରି ଆସିଥିଲେ। ଅନେକ ଲୋକ ମିଠା ଏବଂ କେକର ବାକ୍ସ ଧରି ଆସିଥିଲେ। ଲାଲୁ ଯାଦବ ଜିନ୍ଦାବାଦ କହୁଥିଲେ। ତେବେ ୭୮ କିଲୋ ଲଡୁ କାଟିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ୭୦୦୦ ଡେଇଁଲା କରୋନା ସଂକ୍ରମଣ



## ୨୪ ଘଣ୍ଟାରେ ୬ ମୃତ

**ନୂଆଦିଲ୍ଲୀ, ୧୧।୬:** କରୋନା ସଂକ୍ରମଣ ବଢ଼ି ବଢ଼ି ଚାଲିଛି। ସମଗ୍ର ଦେଶରେ କରୋନା ପୁଣି ତାର କାୟା ମେଲାଉଛି । ଦେଶରେ ଏବେ ସଦ୍ୟ ମାମଲା ୭୧୨୧ରେ ପହଞ୍ଚିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ମୁତାବକ ଆଜି ସୁଦ୍ଧା ୭୧୨୧ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ଛୁଇଁଛି । ଗତ ୨୪ ଘଣ୍ଟାରେ ୩୦୬ଟି ନୂଆ ମାମଲା ଚିହ୍ନଟ ହୋଇଛି। ୬ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସବୁଠାରୁ ଅଧିକ ସଂକ୍ରମିତ କେରଳରେ ଚିହ୍ନଟ ହୋଇଛନ୍ତି । କେରଳରେ ୨୨୨୩ କୋଭିଡ ପଜିଟିଭ ଆକ୍ରାନ୍ତ ରହିଛନ୍ତି । ସେହିପରି ଗୁଜରାଟରେ ୧୨୨୩, ଦିଲ୍ଲୀରେ ୭୫୭, ମହାରାଷ୍ଟ୍ରରେ ୬୧୫, ତାମିଲନାଡୁରେ ୨୦୪, ପଶ୍ଚିମବଙ୍ଗରେ ୭୪୭, ଛତିଶଗଡ଼ରେ ୪୪ ଏବଂ ଆନ୍ଧ୍ରପ୍ରଦେଶରେ ୭୨, ରାଜସ୍ଥାନ ୧୩୮, କର୍ଣ୍ଣାଟକରେ ୪୫୯, ଉତ୍ତରପ୍ରଦେଶରେ ୨୨୯ ଆକ୍ରାନ୍ତ ରହିଛନ୍ତି । କେରଳରେ ତିନୋଟି ମୃତ୍ୟୁ ରେକର୍ଡ ହୋଇଛି, ମହାରାଷ୍ଟ୍ର ଗୋଟିଏ ଏବଂ କର୍ଣ୍ଣାଟକରେ ୨ ମୃତ୍ୟୁ ରିପୋର୍ଟ ହୋଇଛି। କରୋନାକୁ ନେଇ ଲୋକମାନେ ସତର୍କତା ଅବଲମ୍ବନ କରନ୍ତୁ ବୋଲି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଯଦି କୌଣସି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ନିରୀକ୍ଷା କରିବାକୁ କୁହାଯାଇଛି ।

## ଅନ୍ତଃଜାତି ବିବାହ ପାଇଁ ସାମାଜିକ ବାସନ୍ଦ

# ଝିଅ ପରିବାରକୁ ୨୦ ଲକ୍ଷ ଜରିମାନା

**ଲକ୍ଷ୍ନୌ, ୧୧।୬:** ଅନ୍ୟ ଜାତିରେ ଜଣେ ଯୁବତୀ ବିବାହ କରିବାରୁ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ ସହ ୨୦ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଉତ୍ତରପ୍ରଦେଶ ଝାନ୍ସୀ ଜିଲ୍ଲା ବୁନ୍ଦେଲଖଣ୍ଡ ବାଚେଡା ଗାଁର ଜଣେ ଯୁବତୀ ତାଙ୍କର ପିଲାଦିନର ବନ୍ଧୁ ପଟେଲ ସମ୍ପ୍ରଦାୟର ଯୁବକଙ୍କୁ ବିବାହ ନେଇ ଏପରି କଟକଣା ଲାଗୁ ହୋଇଛି। ଯଦିଓ ଉଭୟ ପରିବାର ଏହି ବିବାହକୁ ସମର୍ଥନ କରିଥିଲେ ଏବଂ ଏପ୍ରିଲ ୩୦ ତାରିଖରେ ବିବାହ ସମ୍ପନ୍ନ କରିଥିଲେ। କିନ୍ତୁ ଆନ୍ତଃଜାତି ସମ୍ପର୍କ ଯୋଗୁଁ ଗାଁ ଲୋକେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏକ ରୁଦ୍ଧଦ୍ୱାର ବୈଠକରେ ଗ୍ରାମ ମୁଖ୍ୟଙ୍କ ସମେତ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ସାମାଜିକ ରୀତି ନିୟମକୁ ଅବମାନନା କରୁଥିବା ଅଭିଯୋଗ କରି ଯୁବତୀଙ୍କ ପରିବାର ଉପରେ ୨୦ଲକ୍ଷ ଟଙ୍କାର ଏକ ବଡ଼ ଜରିମାନା ଲଗାଇଛନ୍ତି। ଏହା ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ଯେ ଯିଏ ଝିଅର ପରିବାର ସହିତ ଯିଏ କଥା ହେବେ କିମ୍ବା ସଂପର୍କ ରଖିବେ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯିବ।

## ସ୍ତ୍ରୀ ଚରିତ୍ରକୁ ସନ୍ଦେହ

# ୪ ଛୁଆଙ୍କୁ ଧରି ଟ୍ରେନ୍ ଆଗକୁ ଡେଇଁଲେ ସ୍ୱାମୀ

**ଫରିଦାବାଦ, ୧୧।୬:** ସ୍ତ୍ରୀର ଚରିତ୍ର ସନ୍ଦେହରୁ ପିଶାଚ ପାଲଟିଲା ସ୍ୱାମୀ। ୪ ଛୋଟ ଛୁଆଙ୍କ ଜୀବନ ହାରିବା ସହ ନେଲା ନିଜର ଜୀବନ। ଏଭଳି ଘଟିଛି ଦିଲ୍ଲୀ ଏନସିଆରର ଫରିଦାବାଦରେ। ଛୁଆଙ୍କ ହାତରେ ଥିଲା କୋଲଡ୍ରିଙ୍କସ୍ ଓ ଚିପ୍ସ । ମୁହଁରେ ଥିଲା ହସ କାରଣ ପାର୍କ ଯାଉଥିଲେ ବୁଲିବାକୁ । ଟ୍ରେନ୍ ଟ୍ରାକ୍ ଉପରେ ଚାଲି ଚାଲି ବାପାଙ୍କ ସହ ଯାଉଥିଲେ ୪ ଛୁଆ। ହଠାତ ଟ୍ରେନ୍ ଆସିବାରୁ ଭୟଭୀତ ହୋଇପଡିଥିଲେ। କିନ୍ତୁ ବାପା ମନରେ ଥିଲା ପାପ । ହଠାତ ଟ୍ରେନ୍ ଆଗକୁ ଛୁଆଙ୍କ ସହ ଡେଇଁ ପଡିଲା ବାପା ମନୋଜ ମହାତୋ । ଘଟଣାସ୍ଥଳରେ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ୫ଜଣଙ୍କ ଶବକୁ ରେଳ ଟ୍ରାକରୁ ହଟାଇ ବ୍ୟବଚ୍ଛେଦ ପାଇଁ ପଠାଇଛି । ମନୋଜଙ୍କ ପକେଟରୁ ଏକ କାଗଜ ମିଳିଥିଲା । ଯେଉଁଥିରେ ତାଙ୍କ ପତ୍ନୀଙ୍କ ନମ୍ବର ଲେଖାଥିଲା । ପୁଲିସ ସେହି ନମ୍ବରରେ କଲ୍ କରିବାରୁ ଅନେକ କିଛି କଥା ପଦାକୁ ଆସିଥିଲା ।

## ବେଙ୍ଗାଲୁରୁ ଦଳାଚକଟା

# ଆରସିବି ଓ ବିସିସିଆଇକୁ ଦାୟୀ କଲେ ସରକାର

**ବେଙ୍ଗାଲୁରୁ, ୧୧।୬:** ରୟାଲ ଚ୍ୟାଲେଞ୍ଜ ବେଙ୍ଗାଲୁରୁ (ଆରସିବି)ର ବିଜୟ ଉତ୍ସବ ପାଳନ ପାଇଁ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ମାମଲାରେ କର୍ଣ୍ଣାଟକ ସରକାର ବୁଧବାର ବଡ଼ ବୟାନ ଦେଇଛନ୍ତି। କୋର୍ଟରେ ଶୁଣାଣି ସମୟରେ ସରକାର ମାମଲାରେ ସ୍ପଷ୍ଟ ରୂପେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଆରସିବିକୁ ଏହି ଦୁର୍ଘଟଣା ପାଇଁ ଦାୟୀ କରିଛନ୍ତି। ସରକାର କୋର୍ଟରେ କହିଛନ୍ତି ଯେ ଏହି ଇଭେଣ୍ଟ ପାଇଁ କୌଣସି ଅନୁମତି ନିଆଯାଇ ନଥିଲା ଓ ଆୟୋଜକମାନେ ସୋସିଆଲ ମିଡିଆ ମାଧ୍ୟମରେ ସାରା ଜଗତକୁ ଡକାଇ ଆଣିଥିଲେ। ଏହି କଥା ସେତେବେଳେ ସାମ୍ନାକୁ ଆସିଛି ଯେତେବେଳେ କୋର୍ଟରେ ୪ ଜଣଙ୍କ ଆବେଦନର ଶୁଣାଣି ହୋଇଛି, ଯେଉଁଥିରେ ଆରସିବି ମାର୍କେଟିଂ ହେଡ ନିଖିଳ ସୋସାଲେ ମଧ୍ୟ ସାମିଲ ଅଛନ୍ତି। ଏମାନେ ସେମାନଙ୍କ ଗିରଫଦାରୀକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏହି ମାମଲାରେ ହାଇକୋର୍ଟ ଜଜ୍ ଏସ୍. ଆର.କୃଷ୍ଣ କୁମାରଙ୍କ ଏକକ ବେଞ୍ଚ ଶୁଣାଣି କରିଛନ୍ତି।



ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟରେ ଉପସ୍ଥିତ ଆଡଭୋକେଟ ଜେନେରାଲ ଶଶି କିରଣ ସେଟ୍ଟି କହିଛନ୍ତି ଜୁନ ୩ ତାରିଖ ଦିନ ମ୍ୟାଚ୍ ଆରମ୍ଭ ହେବାର ମାତ୍ର ଘଣ୍ଟାକ ପୂର୍ବରୁ ଆୟୋଜକ ପ୍ରଶାସନକୁ ଏକ ଚିଠି ପଠାଇଥିଲେ। ଏହି ଚିଠିରେ ବିଜୟ ଶୋଭାଯାତ୍ରା ଯୋଜନା ସମ୍ପର୍କରେ କେବଳ ସୂଚିତ କରିଥିଲେ। ଏଥି ପାଇଁ ଅନୁମତି ମାଗି ନଥିଲେ। ଏହା ସତ୍ତ୍ୱେ ଆରସିବି ୩ ଜୁନ ରାତି ସାଢେ ୧୧ଟାରୁ ୪ ଜୁନ ସକାଳ ପର୍ଯ୍ୟନ୍ତ ସୋସିଆଲ ମିଡିଆରେ ଅନେକ ପୋଷ୍ଟ କରିଥିଲେ, ଯେଉଁଥିରେ ଫ୍ୟାନସ୍ ଙ୍କୁ ବିଜୟ ଶୋଭାଯାତ୍ରା ଓ ସେଲିବ୍ରେସନରେ ସାମିଲ ହେବା ପାଇଁ ଆମନ୍ତ୍ରିତ କରିଥିଲେ। ସରକାରଙ୍କ ପକ୍ଷରୁ କୋର୍ଟକୁ କୁହାଯାଇଛି ଯେ ଆରସିବି ଓ ବିସିସିଆଇ ମଧ୍ୟରେ ଗେଟ୍ ମ୍ୟାନେଜମେଣ୍ଟ, ଟିକେଟିଂ ଓ ସୁରକ୍ଷାକୁ ନେଇ ବୁଝାମଣା ହୋଇଥିଲା। ସେହି ଅନୁସାରେ ଭିଡକୁ ସମ୍ଭାଳିବାର ସବୁ ଦାୟିତ୍ୱ ଫ୍ରାଞ୍ଚାଇଜି ଓ କ୍ରିକେଟ ବୋର୍ଡଙ୍କର ଥିଲା। ତେବେ କୋର୍ଟ ଆରସିବି ପକ୍ଷରୁ ଦାଖଲ ହୋଇଥିବା ପିଟିସନର ଅର୍ଡରକୁ ରିଜର୍ଭ ରଖିଛନ୍ତି।

# ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ, ହଂକଂଠୁ ହାରିଲା ଭାରତ



**ହଂକଂ, ୧୧।୬:** ଏଏଫ୍‌ସି ଏସିଆ କପ୍‌୨୦୨୭ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡର ଏକ ମ୍ୟାଚ୍‌ରେ ଆଜି ଭାରତ ଘରୋଇ ହଂକଂ ଠାରୁ ୧-୦ ଗୋଲରେ ପରାଜିତ ହୋଇଛି। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ସିଙ୍ଗାପୁରକୁ ଭେଟିବ। ଏହି ମ୍ୟାଚ୍ ଅକ୍ଟୋବର ୯ ତାରିଖରେ ଖେଳାଯିବ। ଗତକାଲିର ମ୍ୟାଚ ବେଶ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୨,୫୭୦ ଦର୍ଶକ ମ୍ୟାଚର ପ୍ରତ୍ୟକ୍ଷ ରୋମାଞ୍ଚ ନେଇଥିଲେ। ପ୍ରତି ମୁହୂର୍ତ୍ତରେ ହୋଇଥିଲା ଆକ୍ରମଣ ଓ ପ୍ରତିଆକ୍ରମଣ। ଫଳରେ ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ ସମାନ ଖେଳ ଦେଖିବାକୁ ମିଳିଥିଲା। ୯୦ ମିନିଟ ପର୍ଯ୍ୟନ୍ତ କେହି ଗୋଲ ଖାତା ଖୋଲି ପାରିନଥିଲେ। ଇନ୍‌ଜ୍ୟୁରୀ ଟାଇମରେ ଗୋଲ୍ ଦେଇ ହଂକଂ ଶେଷରେ ବିଜୟୀ ହୋଇଥିଲା। ୯+୪ ମିନିଟରେ ହଂକଂକୁ ମିଳିଥିଲା ପେନାଲ୍ଟି। ଘରୋଇ ତାରକା ଷ୍ଟେଫାନ ପେରେଇରା ତ୍ରୁଟି ନକରି ଭାରତ ଗୋଲପୋଷ୍ଟରେ ବଲ ପୂରାଇ ବିଜୟ ଛଡ଼ାଇ ନେଇଥିଲେ। ଢାକାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସିଙ୍ଗାପୁର ୨-୧ ଗୋଲରେ ବାଂଲାଦେଶକୁ ପରାଜିତ କରିଥିଲା। ପୂର୍ବରୁ ଭାରତ ଗତ ୪ ତାରିଖରେ ଥାଇଲାଣ୍ଡ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲା। ଏହି ମ୍ୟାଚ୍‌ରେ ଥାଇଲାଣ୍ଡ ୨-୦ ଗୋଲରେ ବିଜୟୀ ହୋଇଥିଲା। ଶେଷ ପର୍ଯ୍ୟନ୍ତ ଭାରତ ଗୋଲ ଖାତା ଖୋଲି ପାରିନଥିଲା।

# ରେକର୍ଡ ମୂଲ୍ୟରେ ବିକ୍ରି ହେଲା ନାଡାଲଙ୍କ ରାକେଟ



**ନୂଆଦିଲ୍ଲୀ, ୧୧।୬:** ଲୋକପ୍ରିୟ ଟେନିସ ଖେଳାଳି ରାଫେଲ ନାଡାଲଙ୍କ ଏକ ରାକେଟ ୧୫୭, ୩୩୩.୨୦ ଡଲାରରେ ନିଲାମ ହୋଇଛି। ବାବୋଲାଟ କମ୍ପାନିର ଏହି ରାକେଟରେ ନାଡାଲ ୨୦୧୭ ଫ୍ରେଞ୍ଚ ଓପନ ଫାଇନାଲ ମ୍ୟାଚ ଖେଳି ବିଜୟୀ ହୋଇଥିଲେ। ରବିବାର ରାକେଟକୁ ପ୍ରେଷ୍ଟିଜ୍ ମେମୋରାବିଲିୟା ଅକ୍ସନ ମାଧମରେ ନିଲାମ କରାଯାଇଛି। ବଡ଼ କଥା ହେଲା କୌଣସି ଟେନିସ ରାକେଟ ଏତେ ଟଙ୍କାରେ ନିଲାମ ହେବାରେ ପ୍ରଥମ । ଏମିତିରେ ଏହି ନିଲାମୀ ମଧ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ପୂର୍ବରୁ ମଧ ୨୦୨୨ରେ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡ ସ୍ଲାମ ଟାଇଟଲ ମ୍ୟାଚରେ ନାଡାଲ ଯେଉଁ ରାକେଟରେ ଖେଳିଥିଲେ ତାହା ମଧ ନିଲାମ ହୋଇଥିଲା। ୨୦୨୩ରେ ଏହି ରାକେଟ ୧୩୯,୭୦୦ ଡଲାରରେ ନିଲାମ ହୋଇଥିଲା। ଏହି ମ୍ୟାଚରେ ନାଡାଲ, ଡାନିଲ ମେଦଭେଦଭଙ୍କୁ ହରାଇଥିଲେ।

ସୂଚନାଥାଉକି, ନାଡାଲ ୨୦୧୭ରେ ଷ୍ଟାନ ୱାୱ୍‌ରିଙ୍କାଙ୍କୁ ଲଗାତାର ତିନି ରାଉଣ୍ଡରେ ୬-୨, ୬-୩, ୬-୧ରେ ହରାଇଥିଲେ। ଆଉ ଏହି ବିଜୟ ସହ ସେ ୧୦ମ ଫ୍ରେଞ୍ଚ ଓପନ ଟାଇଟାଲ ହାସଲ କରିଥିଲେ। ଏହା ପରେ ବି ତାଙ୍କ ବିଜୟ ଧାରା ଜାରି ରହିଥିଲା। ଏହି ମ୍ୟାଚ ପରେ ସେ ଆହୁରି ୪ଟି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ସେଟ ନହରାଇ ଜିତିଥିଲେ। ରାଫେଲଙ୍କ ନାଁରେ ୧୪ଟି ଫ୍ରେଞ୍ଚ ଓପନ ଟାଇଟଲ ଜିତିବାର ରେକର୍ଡ ରହିଛି। ଯେତେବେଳକି ଟେନିସରେ ଅନ୍ୟ କେହି ବ୍ୟକ୍ତି ୮ରୁ ଅଧିକ ଟାଇଟଲ ଜିତିନାହାଁନ୍ତି। ନାଡାଲଙ୍କ ୨୦୧୭ ଫ୍ରେଞ୍ଚ

**୨୦୧୭ ଫ୍ରେଞ୍ଚ ଓପନ ବିଜେତା ଥିଲେ ରାଫେଲ**

ଓପନ ରେକର୍ଡକୁ ତାଙ୍କର ୨୦୧୭ ସେସନ୍‌ର ଅନ୍ୟ ୨୪ ମ୍ୟାଚ ସହ କରାଯାଇଥିଲା। ଯେଉଁଥିରେ ମ୍ୟାଡ୍ରିଡ ଓପନ ଫାଇନାଲ, ମାୟାମୀ ଓପନ ଫାଇନାଲ ଏବଂ ସମ୍ଭବତଃ ୨୦୧୭ ଅଷ୍ଟ୍ରେଲିଆନ ଓପନ ଫାଇନାଲ ସାମିଲ ରହିଛି। ଯେଉଁଥିରୁ ଶେଷ ଦୁଇରେ ନାଡାଲ ରୋଜ ଫେଡରରଙ୍କ ଠାରୁ ହାରିଯାଇଥିଲେ। ନିଲାମ ନେଇ ପ୍ରେଷ୍ଟିଜ ମେମୋରାବିଲିୟା ଲଟ୍ ବିବରଣୀରେ ଲେଖାଯାଇଛି ଯେ, "ରାଫେଲଙ୍କ ଗ୍ରାଣ୍ଡ ସ୍ଲାମ ଫାଇନାଲରେ ବ୍ୟବହାର କରାଯାଇଥିବା ରାକେଟ ମିଳିବା ଦୁର୍ଲଭ। କ୍ଲେ ସିଜିନର ଏକ ରାକେଟ ମିଳିବା ତାହାବି ଫ୍ରେଞ୍ଚ ଓପନ ଟାଇଟଲ ସହ, ଖୁବ୍ ଅଭୁତପୂର୍ବ।" ଏହି କଷ୍ଟମ-ମେଡ ରାକେଟରେ 'ରାଫା' ପ୍ରତୀକ ଏବଂ ୨୦୧୭ ଫ୍ରେଞ୍ଚ ଓପନର ଏକ ଷ୍ଟ୍ରିଙ୍ଗ ଷ୍ଟିକର ମଧ ରହିଛି ଯାହା ଉପରେ 'RG-୨୦୧୭ନାଡାଲ' ଲେଖାଥିବାର ରହିଛି।

ଉଲ୍ଲେଖଯୋଗ୍ୟ, ରାଫେଲ 'ରାଫା' ନାଡାଲ ପରେରା ଜଣେ ଲୋକପ୍ରିୟ ସ୍ପାନିଶ ଟେନିସ ଖେଳାଳି। ସେ ଏଟିପି ରାଙ୍କିଂରେ ୨୦୯ ସପ୍ତାହ ପର୍ଯ୍ୟନ୍ତ ୧ ନମ୍ବର ରହିସାରିଛନ୍ତି। ନାଡାଲ ରୋଜର ଫେଡରର ଏବଂ ନୋଭାକ ଜୋକୋଭିକଙ୍କ ସହ ଟିମ୍ ମ୍ୟାଚରେ ୨୦ ଗ୍ରାଣ୍ଡ୍ ସ୍ଲାମ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ନାଡାଲ ନିଜ ସମୟରେ ସବୁଠୁ ଅଧିକ ୬୨ଟି କ୍ଲେ କୋର୍ଟ ଟାଇଟଲ ଜିତିଛନ୍ତି ଯେଉଁଥିରେ ୧୪ଟି ଫ୍ରେଞ୍ଚ ଓପନ, ୧୨ ବାର୍ସିଲୋନ, ୧୧ ମଣ୍ଟେ-କାର୍ଲୋ ମାଷ୍ଟର୍ସ ଏବଂ ୧୦ଟି ରୋମ୍ ଟାଇଟଲ ରହିଛି। ଏହି ଉପଲବ୍ଧି ନାଡାଲଙ୍କୁ 'କିଙ୍ଗ୍ ଅଫ୍ କ୍ଲେ' ଉପାଧି ମିଳିଛି। ୨୦୧୧ ଏବଂ ୨୦୨୧ରେ ଲରିୟନ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦ ଇୟର ପୁରସ୍କାରରେ ମଧ ତାଙ୍କୁ ପୁରସ୍କୃତ କରାଯାଇଛି।



# ଅବସରର ଗୋଟିଏ ଦିନ ପରେ ପୂରନଙ୍କୁ ବଡ଼ ଦାୟିତ୍ୱ ଦେଲେ ଅମ୍ବାନୀ ପରିବାର

**ମୁମ୍ବାଇ,୧୧।୬:** ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ତାଙ୍କ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ତାଙ୍କୁ ମାତ୍ର ୨୯ ବର୍ଷ। ଏତେ କମ ବୟସରେ ସେ ଲିଗ କ୍ରିକେଟକୁ ପ୍ରାଥମିକତା ଦେଇ ଅନ୍ତର୍ଜାତୀୟ କ୍ରିକେଟ ଛାଡି ଦେଇଥିବାରୁ ପ୍ରଶଂସକମାନେ ତାଙ୍କୁ ଟ୍ରୋଲ ମଧ୍ୟ କରୁଥିଲେ। ଏବେ ତାଙ୍କ ଅବସରର ପରଦିନ, ଏମଆଇ ନ୍ୟୁୟର୍କ ଦଳ ତାଙ୍କୁ ଏକ ବଡ଼ ଦାୟିତ୍ୱ ଦେଇଛି, ତାଙ୍କୁ ସେମାନଙ୍କର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି। ନିକୋଲାସ ପୁରନ ୨୦୨୩ ଏବଂ ୨୦୨୪ରେ ସମାନ ଫ୍ରାଞ୍ଚାଇଜ (ଏମଆଇ ନ୍ୟୁୟର୍କ ଦଳ) ପାଇଁ ଖେଳିଥିଲେ। ୨୦୨୩ରେ, ସେ ୮ ମ୍ୟାଚରେ ୩୮୮ ରନ କରିଥିଲେ, ଯେତେବେଳେ ପରବର୍ତ୍ତୀ ସିଜନରେ ସେ ୭ ମ୍ୟାଚରେ ୧୮୦ ରନ କରିଥିଲେ। ଉଭୟ ସିଜନରେ ସେ ଗୋଟିଏ ଶତକ ଏବଂ ୩ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ନିକୋଲାସ ପୁରନ ମେଜର ଲିଗ କ୍ରିକେଟରେ ଏମଆଇ ନ୍ୟୁୟର୍କ ଦଳର ନୂତନ ଅଧିନାୟକ ହୋଇଛନ୍ତି, ଯାହା ପୂର୍ବରୁ ତାଙ୍କ ଦେଶର କିରନ ପୋଲାର୍ଡ ଏହି ଫ୍ରାଞ୍ଚାଇଜର ଅଧିନାୟକ ଥିଲେ। ପୋଲାର୍ଡ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମଧ୍ୟ ଖେଳିଛନ୍ତି। ଏମଆଇ ନ୍ୟୁୟର୍କ ମଧ୍ୟ ମୁମ୍ବାଇର ଏକ ମାଲିକାନାରେ ଥିବା ଦଳ, ଯାହାର ମାଲିକାନା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦ୍ୱାରା କରାଯାଇଛି। ନିକୋଲାସ ପୁରନ ବିଶ୍ୱର ଅନେକ ବଡ଼ ଟି-୨୦ ଲିଗରେ ଖେଳନ୍ତି। ସେ ଗତ ୩ ସିଜିନ ଧରି ଇଣ୍ଡିଆନ ପ୍ରିମିୟର ଲିଗ ପାଇଁ ଖେଳୁଛନ୍ତି।

# କାଉଣ୍ଟି ଖେଳିବେ ଋତୁରାଜ

**ନୂଆଦିଲ୍ଲୀ, ୧୧।୬:** ଚେନ୍ନାଇ ସୁପରକିଙ୍ଗ୍‌ସ ଅଧିନାୟକ ତଥା ଯୁବ ଓପନର ଋତୁରାଜ ଗାଏକୱାଡ୍ କାଉଣ୍ଟି ଚାମ୍ପିଅନସିପ୍ ଖେଳିବାକୁ ଯାଉଛନ୍ତି। ଏନେଇ ସେ ୟର୍କସାୟର କ୍ଲବ୍ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସେ ଆଗାମୀ ଜୁଲାଇରେ କ୍ଲବ୍ ସହ ଯୋଗଦେଇ ୫ଟି କାଉଣ୍ଟି ଚାମ୍ପିଅନସିପ୍ ମ୍ୟାଚ୍ ସମେତ ମେଟ୍ରୋ ବ୍ୟାଙ୍କ୍ ଦିନିକିଆ କପ୍ ଖେଳିବେ। ମହାରାଷ୍ଟ୍ରର ପ୍ରଥମ ଖେଳାଳି ଭାବେ ଋତୁରାଜ କାଉଣ୍ଟି କ୍ରିକେଟ୍ ଖେଳିବାକୁ ଯାଉଛନ୍ତି। ୨୮ ବର୍ଷୀୟ ଋତୁରାଜ ୬ଟି ଦିନିକିଆ ଓ ୨୩ଟି ଟି-ଟ୍ୱେଣ୍ଟି ଖେଳିଛନ୍ତି। ସେ ଏବେ ଇଂଲଣ୍ଡ ଗସ୍ତରେ ଥିବା ଭାରତ ଏ' ଦଳର ସଦସ୍ୟ ରହିଛନ୍ତି। ପ୍ରଥମ ଶ୍ରେଣୀ ଓ ଲିଷ୍ଟ ଏ' କ୍ରିକେଟରେ



ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛନ୍ତି। ସେ ୩୮ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୧.୭୭ ଆଭରେଜରେ ୨,୬୩୨ ରନ୍ (୭ ଶତକ, ୧୪ ଅର୍ଦ୍ଧଶତକ) ଏବଂ ୮୬ଟି ଲିଷ୍ଟ ଏ' ମ୍ୟାଚ୍‌ରୁ ୫୬.୧୫ ଆଭରେଜରେ ୪,୩୨୪ ରନ୍ (୧୬ ଶତକ, ୧୭ ଅର୍ଦ୍ଧଶତକ) ସଂଗ୍ରହ କରି ସାରିଛନ୍ତି। ଗତ ଆଇପିଏଲ୍‌ରେ ସେ ସୁପରକିଙ୍ଗ୍‌ସ ଦଳର ନେତୃତ୍ୱ ନେଇଥିଲେ। ମାତ୍ର କହୁଣୀରେ ଆଘାତ ପାଇଁ ସିଜନ ଅଧାରୁ ଓହରି ଯାଇଥିଲେ। ଗାଏକୱାଡ୍ କହିଛନ୍ତି, ୟର୍କସାୟର କ୍ଲବ୍ ସହ ଯୋଗଦେବାକୁ ଉତ୍ସୁକତାର ସହ ଅପେକ୍ଷା କରିଛି। କାଉଣ୍ଟି ଖେଳିବାର ସ୍ୱପ୍ନ ପୂରଣ ହୋଇଥିବାରୁ ବହୁତ ଖୁସି ଅଛି। ୟର୍କସାୟର ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି।

# ଚତୁଃରାଷ୍ଟ୍ରୀୟ କନିଷ୍ଠ ହକି: ଭାରତୀୟ ଦଳରେ ଓଡ଼ିଶାରୁ ୫

**ଭୁବନେଶ୍ୱର, ୧୧।୬ (ସଂଚାର ବ୍ୟୁରୋ):** ଜର୍ମାନୀର ବର୍ଲିନଠାରେ ଚଳିତମାସ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଚତୁଃରାଷ୍ଟ୍ରୀୟ ହକି ପ୍ରତିଯୋଗିତା ଲାଗି ହକି ଇଣ୍ଡିଆ ମଙ୍ଗଳବାର ୨୪ଜଣିଆ ଦଳ ଘୋଷଣା କରିଛି। ଏଥିରେ ଓଡ଼ିଶାର ୫ଜଣ ଖେଳାଳି ବିବେକ ଲାକ୍ରା, ଅନମୋଲ ଏକ୍କା, ରୋଶନ କୁଜୁର, ରୋହିତ କୁଲୁ ଓ ଅଡ୍ରୋହିତ ଏକ୍କା ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ସହ ଘରୋଇ ଜର୍ମାନୀ, ଅଷ୍ଟ୍ରେଲିଆ ଓ ସ୍ପେନ୍ ଅଂଶଗ୍ରହଣ କରିବେ। ଲିଗ୍ ପର୍ଯ୍ୟାୟ ପରେ ଶୀର୍ଷ ଦୁଇ ଦଳ ଫାଇନାଲ୍ ଖେଳିବେ। ଅନ୍ୟ ଦୁଇ ଦଳ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଲଢ଼ିବେ। ଏହି ପ୍ରତିଯୋଗିତା ଭାରତୀୟ ଖେଳାଳିଙ୍କ ପାଇଁ



ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା କନିଷ୍ଠ ହକି ବିଶ୍ୱକପ୍ ଲାଗି ପ୍ରସ୍ତୁତି ମଞ୍ଚ ଭଳି କାମ କରିବ। ଅମିର ଅଲୀ ଭାରତୀୟ ଦଳର ଉପଅଧିନାୟକ ଥିଲା ବେଳେ ଅରାଇଜିତ ସିଂହ ହୁଣ୍ଡାଲ ଅଧିନାୟକ ନିଯୁକ୍ତ ହୋଇଛନ୍ତି।

**ଭାରତୀୟ ଦଳ:** ବିକ୍ରମଜିତ ସିଂହ, ବିବେକ ଲାକ୍ରା (ଗୋଲ୍‌ରକ୍ଷକ), ଅମିର ଅଲୀ (ଉପଅଧିନାୟକ), ତଲେମ ପ୍ରିୟବ୍ରତ, ଶାରଦାନନ୍ଦ ତିୱାରୀ, ସୁନୀଲ ପିବି, ଅନମୋଲ ଏକ୍କା, ରୋହିତ, ରବନୀତ ସିଂହ, ସୁଖବିନ୍ଦର (ରକ୍ଷଣଭାଗ), ଅଙ୍କିତ ପାଲ, ମନିମୀତ ସିଂହ, ରୋଶନ କୁଜୁର, ରୋହିତ କୁଲୁ, ଥଖୋମ କିଙ୍ଗସନ୍ ସିଂହ, ଥନାଓଜାମ ଇଂଗ୍ଲେମ୍ବା ଲୁୱାଙ୍ଗ, ଆଡ୍ରୋହିତ ଏକ୍କା, ଜିତ୍‌ପାଲ (ମଧଭାଗ), ଅରାଇଜିତ ସିଂହ ହୁଣ୍ଡାଲ (ଅଧିନାୟକ), ଗୁରଜିତ ସିଂହ, ସୌରଭ ଆନନ୍ଦ କୁଶୱା, ଦୀଲରାଜ ସିଂହ, ଅର୍ଶଦୀପ ସିଂହ, ଅଜିତ ଯାଦବ (ଅଗ୍ରଭାଗ)।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗଜାନନ ବେଶରେ...

ମହାପ୍ରଭୁଙ୍କ ହାତୀବେଶ। ଏହି ଦୁର୍ଲ୍ଲଭ ବେଶ ଦର୍ଶନ ପାଇଁ ଲୋକାରଣ୍ୟ ହୋଇଛି ଶ୍ରୀକ୍ଷେତ୍ର। ସାଢେ ୩ଟାରେ ଛେରା ପହଁରା ହୋଇ ସନ୍ଧ୍ୟା ୫ଟାରେ ଶ୍ରୀଜିଉଙ୍କ ହାତୀବେଶ ସମ୍ପନ୍ନ ହୋଇଥିଲା। ପରେ ମହନ୍ତ ଶାଢ଼ି ବନ୍ଧା, ଦକ୍ଷିଣୀ ଘର ଭୋଗ ସରି ସନ୍ଧ୍ୟା ସାଢ଼େ ୭ଟାରୁ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ରାତି ୧୧ଟାରେ ହାତୀ ବେଶ ଓଲାଗି ହୋଇ ରାତି ସାଢେ ୧୧ଟାରୁ ବାହୁଡା ପହଣ୍ଡି ହୋଇଥିଲା। ଅନ୍ୟପଟେ ଭିଡ଼କୁ ଦୃଷ୍ଟିର ରଖି ସହରକୁ ବିଭିନ୍ନ ଜୋନରେ ବିଭକ୍ତ କରାଯାଇଥିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ରୁ ପ୍ଲାଟୁନ ଫୋର୍ସ ସହ ୨୫୦ ଅଧିକ ଅଧିକାରୀ ମୁତୟନ ହୋଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିବା ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସିସିଟିଭିରେ ନଜର ରଖିଥିଲା ପୁଲିସ। ୧୦୮ ଗରା ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପୀଡ଼ିତ ହେବେ ଚତୁର୍ଦ୍ଧା ମୂର୍ତ୍ତି। ଅଣସର ତାଟିରେ ଦଇତାପତି ସେବାୟତଙ୍କ ଦ୍ୱାରା ଚାଲିବ ଗୁପ୍ତ ଉପଚାର। ଏପଟେ ଶ୍ରୀମନ୍ଦିରରେ ଦର୍ଶନ ଦେବେ ପତିଦିଆଁ।

### ଯାଜପୁରରେ ଝାଡ଼ାବାନ୍ତି...

ସ୍ଥାନାନ୍ତର ହୋଇଛନ୍ତି। ୩୦ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ହଠାତ୍ ଦେଖାଦେଇଥିବା ଝାଡାବାନ୍ତି ରୋଗର ଚିକିତ୍ସା ଓ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ରସ୍ତରୀୟ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରଭାବିତ ଧର୍ମଶାଳା, ବ୍ୟାସନଗର ପୌରାଞ୍ଚଳ, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକ ସମେତ ଆଖପାଖ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଟିମ୍‌ମାନେ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି। ବିଭାଗୀୟ ଶାସନ ସଚିବ ଅଶ୍ୱତି ଏସ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା ଓ ଜନସ୍ୱାସ୍ଥ୍ୟସେବା ଟିମ୍‌ର ସଦସ୍ୟମାନେ ସମନ୍ୱିତ ଭାବେ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ କରିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ରାଜ୍ୟ ସ୍ତରରୁ ସ୍ୱତନ୍ତ୍ର ଭାବେ ୨ଟି ର୍‍ୟାପିଡ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଜିଲ୍ଲା ଟିମ୍ ସହ ସମନ୍ୱୟ ପୂର୍ବକ କାର୍ଯ୍ୟ ଆରମ୍ଭ କରୁଛନ୍ତି। ରାଜ୍ୟସ୍ତରୀୟ ଟିମ୍‌ରେ ଡାକ୍ତର, ମାଇକ୍ରୋ-ବାୟୋଲୋଜି ବିଶେଷଜ୍ଞ, ସଂକ୍ରାମକ ରୋଗ ବିଜ୍ଞାନୀଙ୍କୁ ସାମିଲ କରାଯାଇଛି। ସମନ୍ୱିତ ରୋଗ ନିରୀକ୍ଷଣ ପରିଯୋଜନାର ଯୁଗ୍ମ ନିର୍ଦ୍ଦେଶକ ନିଜ ଟିମ୍ ସହ ମଧ କ୍ଷେତ୍ର ଅନୁଧ୍ୟାନ କରୁଛନ୍ତି। ଗୁରୁତର ରୋଗୀମାନଙ୍କୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା କରାଯାଉଛି। ରେଫର ହୋଇଆସିଥିବା ରୋଗୀଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଏସ୍‌ସିବି ଅଧକ୍ଷଙ୍କୁ କୁହାଯାଇଛି।

### 'ଆମ ପ୍ରତିଶ୍ରୁତି...

ପଦ୍ଧତି ମାଧମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି। ଏଥିସହ ସୁଭଦ୍ରା ଶକ୍ତି ମହିଳାମାନଙ୍କ ଦ୍ୱାରା ୪୦ରୁ ଅଧିକ ଷ୍ଟଲରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ବିବିଧତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫୁଡ୍ ଫେଷ୍ଟିଭାଲ ମଧ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ଷକ ତଳେ ରାଜ୍ୟବାସୀ ଯେଉଁ ଆଶା ଆକାଂକ୍ଷା ନେଇ ଶାସନରେ ପରିବର୍ତ୍ତନ ଆଣିଥିଲେ ଓ ଆମକୁ ଦାୟିତ୍ୱ ଭାର ଦେଇଥିଲେ, ଆମେ ଲୋକଙ୍କ ସେହି ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଦୃଢ ପ୍ରତିବଦ୍ଧତାର ସହ କାର୍ଯ୍ୟ ଜାରି ରଖିଛୁ। ବିଗତ ଏକ ବର୍ଷ ଥିଲା ଆମ ପାଇଁ ଆହ୍ୱାନର ବର୍ଷ। ଆମର ସବୁ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମକୁ ମାର୍ଗଦର୍ଶନ ଦେଇଆସିଛନ୍ତି। ଏହି ସମୟ ମଧରେ ଆମେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ ଏବଂ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡିକୁ ବାସ୍ତବତାରେ ପରିଣତ କରିଛୁ। ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କା ଯାଇଥିବା ଅଲିଭା ଗାର। କଥା ଦେଇଥିଲୁ କଥା ରଖିଛୁ। ସେ କହିଥିଲେ ଗଣତନ୍ତ୍ରରେ ଲୋକଙ୍କ ସ୍ୱର ହିଁ ଭଗବାନଙ୍କ ସ୍ୱର। ଯଦି ଲୋକେ ସେମାନଙ୍କ ନିର୍ବାଚିତ ସରକାରଙ୍କୁ ନିଜର କଥା, ନିଜର ବ୍ୟଥା କହିପାରିବେନି, ସେ ପ୍ରକାର ଗଣତନ୍ତ୍ର ଆତ୍ମାହୀନ। ଆମ ସରକାର ଆସିବା ପରେ ବ୍ୟକ୍ତିଗତ ଭାବେ ସେ ଲୋକଙ୍କୁ ଭେଟି ଛୋଟବଡ ସମସ୍ୟା ଅନ୍ ଦି ସ୍ପଟ ସମାଧାନ କରିଥିଲେ। ଗତ ବର୍ଷକ ମଧରେ ଓଡିଶାର ସମସ୍ତ ଜିଲ୍ଲାକୁ ଗସ୍ତ କରି ଲୋକଙ୍କ ସହ କଥାବାର୍ତ୍ତା କରିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛି। ପୂରା ସରକାରକୁ ସମ୍ବଲପୁର ନେଇ ଯାଇ ଲୋକଙ୍କ କଥା ଶୁଣିଥିଲି। ଆଗାମୀ ଦିନରେ ଓଡିଶାର ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରିବାର ଯୋଜନା ରହିଛି। ଦୁର୍ନୀତି ବିରୁଦ୍ଧରେ ଯୁଦ୍ଧଂ ଦେହି ଡାକରା ଦିଆଯାଇଛି। ଗୋଟିଏ ବର୍ଷର ରେକର୍ଡ ଦେଖନ୍ତୁ। ଆଜି ପିଅନ ଠାରୁ ଆଇଏଏସ ଅଧିକାରୀ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସୁରକ୍ଷିତ ନୁହନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଥିଲେ ଯେ ଲୋକଙ୍କ ପାଇଁ କାମ କରିବାର ଦୃଢ଼ ଇଚ୍ଛାଶକ୍ତି ଓ ପ୍ରତିବଦ୍ଧତା ଯୋଗୁ ଆମ ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧରୁ ପ୍ରାୟ ସମସ୍ତ ପ୍ରମୁଖ ପ୍ରତିଶ୍ରୁତିକୁ ସଫଳତାର ସହ କାର୍ଯ୍ୟକାରୀ କରିଛୁ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ଅକୁଣ୍ଠ ସମର୍ଥନ ଆମକୁ ଏ ଦିଗରେ ବିଶେଷ ସାହାଯ୍ୟ କରିଥିଲା। ପ୍ରଥମରୁ ଆମେ ସମାଜର ସବୁ ବର୍ଗର ସଶକ୍ତିକରଣ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲୁ। ବିଶେଷକରି ଗରିବ, ଚାଷୀ, ମହିଳା, ଯୁବବର୍ଗଙ୍କ ସଶକ୍ତିକରଣ ଥିଲା ପ୍ରମୁଖ ଆବଶ୍ୟକତା। ସେ ଦିଗରେ ଆମେ ନିଷ୍ଠାପର ଉଦ୍ୟମ କରିଛୁ। ବିରୋଧୀ କେବଳ ବିରୋଧ କରିବା ଉଦ୍ଦେଶ୍ୟରେ ଅନେକ କଥା କରୁଛନ୍ତି। ୨୪ ବର୍ଷ ମଧରେ ସେମାନେ ଯେଉଁ କାମ କରି ନଥିଲେ, ଆମେ ୨୪ ମିନିଟ୍ ଭିତରେ କରି ଦେଖାଇପାରିଛୁ। କୃଷକ କଲ୍ୟାଣ ଯୋଜନା ମାଧମରେ ରାଜ୍ୟରେ ପ୍ରତି ଚାଷୀ ପରିବାର ର ବାର୍ଷିକ ଆୟରେ ଅତି କମ୍‌ରେ ୩୦ ହଜାର ଟଙ୍କା ବୃଦ୍ଧି ହୋଇଛି। ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ଜାରି ରହିଛି। ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛୁ। ଯୁବବର୍ଗଙ୍କ ପାଇଁ ସରକାରୀ ନିଯୁକ୍ତିର ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରିଛୁ। ପଛୁଆ ବର୍ଗର ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷିତ ହୋଇଛି। ୨୭ ହଜାରରୁ ଉର୍ଦ୍ଧ୍ୱ ସରକାରୀ ନିଯୁକ୍ତି ପ୍ରଦାନ କରାଯାଇଛି। ଉତ୍କର୍ଷ ଓଡିଶା ୨୦୨୫ ମାଧମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ୧୨.୯୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଛି। ଓଡିଶାର ପ୍ରତ୍ୟେକ ଅଞ୍ଚଳକୁ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାର ଦକ୍ଷିଣ ଓଡିଶା ବିକାଶ ପରିଷଦ ଓ ଉତ୍ତର ଓଡିଶା ବିକାଶ ପରିଷଦ ଗଠନ କରିଛନ୍ତି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆମକୁ ଆତ୍ମନିର୍ଭରଶୀଳତାର ମନ୍ତ୍ର ଦେଇଛନ୍ତି। ତେଣୁ ଓଡିଶାକୁ ପ୍ରତ୍ୟେକ ସ୍ତରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଆମେ ମଧ ନିଷ୍ଠାପର ଉଦ୍ୟମ କରୁଛୁ। ଆମର ଲକ୍ଷ୍ୟ ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଓଡିଶା। ଗାଁର ବିକାଶ ହେଲେ, ବିକଶିତ ଓଡିଶାର ସ୍ୱପ୍ନ ସାକାର ହେବ। ଏହାକୁ ଲକ୍ଷ୍ୟ ରଖି ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଜନମଙ୍ଗଳକାରୀ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ଆଣିବାରେ ସହାୟକ ହେବ ବୋଲି ଶ୍ରୀ ବଳ ସାମନ୍ତ କହିଥିଲେ।

### ଡେଙ୍ଗୁରା ପିଟି...

ଔଷଧ ଦୋକାନୀ। ତେବେ ଚିକିତ୍ସକମାନଙ୍କ ମତରେ ଡ୍ରଗ୍ସ କଣ୍ଟ୍ରୋଲର ଚଢ଼ାଉ ସହ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ବିଶେଷଜ୍ଞମାନେ ଆଗକୁ ଆସି ଏ ସଂକ୍ରାନ୍ତରେ ବୁଝାଇବା ଦରକାର। ହେଲେ ତାହା ନ କରି ଗୋଟିଏ ଦୁଇଟି ଦୋକାନରେ ଚଢ଼ାଉ କରି ତାହାକୁ ଗଣମାଧମରେ ପ୍ରଚାର କରିବା ଡ୍ରଗ୍ସ କଣ୍ଟ୍ରୋଲ ପ୍ରଶାସନ ପକ୍ଷେ କେତେଦୂର ଠିକ୍, ତାହା ବିଚାରର ବିଷୟ। ସେହିପରି ଚଢ଼ାଉ ପରେ ଧରାପଡ଼ିଥିବା ଦୋକାନୀ, ସେମାନଙ୍କୁ କିଟ୍ ଯୋଗାଣ କରିଥିବା କମ୍ପାନୀ ଓ ସେହି ଅଞ୍ଚଳ ଦାୟିତ୍ୱରେ ଥିବା ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ସେନେଇ କୌଣସି ସୂଚନା ସମ୍ପର୍କରେ ଲୋକେ ଜାଣିପାରୁନାହାନ୍ତି। ସେହିଭଳି କେତେ ଜଣ ବିଶେଷଜ୍ଞ ସମ୍ପୃକ୍ତ କିଟ୍ ସପକ୍ଷରେ ଲେଖୁଛନ୍ତି, ତାହା ମଧ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି। ଔଷଧ ଦୋକାନରେ କେବଳ ଏହି ନିର୍ଦ୍ଦିଷ୍ଟ ଗର୍ଭ ନିରୋଧକ କିଟ୍ ବିକ୍ରି ହେଉନି, ଗର୍ଭନଷ୍ଟ ପାଇଁ ବିଭିନ୍ନ ପ୍ରକାର ଔଷଧ ବି ଖୁଲମ୍‌ଖୁଲ୍ଲା ବିକ୍ରି ହେଉଛି। ଏଗୁଡିକ କିଣିବା ଆଇନ୍‌ସମ୍ମତଃ କି ନୁହେଁ, ତାହା ବି ଡ୍ରଗ୍ସ କଣ୍ଟ୍ରୋଲ ପ୍ରଶାସନ ସ୍ପଷ୍ଟ କରିବା ଆବଶ୍ୟକ। ନଚେତ୍ ଏଭଳି ଡେଙ୍ଗୁରାପିଟା ଚଢ଼ାଉରୁ ସିନା ବାବୁମାନଙ୍କୁ ସାବାସୀ ମିଳିବ ଓ ଦୋକାନୀମାନେ ଚତୁର ହେବେ, କିନ୍ତୁ ସାଧାରଣ ଲୋକଙ୍କର ସେଭଳି କିଛି ଲାଭ ହେବନାହିଁ। ବରଂ ଯେଉଁମାନେ ଏଭଳି କିଟ୍ ବିଷୟରେ ଜାଣିନଥିଲେ, ସେମାନେ ସୂଚନା ପାଇ ଆଗାମୀ ଦିନରେ ଔଷଧ ଦୋକାନରେ ଧାଡ଼ି ଲଗାଇବାର ସମ୍ଭାବନାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

### ଲକ୍ଷ୍ୟଠାରୁ ଦୂରେଇ ଯାଉଛି...

ଲାକ୍ରା ଏହି ଏକାଡେମୀର ଅନ୍ତିମ ଅନ୍ତର୍ଜାତୀୟ ଖେଳାଳି ଥିଲେ। କିନ୍ତୁ ସେ ୯ ବର୍ଷ ତଳେ ଜାତୀୟ ଦଳରେ ସାମିଲ୍ ହୋଇଥିବା ବେଳେ ସେବେଠାରୁ ଆଉ କେହି ସେପରି ସଫଳତା ପାଇପାରିନାହାନ୍ତି। ଡିଜିଟାଲ ଯୁଗରେ ଅତ୍ୟାଧୁନିକ ସେବା ଓ ସୁଯୋଗ ସୃଷ୍ଟି ଯୋଗାଇବା ଅନେକ ପଛରେ ରହିଯାଇଛି ସେଲ ହକି ଏକାଡ଼େମୀ। ଏହା ଯୋଗୁଁ ମଝିରେ ମଝିରେ ଏଠାକାର ଅନ୍ତେବାସୀ ଏକାଡେମୀ ଛାଡ଼ି ଅନ୍ୟ କ୍ରୀଡା ଛାତ୍ରାବାସ ଓ ଏକାଡେମୀକୁ ଚାଲିଯାଉଛନ୍ତି। ଖେଳାଳିଙ୍କ ବିକାଶରେ ଏକାଡ଼େମୀର ନିୟମ ପ୍ରତିବନ୍ଧକ ସାଜିଛି। ୧୪ରୁ ୧୬ ବର୍ଷ ପର୍ଯ୍ୟନ୍ତ ଖେଳାଳି ଏଠାରେ ପ୍ରଶିକ୍ଷଣନେବାର ସୁବିଧା ଥିବା ବେଳେ ଏହା ସେମାନଙ୍କ ବିକାଶ ପାଇଁ ଯଥେଷ୍ଟ ନୁହେଁ ବୋଲି ମତ ପ୍ରକାଶ ପାଉଛି। ଏହାକୁ ୭ ବର୍ଷକୁ ବଢ଼ାଗଲେ, ଏକାଡେମୀ ତା'ର ପୂର୍ବ ଗୌରବ ଫେରିପାଇପାରନ୍ତା ବୋଲି ହକିପ୍ରେମୀମାନେ ମତ ଦେଉଛନ୍ତି।ସେହିପରି ଏକାଡେମୀରେ ଭିଡିଓ ମାଧମରେ ହକି ଖେଳର ସାମ୍ପ୍ରତିକ ପରିବର୍ତ୍ତନ ସମ୍ପର୍କିତ ନିୟମ ଓ କ୍ରୀଡ଼ାଭ୍ୟାସ ଦେଖିବାର ସୁଯୋଗ ବି ନାହିଁ। ତା'ଛଡ଼ା ଖେଳାଳିଙ୍କ ଫିଟନେସକୁ ଗତିଶୀଳ କରିବା ପାଇଁ ଉନ୍ନତ ମାନର ଜିମ୍, ଫିଜିଓଥେରାପି ସେଣ୍ଟର୍, ସନ୍ତରଣାଗାର, ପୋଷଣ କେନ୍ଦ୍ର ଷ୍ଟିମ୍ ବାଥ୍, ଆଇସ୍ ବାଥ୍ ଓ ଅଧିକ ବଲ୍ ଅଭ୍ୟାସ ପାଇଁ ଥ୍ରୋଇଂ ମେସିନ ଆଦିର ଅଭାବ ରହିଛି। ଏକାଡେମୀରେ ଖେଳାଳିଙ୍କ ପାଇଁ ଜଣେ ଉତ୍ତମ ଓ ଅନୁଭବୀ ଶାରିରୀକ ପ୍ରଶିକ୍ଷକଙ୍କର ଆବଶ୍ୟକତା ବି ରହିଛି। ସେହିପରି ଏଠାରେ ଖେଳାଳିଙ୍କୁ ମାସିକ ମାତ୍ର ୧୨୫୦ ଟଙ୍କା ପ୍ରୋତ୍ସାହନ ଷ୍ଟାଇପେଣ୍ଡ ଦିଆଯାଉଛି, ଯାହାକି ସାମ୍ପ୍ରତିକ ସମୟର ସ୍ଥିତି ଅନୁସାରେ ନଗଣ୍ୟ। ସ୍ୱାସ୍ଥ୍ୟସେବା ପାଇଁ ମଧ ନିକଟରେ କୌଣସି ସ୍ୱାସ୍ଥ୍ୟ କେନ୍ଦ୍ର ନାହିଁ। ସେହିପରି ଏକାଡେମୀ ଥିବା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ପରିସରରେ ଆର୍‌ଏସପି କ୍ରୀଡ଼ା ବିଭାଗ କାର୍ଯ୍ୟାଳୟ ରହିଥିବା ସତ୍ତ୍ୱେ ଏକାଡେମୀର ବିଭିନ୍ନ ସମସ୍ୟା ପ୍ରତି କେହି ବି ଧ୍ୟାନ ଦେଉନାହାନ୍ତି। ଅଧିକନ୍ତୁ ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଜଣେ ଅନଭିଜ୍ଞ କନିଷ୍ଠ ସାଧାରଣ ବର୍ଗର ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ସେହିପରି ଓଡ଼ିଶା ଅଲିମ୍ପିକ୍ ସଂଘ ସହ ସହବନ୍ଧିତ ହୋଇ ଏକ ଜିଲ୍ଲା ୟୁନିଟ୍‌ର ମର୍ଯ୍ୟାଦା ପାଇଥିବା ଆର୍‌ଏସପି କ୍ରୀଡ଼ା ବିଭାଗରେ ଖେଳାଳି ଚୟନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନିମନ୍ତେ ଆବଶ୍ୟକ କର୍ମଚାରୀ, ସହଯୋଗୀ ଓ ପ୍ରଶିକ୍ଷକ ବି ନାହାଁନ୍ତି। ଫଳରେ ହକି ଏକାଡେମୀ ଓ ଅନ୍ୟାନ୍ୟ କ୍ରୀଡ଼ା ପାଇଁ ଆବଶ୍ୟକ ପ୍ରୋତ୍ସାହନ ଧିରେ ଧିରେ କମିଯାଉଛି। ଏହା ହକି ପ୍ରତିଭାମାନଙ୍କୁ ଏକାଡେମୀଠାରୁ ମୁହଁ ଫେରାଇବାକୁ ଏକରକମ ବାଧ କରୁଛି। ଏକଦା ସାରା ଦେଶରେ ଅନନ୍ୟ ଉଦାହରଣ ହୋଇଥିବା ସେଲ୍ ହକି ଏକାଡେମୀର ପରିଚୟ ଓ ଗାରିମା ମଧ କ୍ରମଶଃ ନିମ୍ନଗାମୀ ହେଉଛି। ଦିନକୁ ଦିନ ଆର୍‌ଏସପିରେ ବରିଷ୍ଠ ଅଧିକାରୀଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ସେମାନଙ୍କ ମନୋରଞ୍ଜନ ଓ ଶାରିରୀକ ଆବଶ୍ୟକତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଅଥଚ ଗୌରବମୟ ଓ ଗାରିମାପୂର୍ଣ୍ଣ ସେଲ୍ ହକି ଏକାଡେମୀର ଉନ୍ନତି ପ୍ରତି କାହାର ଧ୍ୟାନ ନ ପଡ଼ିବା ବାସ୍ତବିକ ଦୁଃଖ ଓ ପରିତାପର ବିଷୟ।

ଅବଶ୍ୟ ରାଜ୍ୟ ସରକାର ଗତ କିଛି ବର୍ଷ ମଧରେ ରାଉରକେଲାର ହକି ସଂସ୍କୃତିକୁ ବଜାୟ ରଖିବା ସକାଶେ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଭିତ୍ତିଭୂମିର ବିକାଶ ସହ ଖେଳାଳିଙ୍କ ନିମନ୍ତେ ଅତ୍ୟାଧୁନିକ ସୁବିଧାସୁଯୋଗ ମଧ ଯୋଗାଇ ଦିଆଯାଉଛି। କିନ୍ତୁ କେନ୍ଦ୍ର ସରକାରଙ୍କ ନବରତ୍ନ ମାନ୍ୟତା ପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ୍ ଅଧୀନସ୍ଥ ହକି ଏକାଡେମୀର ଦୁରବସ୍ଥାରେ କୌଣସି ସୁଧାର ଆସୁନାହିଁ। ଏପରିକି ଏହା ଏବେ ଭଗବାନ ଭରସାରେ ଥିବା ସ୍ଥାନୀୟ ଲୋକେ କୁହାକୁହି ହେଉଛନ୍ତି। ତେଣୁ ଏ ଦିଗରେ ଆର୍‌ଏସପି କି ବିଭାଗୀୟ କର୍ତ୍ତୃପକ୍ଷଙ୍କ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ନଚେତ୍ ଓଡ଼ିଶା ହକିର ଅଙ୍କୁଡ଼ିଶାଳ ବୋଲାଉଥିବା ସୁନ୍ଦରଗଡ଼ର ଏହି ପ୍ରମୁଖ ଏକାଡେମୀ କେବଳ ଏକ ସଂସ୍ଥାରେ ସୀମିତ ନରହିଯିବ, ସେକଥା କିଏ କହିବ।

### ଗଢ଼ିବା ପୂର୍ବରୁ...

ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧରେ ମଧ୍ୟପ୍ରଦେଶ ଶାହଡୋଲ ମାଣ୍ଡୋଲି ଗ୍ରାମର ୧୮ ବର୍ଷୀୟା କନ୍ୟା ଭାରତୀ ରହିଛନ୍ତି। ଏଥିରେ ଉଦୟପୁରବତୀର ବର ବିକ୍ରମ ମୀନା (୨୫) ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିବାହ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ବିବାହ ପାର୍ଟି ଝୁନଝୁନୁର ଶାହଡୋଲରୁ ଉଦୟପୁରବତୀ ଅଭିମୁଖେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅନ୍ୟ ଏକ ଦୁର୍ଘଟଣା ଜୈସଲମେରରେ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ପୋକରଣ ନିକଟରେ ଏକ ଗାଡ଼ି ଉକ୍ତ କାରକୁ ଧକ୍କା ଦେବା ଫଳରେ ନବବିବାହିତ ବର ଓ ଜଣେ ଶିଶୁ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହ ଏହି ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ନାମ ବର ଲୀଲା ରାମ (୪୫), ତାଙ୍କ ଭଉଣୀ ମୂଳୀ ଦେବୀ (୩୫) ଓ ୯ ମାସର ଶିଶୁ ହିତେଶ। କନ୍ୟା ବାସନ୍ତୀ ଓ ଅନ୍ୟ ସମ୍ପର୍କୀୟଙ୍କ ସମେତ ବିବାହ ପାର୍ଟି ବିବାହ ପରେ ପୋକରଣ ସହରରୁ ଫେରୁଥିଲେ। ଉଭୟ ଦୁର୍ଘଟଣା ଫଳରେ ଦୁଇ ପରିବାରରେ ଶୋକର ଲହରୀ ଖେଳିଯାଇଥିବା ବେଳେ କେଇ ମିନିଟ୍ ମଧରେ ଉତ୍ସବର ମାହୋଲ୍‌କୁ ଶୋକସଭାରେ ପରିଣତ କରିଦେଇଛି।ପରିଣତ କରିଛି। ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ଜାଲୋର ଜିଲ୍ଲା ଚାର୍ଲି ଗ୍ରାମ ନିକଟ ରାଜ୍ୟ ରାଜପଥରେ ଦୁଇଟି ଯାତ୍ରୀ ବୋଝେଇ ଗାଡି ଭାରସାମ୍ୟ ହରାଇ ଏକ ବୁଲା ଷଣ୍ଢକୁ ଧକ୍କା ଦେବାରୁ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ଅହୋରେ ପୁଲିସ ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଏକ ଜିପ ତକହଟଗଡରୁ ଆସୁଥିବା ବେଳେ ଅହୋରେରୁ ଆସୁଥିବା ତୁଫାନ ଗାଡି ଷଣ୍ଢକୁ ଧକ୍କା ଦେବା ପରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଉଭୟ ଗାଡିରେ ୧୯ ଜଣ ଥିବା ଜଣାପଡିଛି। ଆହତ ଯାତ୍ରୀମାନଙ୍କୁ ପୁଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରି ତଦନ୍ତ ଜାରି ରଖିଛି।

### ୧୨ ସହରାଞ୍ଚଳକୁ...

ବିଭାଗ ଏ ତାଲିକାକୁ ପଞ୍ଚାୟତିରାଜ ବିଭାଗର ଆବଶ୍ୟକୀୟ ମଞ୍ଜୁରୀ ପାଇଁ ପଠାଇଥିଲେ। ଏବେ ମଞ୍ଜୁରୀ ପରେ ଦିନେ କିମ୍ବା ଦୁଇ ଦିନ ଭିତରେ ମୁଖ୍ୟମନ୍ତ୍ରୀ ଘୋଷଣା ଏନଏସି ଗୁଡିକର ନାଁ ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଏଥିସହିତ ତାଲିକାଭୁକ୍ତ ହୋଇଥିବା ଏନଏସିଗୁଡିକୁ ମୁନସିପାଲିଟି କରିବା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଭଞ୍ଜନଗର ଓ ପୋଲସରା ଏନଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡିଛି। ତେବେ ନୂଆ ସରକାର ଜାଣିଶୁଣି ପୁରୁଣା ସରକାର ଘୋଷଣା କରିଥିବା ତାଲିକାକୁ ବନ୍ଦ ରଖିଥିବା ଅଭିଯୋଗ ଆଣିଛି ବିଜେଡି। ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ୨୩ ଜିଲ୍ଲାରେ ୫୭ଟି ନୂଆ ଏନଏସି ପାଇଁ ଘୋଷଣା କରିଥିଲେ। ୬ଟି ଏନଏସିକୁ ମ୍ୟୁନିସିପାଲିଟି କରିବାକୁ ମଧ୍ୟ ଘୋଷଣା ହୋଇଥିଲା। କିନ୍ତୁ ଏଥିପାଇଁ ସରକାରୀ ସ୍ତରରେ ବିଧିବଦ୍ଧ ଭାବେ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନଥିଲା। ଏବେ ୧୨ ଏନଏସି ଘୋଷଣା ପରେ ଅନ୍ୟ ଏନଏସି ଘୋଷଣା ପାଇଁ ବାଟ ଫିଟିବ ବୋଲି ଆଶା କରାଯାଉଛି।

### ବର୍ଷ ପୂର୍ତ୍ତି ପୂର୍ବରୁ...

ଏକ ବୈଠକ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରଥଖଳା ଯାଇ ରଥ ନିର୍ମାଣର ସମୀକ୍ଷା କରିବା ସହ ମହାରଣା ସେବକଙ୍କ ପାଉଣା ବୃଦ୍ଧି ପାଇଁ ମଧ ପ୍ରତିଶ୍ରୁତି ଦେଇଛନ୍ତି । ସ୍ନାନଯାତ୍ରା ଅବସରରେ ରାଜ୍ୟବାସୀଙ୍କୁ ଏକ୍ସରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ମୁଖ୍ୟମନ୍ତ୍ରୀ । ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳମୟ ଜୀବନ ପାଇଁ ପ୍ରାର୍ଥନା କରୁଛି ବୋଲି ଲେଖିଛନ୍ତି ।

### ପୁଣି ଟଳିଲେ..

ବାମନ ଥିଲେ। ପେଦାରସ ଗ୍ରାମର ସ୍ଥାନୀୟ ସଂଗଠନ ସ୍କ୍ୱାଡ୍ କମାଣ୍ଡରେ ଥିଲେ। ତାଙ୍କ ମୁଣ୍ଡରେ ୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ଅନ୍ୟପକ୍ଷରେ ମହିଳା ମାଓବାଦୀଙ୍କ ପରିଚୟ ମିଳିପାରିନାହିଁ। ସୂଚନାଯୋଗ୍ୟ ଯେ ଗତ ସୋମବାର ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଆଇଇଡି ବିସ୍ଫୋରଣ ହେବା ଫଳରେ ଏଥିରେ ଅତିରିକ୍ତ ପୁଲିସ ଅଧୀକ୍ଷକ (କୋଣ୍ଟା ଡିଭିଜନ) ଆକାଶ ରାଓ ଗିରେପୁଞ୍ଜେଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ କମ୍ବିଂ ଅପରେସନ୍‌କୁ ବ୍ୟାପକ କରାଯାଇଥିବା ବେଳେ ଆଜି ଏହି ଏନକାଉଣ୍ଟର ହୋଇଛି।

## ତୋ ଚକା ଆଖିରେ ଆଖି ମିଶିଗଲେ ଶାନ୍ତି ଲାଗେ ଏ ଜୀବନ

# ହାତୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

### ବନ୍ତିଲୋ ଜଗନ୍ନାଥ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା



**କାକଟପୁର/ଅସ୍ତରଙ୍ଗ,୧୧।୬(ସଂଚାର ବ୍ୟୁରୋ):** ଓଡିଶାର ସଂସ୍କୃତି କହିଲେ ଶ୍ରୀ ଜଗନ୍ନାଥ ସଂସ୍କୃତି କୁ ବୁଝାଇଥାଏ। ସଂସ୍କୃତିର ମୂଳାଧାର ମଧ୍ୟ ସ୍ୱୟଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଜଗତର ନାଥ ଶ୍ରୀଜଗନ୍ନାଥ ଙ୍କ ଘୋଷଯାତ୍ରା ଉତ୍କଳୀୟ ପ୍ରାଣତନ୍ତ୍ରି ରେ ଏକଲଳିତ ମୂର୍ଚ୍ଛନା।କିନ୍ତୁ ଶ୍ରୀ ଜଗନ୍ନାଥ ଙ୍କ ଯାତ୍ରାମାନଙ୍କ ମଧ୍ୟରେ ଆଦ୍ୟଯାତ୍ରା ହେଉଛି ସ୍ନାନଯାତ୍ରା। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉ ମାନଙ୍କ ଦେବସ୍ନାନ ନୀତି ସଂମ୍ପର୍ଣ୍ଣ ହୋଇ ପ୍ରଭୁ ହାତୀ ବେଶରେ ଦର୍ଶନ ଦେଇଛନ୍ତି । ପ୍ରାତଃ ସମୟରେ ମନ୍ଦିରରେ ମଙ୍ଗଳ ଆଳତୀ ସହିତ ହୋମ ପୂଜା ଅର୍ଚ୍ଚନା କରାଯାଇ ପରେ ଦ୍ୱାରପୂଜା,ଖେଚୁଡି ଭୋଗ,ପୁଷ୍ପାଞ୍ଜଳୀ ଦିଆଯାଇଥିଲା । ଭୋର ସମୟରୁ ସ୍ନାନ ମଣ୍ଡପ ଶୋଧ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ସେବାୟତ ମାନେ ଗୋଟିପହଣ୍ଡିରେ ପ୍ରଥମେ ଶ୍ରୀ ସୁଦର୍ଶନ ପ୍ରଭୁ ବଳଭଦ୍ର, ମା ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ସ୍ନାନମଣ୍ଡପରେ ବିଜେ କରାଯାଇଥିଲା। ଏହି ସମୟରେ ତ୍ରାସ, ଛତ୍ରୀ,ଚାମର ବିଞ୍ଚଣା ,ଶଙ୍ଖ,କାହାଳି ବାଦନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ପରେ ନିକଟରେ ପୁଣ୍ୟତ୍ୱୟା କଳସରେ ଜଳସଂଗ୍ରହ କରାଯାଇଥିଲା। ରୀତିନୀତି ଅନୁଯାଇ ବିଗ୍ରହମାନଙ୍କ ଉପରେ ଶ୍ୱେତଶୋରିଷ, ଜବଧାନ, ରକ୍ତଚନ୍ଦନ, ମହୁ, କ୍ଷୀର,ହଳଦି ମିଶାଯାଇ ପ୍ରଲେପ କରାଯାଇଥିଲା। ପରେ ଗଜମୋହୋଷୌଧୀ , ସର୍ବମହୋଷୌଧି ଶ୍ରୀଅଙ୍ଗରେ ଲାଗିକରାଯିବା ପରେ ଶୀ ବଳଭଦ୍ରଙ୍କୁ ମା ସୁଭଦ୍ରା, ଶ୍ରୀ ଜଗନ୍ନାଥଙ୍କୁ ସୁଦର୍ଶନ ଚକ୍ରଙ୍କୁ କଳସରେ ଅଭିମିଶ୍ରିତ ଜଳରେ ସେବାୟତ ପୂଜକ ମାନେ ସ୍ନାନ କରାଇଥିଲେ । ଏହାପରେ ଠାକୁର ମାନଙ୍କୁ ନୂତନ ବସ୍ତ୍ର,ଚନ୍ଦନ,ତୁଳସୀ ଆଦି ଲାଗିପରେ ଟାହିଆ ଲଗାଯାଇଥିଲା। ତା ପରେ ନୈବେଦ୍ୟ,ଆଳତୀ ଓ ଉପଚାର ନୀତି କରାଯାଇଥିଲା । ଅପରାହ୍ନରେ ଶ୍ରୀଜୀଉ ମାନଙ୍କର ହାତୀବେଶ କରାଯାଇଥିଲା। ଏହା ପରେ ବିଭିନ୍ନ ନୀତି କରାଯାଇ ଅଣସର ଗୃହକୁ ପହଣ୍ଡିକରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମନ୍ଦିର ବଡ଼ପଣ୍ଡା ବେଲାରସନ ପାଢ଼ୀ, ଅଜୟ ଦୀକ୍ଷିତି, ସୁବଳ ପାଢ଼ୀ, ଶ୍ୟାମ ସୁନ୍ଦର ପାଢ଼ୀ ଙ୍କ ସହ ମନ୍ଦିର ଟ୍ରଷ୍ଟର କର୍ମକର୍ତା ସହଯୋଗ କରିଥିଲେ ।

## ବିଜେଡିର ବିଶାଳ ପ୍ରତିବାଦ ସଭା



**ସୁନ୍ଦରଗଡ,୧୧।୬(ସଂଚାର ବ୍ୟୁରୋ):** ବୁଧବାର ଦିନ ସୁନ୍ଦରଗଡରେ ବିଜେଡିର ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। ବିଧାୟକ ଯୋଗେଶ କୁମାର ସିଂ ଏବଂ ଗ୍ରାମବାସୀଙ୍କୁ ପୋଲିସ ଉଠାଇନେବା ଘଟଣାର ପ୍ରତିବାଦ ରେ ସଭା ଅନୁଷ୍ଠିତ ହୋଇଛି।ବରପାଲି ରେଳ ସାଇଡିଂରେ ବେଆଇନ କୋଇଲା ପରିବହନକୁ ପ୍ରତିବାଦ କରୁଥିଲେ ବିଧାୟକ ଯୋଗେଶ କୁମାର ସିଂ। ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ ଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସୋନପୁର ବିଧାୟକ ନିରଂଜନ ପୂଜାରୀ, ନୟାଗଡ଼ ବିଧାୟକ ଅରୁଣ ସାହୁ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୁର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୁର୍ବତନ ବିଧାୟିକା ଦୀପାଳି ଦାସ, ପୁର୍ବତନ ସାଂସଦ ମଙ୍ଗଳା କିଷାନ, ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କି ପ୍ରମୁଖ ସାମିଲ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

## ମିଳିଲା ୮ମାସର ଭତ୍ତା

ସଂଚାର ପ୍ରଭାବ

**ନୟାଗଡ଼,୧୧।୬(ସଂଚାର ବ୍ୟୁର):** ଆଠ ମାସର ସଂଘର୍ଷ ପରେ ମିଳିଲା ଭତ୍ତା । ଆଶ୍ୱସ୍ତି ଲାଭ କଲେ, ଦୀର୍ଘ ଆଠ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବୟସ୍କା ମହିଳା ନିହଲି ପ୍ରଧାନ । ବୟସ୍କା ମହିଳାଙ୍କ ବରୋଦା ବ୍ୟାଙ୍କ୍ ଆକାଉଣ୍ଟ ମେ ମାସ ୨୭ ତାରିଖରେ ୮ମାସର ଭତ୍ତା ଟଙ୍କା ପଠାଯାଇଥିବା ଜଣାପଡିଛି । ସୂଚନାନୁସାରେ, ନୟାଗଡ ସଦର ବ୍ଲକ୍ ଅନ୍ତର୍ଗତ ନାଟୁଗାଁ ପଞ୍ଚାୟତ ଅଧିନରେ ଥିବା ସାଲୁଣୀ ଗ୍ରାମର ସ୍ୱର୍ଗତ ଦାଶରଥି ପ୍ରଧାନଙ୍କ ବୟସ୍କା ମହିଳା ନିହଲି ପ୍ରଧାନ ବଞ୍ଚିଥିବା ଅବସ୍ଥାରେ ତତ୍ କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅସବଧାନତା ଯୋଗୁଁ ତାଙ୍କୁ ମୃତ ଦେଖାଇ ଭତ୍ତା ବନ୍ଦ କରାଯାଇଥିଲା । ପ୍ରତିମାସରେ ଭତ୍ତା ପାଉଥିବା ବେଳେ ହଠାତ୍ କାହିଁକି ଭତ୍ତା ବନ୍ଦ ହେଲା କାରଣ ଖୋଜୁ ଖୋଜୁ ତାଙ୍କୁ ଜୀବିତ ଅବସ୍ଥାରେ ମୃତ ଦେଖାଇ ଭତ୍ତା ବନ୍ଦ କରାଯାଇଥିବା ଜଣାପଡିଥିଲା। ଏନେଇ ବାରମ୍ବାର ବିଭାଗୀୟ ଜଣାଇଥିଲେ ମଧ କର୍ଣ୍ଣପାତ କରିନଥିଲେ । ଯାହାଫଳରେ ବୟସ୍କା ମହିଳା ଜଣଙ୍କର ଏପ୍ରିଲ୍ ମାସ ସୁଦ୍ଧା ୭ମାସ ହେଲା ଜୀବିତ ଥାଇ ମଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ । ଏନେଇ ଦୈନିକ ଖବର କାଗଜ ସଂଚାର ରେ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରେ ତତ୍ପରତା ପ୍ରକାଶ କରିଥିଲେ । ଯାହାଫଳରେ ମେ ମାସ ପର୍ଯ୍ୟନ୍ତ ୮ମାସର ଭତ୍ତା ଏକକାଳୀନ ନିହଲି ପ୍ରଧାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଛଡାଯାଇଥିବା ସୂଚନା ମିଳିଛି । ଭତ୍ତା ପାଇବା ପରେ ବୟସ୍କା ମହିଳା ଜଣଙ୍କ ସରପଞ୍ଚଙ୍କ ପ୍ରତିନିଧି ଭଗବାନ ଜେନାଙ୍କୁ ଓ ଦୈନିକ ଖବର କାଗଜ ସଂଚାର ଜିଲ୍ଲା ପ୍ରତିନିଧି ବିଭୂତି ଭୂଷଣ ସ୍ୱାଇଁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବ ସ୍ନାନ ନୀତି ଓ ଭଜନ ସମାରୋହ



**କୋଣାର୍କ,୧୧।୬(ସଂଚାର ବ୍ୟୁର):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ରାଜାରାମ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ଦେବ ସ୍ନାନ ନୀତି ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତ୍ୟୁଷରୁ ଦ୍ୱାରା ଫିଟା ନୀତି ଓ ମଙ୍ଗଳ ଆଳତି ନୀତି ଧାର୍ମିକ ରୀତିନୀତି ଅନୁଯାୟୀ ସଂପାଦନ କରାଯାଇଥିଲା ।ପରେ ପରେ ଗୋଟି ପହଣ୍ଡିରେ କୋଣାର୍କ ଜଗନ୍ନାଥ ମନ୍ଦିର ରତ୍ନ ସିଂହାସନରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସେବାୟତ ମାନେ ଆଣିବା ପରେ ସ୍ନାନ ମଣ୍ଡପ ଠାରେ ବିରାଜମାନ କରାଯାଇଥିଲା। ସ୍ନାନ ମଣ୍ଡପ ଠାରେ ସୁବାସିତ ଜଳ ଦ୍ୱାରା ସେବାୟତ ମାନେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ମହାପ୍ରଭୁଙ୍କ ସ୍ନାନ କାର୍ଯ୍ୟ ଧାର୍ମିକ ରୀତିନୀତି ଓ ପରମ୍ପରା ସଂପାଦିତ କରାଯାଇଥିଲା । ପରେ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆକର୍ଷଣୀୟ ହାତୀ ବେଶରେ ସଜ୍ଜିତ କରାଯାଇଥିଲା। ସ୍ନାନ ମଣ୍ଡପ ଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ହାତୀ ବେଶ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସନ୍ଧ୍ୟାରେ ଯୁବ ଗୀତିକାର ଜୟଦେବ ମିଶ୍ର ଓ ସାଥି କଳାକାର ମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଓ ଚେତନା ଧର୍ମୀ ଭଜନ ମାନ ପରିବେଷଣ କରାଯାଇଥିଲା।

## ଅଚ୍ୟୁତାନନ୍ଦଙ୍କ ପୀଠରେ ଓକିଲ ସଂଘ ପକ୍ଷରୁ ଜଳଛତ୍ର, ରାମ ଖିଚିଡି ସହିତ ଚା' ବଣ୍ଟନ



**ନିଶ୍ଚିନ୍ତକୋଇଲି,୧୧।୬(ସଂଚାର ବ୍ୟୁରୋ):** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳରେ ଅଧିଷ୍ଠିତ ଜଗନ୍ନାଥଙ୍କ ପରମ ଭକ୍ତ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ପିଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଲୋକ ମାନଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ୩୦୦ରୁ ଉର୍ଦ୍ଧ୍ୱ ଆଇନଯିବି। କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ପୂର୍ବତନ ସମ୍ପାଦକ ତଥା ବରିଷ୍ଟ ଆଇନଯିବି ସ୍ମୃତି ରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ୱାବୋଧନରେ ନେମାଳ ବରପଡା ଗଡାଠାର ଏକ ଜଳଛତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇ ହଜାର ହଜାର ଭକ୍ତ ତଥା ବାଟୋଇ ମାନଙ୍କୁ ଦହି ପାଣି ଚା' ବଣ୍ଟନ ସହିତ ରାମ ଖିଚିଡି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ବାର୍ ଆସୋସିଏସନର ବହୁ ବରିଷ୍ଟ ଆଇନଯିବି ମାନେ ଯୋଗଦେଇ ଲୋକ ମାନଙ୍କୁ ସେବା ଯୋଗାଇ ଦେଇଥିଲେ। ଆଇନଯିବି ମାନଙ୍କ ଏଭଳି ମାନବ ସେବାଯୁକ୍ତ ମନୋଭାବ କାର୍ଯ୍ୟକୁ ଦୁର ଦୁରାନ୍ତର ଲୋକମାନେ ପ୍ରଶଂସା କରିବା ସହିତ ସାଧୁବାଦ୍ ଜଣାଇଥିଲେ। ଏଥିରେ ବରିଷ୍ଟ ଆଇନଯିବି ତଥା ସାଲେପୁର ଓକିଲ ସଂଘ ପ୍ରାକ୍ତନ ସଭାପତି ଅମରେନ୍ଦ୍ର ନାରାୟଣ ଦାସ, ଦେବ ପ୍ରସାଦ ମହାପାତ୍ର,ବର୍ତମାନର ସଂପାଦକ ଭାସ୍କର ବେହେରା,କୋଷାଧ୍ୟକ୍ଷ ପ୍ରତାପ କୁମାର ଖୁଣ୍ଟିଆ,ପ୍ରାକ୍ତନ ସମ୍ପାଦକ ଶୁସାନ୍ତ କୁମାର ମହାନ୍ତି, ଅକ୍ଷୟ ସ୍ୱାଇଁ, ଚିତ ରଂଜନ ରାଉତରାୟ, ସୂର୍ଯ୍ୟକାନ୍ତ ପଣ୍ଡା, ବାସୁଦେବ ସେଠୀ, ନୀଳାଦ୍ରି ବିହାରୀ ମହାରଣା, ସଂଜୟ କୁମାର ବେହେରା, ବିଜୟ କୁମାର ସାହୁ,ସନ୍ତୋଷ କୁମାର ମହାନ୍ତି, ବଳରାମ ପଣ୍ଡା,କମଳାକ୍ଷ ପ୍ରସାଦ ଦାସଙ୍କ ସମେତ ସତାଧିକ ଆଇନ୍ ଜିବୀ ମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳାନାରେ ପୁର୍ଣ୍ଣ ସହଯୋଗ କରିଥିଲେ।

## ନିଶା ଇଞ୍ଜେକସନ୍ କାରବାର, ୫ ଗିରଫ



**ଜୟପୁର,୧୧।୬(ସଂଚାର ବ୍ୟୁର):** ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ବେଆଇନ ନିଶା ଇଞ୍ଜେକସନ କାରବାର ଏବଂ ସେବନ ଅଭିଯୋଗରେ ୫ଜଣ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସୁନବେଢ଼ା ଥାନା ଭେଜିପୁଟ ସତସଙ୍ଗ କୋଲନୀର ସଞ୍ଜୟ ଜେନା (୩୪) ଏବଂ ଟାଉନ୍ ସିପର ଅନୁଭବ ପ୍ରଧାନ (୨୫), ସେମିଳିଗୁଡା ଥାନା ମୀନାର କ୍ୟାମ୍ପର ରାସ୍ତାର ତ୍ରିନାଥ କାରବା (୩୫), ସ୍ଥାନୀୟ ଡଙ୍ଗାଗୁଡାର ରାମ ହରିଜନ (୩୪), ଆଦର୍ଶ ନଗରର ରାକେଶ ପଟ୍ଟନାୟକ (୨୧)। ସେମାନଙ୍କ ନିକଟରୁ ୫୧୩ଟି ଇଞ୍ଜେକସନ ବୋତଲ, ଗୋଟିଏ କାର (ଓଡି ୧୦ ୱାଇ-୫୪୭୬), ୫ଟି ମୋବାଇଲ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଗତକାଲି ରାତି ୯ଟା ୩୫ ମିନିଟ ସମୟରେ ସ୍ଥାନୀୟ ଗାନ୍ଧୀଛକ ପାର୍ଶ୍ୱର୍ବର୍ତି ମୁଖ୍ୟ କେନାଲ ରାସ୍ତାର ହୋଟେଲ ସଂଧା ନିକଟରେ କିଛି ଯୁବକ ଜମା ହୋଇ ବେଆଇନ ଇଞ୍ଜେକସନ କାରବାର କିମ୍ବା ବ୍ୟବହାର ହେଉଥିବା ନେଇ ଟାଉନଥାନା ପୁଲିସର ପାଟ୍ରୋଲିଂ ଗାଡି ସୂଚନା ପାଇବା ପରେ ଏସ୍ଆଇ ଗୋବିନ୍ଦ ଚନ୍ଦ୍ର ହାଁସଦାଙ୍କ ନେତୃତ୍ୱରେ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ୫ଜଣଙ୍କୁ କାବୁ କରିବା ସହ ଉପରୋକ୍ତ ସାମଗ୍ରୀ ଜବତ କରିଥିଲେ। ଏହିପରି ଟାଉନ ଥାନାକୁ ଅଣାଯାଇ ପଚରାଉଚରା କରାଯାଇଥିଲା ଏବଂ ଅଭିଯୁକ୍ତ ମାନେ ଏହି ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିବା ଜଣାପଡିବା ପରେ ତଦନ୍ତକାରୀ ଅଧିକାରୀ ଏସ୍ଆଇ ରତିକାନ୍ତ ମହାକୁର ଅଧିକ ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ ଆଜି ଗିରଫ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

## ୧୨ରୁ ୧୮ ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ

- ଆୟୋଜିତ ହେବ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା

**ସୁନ୍ଦରଗଡ଼,୧୧।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବ 'ବିକାଶ ମେଳା'। ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ତାହାର ସଫଳ କାର୍ଯ୍ୟାନ୍ୱୟନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ସ୍ଥାନୀୟ ଯତରା ପଡ଼ିଆଠାରେ ଜୁନ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ଜିଲ୍ଲା ସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ। ଏହି ବିକାଶ ମେଳାରେ ଜିଲ୍ଲା ପରିଷଦ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜଙ୍ଗଲ ଏବଂ ପରିବେଶ, ଯୋଜନା ଓ ସଂଯୋଜନ, କୃଷି ଏବଂ କୃଷକ ସଶକ୍ତିକରଣ, ଶିକ୍ଷା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ନଗର ଉନ୍ନୟନ ବିଭାଗ, ଓଡ଼ିଶା ଜୀବିକା ମିଶନ, ହସ୍ତଶିଳ୍ପ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ଜଳସମ୍ପଦ , ଶିଳ୍ପ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ସୂଚନା ଶିକ୍ଷା ଯୋଗାଯୋଗ ଷ୍ଟଲ ସ୍ଥାପିତ ହେବ। ସେହିଭଳି ଜଳ ବିଭାଜିକା, ଓଡ଼ିଶା କୃଷି ଶିଳ୍ପ ନିଗମ ଆଦି ବିଭାଗ ଦ୍ୱାରା ଉପକରଣ ମଧ୍ୟ ପ୍ରଦର୍ଶିତ ହେବ। ସେହିଭଳି ଏହି ସାତ ଦିନିଆ ବିକାଶ ମେଳାରେ ଜିଲ୍ଲାର ସମସ୍ତ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନଙ୍କ ଦ୍ୱାରା ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଗୁଡ଼ିକ ମଧ୍ୟ ଉପଲବ୍ଧ ହେବ।

## ଶ୍ରୀପତିତପାବନ ଜୀଉଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ

**ଡେଲାଙ୍ଗ,୧୧।୬(ସଂଚାର ବ୍ୟୁରୋ):** ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୁରୀଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡିଆ ଗ୍ରାମର ପ୍ରତିଷ୍ଠିତ ଆରାଧ ଦେବତା ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ମଙ୍ଗଳ ଆରତୀ ସହ ସମସ୍ତ ପାରମ୍ପାରିକ ରୀତିରେ ଦେବନୀତି ସମ୍ପୂର୍ଣ୍ଣ କରିବା ପରେ ଘଣ୍ଟ ଘଣ୍ଟା ଏବଂ ମୃଦଙ୍ଗର ତାଳେ ତାଳେ ମନ୍ଦିରରେ ଆଳତୀ ପରେ ମହାପ୍ରଭୁ ପତିତପାବନ ଦେବଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପରେ ବିରାଜମାନ କରାଇଥିଲେ । ତା'ପରେ କର୍ପୁର ଓ ଚନ୍ଦନ ମିଶ୍ରିତ ଜଳରେ ସ୍ନାନ କରିବା ପରେ ଠାକୁରଙ୍କୁ ଗଜାନନ ବେଶରେ ସୁ ସଜ୍ଜିତ କରାଯାଇଥିଲା। ଚଳିତ ବର୍ଷ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା।ସେବାୟତ ତଥା ପୂଜକ ସହ ମନ୍ଦିର କମିଟିର ପରିଚାଳକ ବିଜୟ କୁମାର ମିଶ୍ରଙ୍କ ସମେତ ମଧୁସୂଦନ ମିଶ୍ର,ବରିଷ୍ଠ ସେବକ ରାମଚନ୍ଦ୍ର ମିଶ୍ର, ଅମିତ କୁମାର ପଣ୍ଡା,ବିକ୍ରମ କେଶରୀ ମିଶ୍ର, ବୀରେନ ମିଶ୍ର ପ୍ରମୁଖ କର୍ମକର୍ତାମାନେ ସାମିଲ ହୋଇଥିଲେ ।

## ୪ ଗାଡି ଚାଳକ ଗିରଫ, ୭ ଟ୍ରାକ୍ଟର ଜବତ



**ହିଞ୍ଜିଳିକାଟୁ,୧୧।୬(ସଂଚାର ବ୍ୟୁରୋ):** ସିକିରି - ଖରିଡା ରାସ୍ତାରେ ବଡ଼ି ଭୋରରୁ ହିଞ୍ଜିଳି ପୋଲିସ ୪ ଜଣ ଡ୍ରାଇଭରଙ୍କୁ ଗିରଫ ସହ ୭ଟି ବାଲି ଟ୍ରାକ୍ଟର ଜବତ କରିଛି । କେସ ନଂ ୪୬୧/୨୫ ରେ ମାମଲା ରୁଜୁ ସହ ଗାଡି ଚାଳକଙ୍କୁ କୋର୍ଟ ଚାଲାଣ କରାଯିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି ।

## କୂଅରେ ପଡି ଶିଶୁର ମୃତ୍ୟୁ



**ମାହାଙ୍ଗା,୧୧।୬(ସଂଚାର ବ୍ୟୁରୋ):** ମାହାଙ୍ଗା ଥାନା ଅଧୁନ ପଣସପୁର ପଂଚାୟବସ୍ଥିତ ସାହାସପୁର ଗ୍ରାମର ଜଣେ ଶିଶୁ ଆଜି କୂଅରେ ପଡି ମୃତ୍ୟୁ ହୋଇଥିବା ଜଣାଯାଇଛି। ପ୍ରକାଶ ଥାଉ କି ଜ୍ୟେଷ୍ଠ ପୂର୍ଣ୍ଣମୀରେ ସୁରମୋହନ ସାହୁ ତାଙ୍କ ବଳ ପୁତ୍ର ଏବଂ ସାନ ପୁଅ ପ୍ରତୀକ ସାହୁକୁ ସ୍ଥାନୀୟ ଇଶାଣେଶ୍ୱର ମନ୍ଦିରକୁ ପୂଜା କାର୍ଯ୍ୟ କରିବା ପାଇଁ ଯାଇଥିଲେ । ପରେ ଦୁଇ ପୁଅଙ୍କୁ ଧରି ସୁରମୋହନ ଘରକୁ ଫେରି ଯାଇଥିଲେ । ଏହା ପରେ ସୁର ମୋହନଙ୍କ ସାନ ପୁଅ ପ୍ରତୀକ ଘରର ଏକ ଚାବି ଧରି ବାହାରକୁ ଖେଳିବାକୁ ଚାଲି ଆସିଥିଲେ । ଘରର ଅନତି ଦୂରରେ ଥିବା ଏକ କୂଅ ଭିତରେ ଅସାବଧାନତା ବସତଃ ଖସିପଡିଥିଲେ । ଏହାର କିଛି ସମୟ ପରେ ପୁଅକୁ ଦେଖୁବାକୁ ନପାଇବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ସ୍ଥାନିୟ ଅଂଚଳରେ ପୁଅର କୌଣସି ସନ୍ଧାନ ପାଇନଥିବାରୁ ସନ୍ଦେହରେ ନିକଟସ୍ଥ କୂଆ ମଧକୁ ପସି ଖୋଯିଥିଲେ । ସେଠାରୁ ପ୍ରତୀକକୁ ଉଦ୍ଧାର କରି ମାହାଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସରପଂଚ ଚିନ୍ମୟ ସାମନ୍ତରାୟ, ସମିତିସଭ୍ୟ ଦେବପ୍ରଶାଦ ମହାନ୍ତି ମାହାଙ୍ଗା ପ୍ରେସକ୍ଲବ ସଭାପତି ଦୀପକ ସାହୁ ୱାର୍ଡମେମ୍ବର ଶାବିତ୍ରୀ ସାହୁ ମହେଶ୍ୱର ସାମଲ, ଭିକାରୀ ଦାସ ଅଶିଘ୍ର ସିଂହ ଶ୍ରୀତମ ସାଗର ଭାଉତରାୟ ଙ୍କ ସମେତ ସ୍ଥାନିୟ ଅଂଚଳର ବହୁ ବ୍ୟକ୍ତି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

## ବ୍ରହ୍ମକ୍ଷେତ୍ର ବଳଦେବଜୀଉଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା



**ନିଶ୍ଚିନ୍ତକୋଇଲି,୧୧।୬(ସଂଚାର ବ୍ୟୁର):** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜିଗ୍ନିପୁର ପଞ୍ଚାୟତ ବ୍ରହ୍ମକ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ବଳଦେବଜୀୟୁଙ୍କ ମହାସ୍ନାନ କରାଯିବା ସହିତ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି।ମହାପ୍ରଭୁ ବଳଦେବଜୀଉଙ୍କୁ ମହାସ୍ନାନ କରାଯିବା ନିମନ୍ତେ ରୀତିନିତୀ ଅନୁସାରେ ପୂଜା ଅର୍ଚ୍ଚନା କରାଯାଇ କଳସରେ ସୁବାସିତ ଜଳ ପ୍ରଭାତରୁ ମନ୍ଦିରକୁ ସେବାୟତ ମାନେ ଆଣିଥିଲେ। ମହାପ୍ରଭୁଙ୍କର ମଙ୍ଗଳ ଆଳତି ହେବାପରେ ସେନାପଟା ଲାଗି କରାଯାଇଥିଲା।ଏହାପରେ ମହାପ୍ରଭୁ ଶ୍ରୀଶ୍ରୀ ବଳଦେବଜିୟୁଙ୍କୁ ସେବାୟତ ମାନେ ପହଣ୍ଡି କରି ସ୍ନାନ ମଣ୍ଡପକୁ ପାଛୋଟି ଆଣିଥିଲେ। ସ୍ନାନ ମଣ୍ଡପ ମହାପ୍ରଭୁ ବଳଦେବଜୀୟୁଙ୍କୁ ହଳଦୀ,ଚନ୍ଦନ,ଅଗୁର ଓ ଆସିଥିବା ସୁବାସିତ ଜଳରେ ସେବାୟତ ମାନେ ସ୍ନାନ କରିଥିଲେ। ସ୍ନାନପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ସେବାୟତ ମାନେ ମଣ୍ଡନ।କରିଥିଲେ।ଏହାପରେ ପରିଛା ସେବାୟତ ଛେରାପହଁରା ନୀତି କରିଥିଲେ।ପ୍ରଭୁଙ୍କ ଏହି ସ୍ନାନ ଯାତ୍ରା ଓ ଗଜାନନ ବେଶ ଦେଖିବା ନିମନ୍ତେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।ଏଥିରେ ବଡ଼ପଣ୍ଡା ଶ୍ରୀଯୁକ୍ତ ହେମନ୍ତ କୁମାର ପଣ୍ଡା,ଶ୍ରୀଯୁକ୍ତ ପ୍ରଣବ କିଶୋର ପଣ୍ଡା, ଶ୍ରୀଯୁକ୍ତ ପ୍ରିତିରଞ୍ଜନ ପଣ୍ଡା ଓ ପୂଜକ ସେବାୟତ ମାନଙ୍କ ସମେତ ଅନ୍ୟନ୍ୟା ପୂଜାପଣ୍ଡା ମାନେ ପୁର୍ଣ୍ଣ ସହଯୋଗ କରିଥିଲେ।

## ୩୫.୨୫ ଗ୍ରାମ ବ୍ରାଉନସୁଗାର ସହିତ ମହିଳା ନିଶା ବ୍ୟବସାୟୀ ଗିରଫ



**ଖୋର୍ଦ୍ଧା,୧୧।୬(ସଂଚାର ବ୍ୟୁର):** ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜ଼ିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଏସ.ଡି.ପି.ଓ ନିହାର ରଞ୍ଜନ ପ୍ରଧାନ ଏବଂ ଖୋର୍ଦ୍ଧା ଶିଲ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ବାସୁଦେବ ଜୟସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଗଡ଼ଖୋର୍ଦ୍ଧା ନିକଟସ୍ଥ କୁଞ୍ଜ ବିହାରୀ, ମନ୍ଦିର ସମ୍ମୁଖରେ ଚଢ଼ାଉ କରାଯାଇ ମନୋରମା ନାୟକ (୪୦) ନାମକ ଜଣେ ମହିଳା ନିଶା ବ୍ୟବସାୟୀଙ୍କୁ ବେଆଇନ ଭାବରେ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରାଯାଇଥିଲା। ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ ମନୋରମାଙ୍କ ନିକଟରୁ ୩୫.୨୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୩.୫୦ ଲକ୍ଷରୁ ଅଧିକ ହେବା ନେଇ ଆକଳନ କରାଯାଇଥିବାବେଳେ, ନଗଦ ୭୫୦୦ ଟଙ୍କା ଜବତ କରିଛି। ପୁଲିସ ପଚରାଉଚରା ସମୟରେ ଅଭିଯୁକ୍ତା ସ୍ୱୀକାର କରିଛି ଯେ ସେ ବହୁ ଦିନ ଧରି ବ୍ରାଉନସୁଗାର ବ୍ୟବସାୟରେ ଜଡିତ ଥିଲା। ଏ ସବୁ ତଥ୍ୟକୁ ଆଧାର କରି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ଏକ ମାମଲା ଯାହାର କେଶ ନଂ -୧୪୨/୨୦୨୫,ଧାରା -୨୧(ବି)/୨୯ ଘଉଚଟ୍ଟ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ଅଭିଯୁକ୍ତାକୁ ଖୋର୍ଦ୍ଧା ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଛି ଏବଂ ନିଶାକାରାବାର ଯୋଗାଣ ନେଟୱାର୍କର ଅଧିକ ତଥ୍ୟ ଉନ୍ମୋଚନ ପାଇଁ ବିସ୍ତୃତ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ପୁଲିସ ଅଧିକାରୀ କହିଛନ୍ତି ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ନାଉଗାଁ,୧୧।୬(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ମିଶନ ଶକ୍ତି ପକ୍ଷରୁ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ନାଉଗାଁର ତିହୁଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତିର ବିପିସି ସତ୍ୟାର୍ଥ ପ୍ରକାଶ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଆଶୁତୋଷ ମିଶ୍ର, ଜିପିଡିଓ ଦିନେଶ ରାୟ, ସିଡିପିଓ ବାସନ୍ତ ମେନ୍, ଓଏଲଏମ୍‌ର ବିପିଏମ୍ ବିଜୟଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୪ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଳଧାରୀ ପଂଚାୟତର ମା'ତାରାବତୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫ ହଜାର ଟଙ୍କା ସହ ପ୍ରଶଂସା ପତ୍ର ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଘୋଡାଂଶ ପଂଚାୟତର ଡିଙ୍ଗିମୁଣ୍ଡ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୪ ହଜାର ଟଙ୍କା ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## ହଜିଗଲାଣି ପୋଲୁହ ; ଦୂରେଇ ଯାଉଛି ଭାଇଚାରା ଓ ପରମ୍ପରା



**କଣାସ,୧୧।୬(ସଂଚାର ବ୍ୟୁର):** ଦିନକୁ ଦିନ ଗାଁ ପରିଣତ ହେଉଛି ସହରରେ। ବଦଳି ଯାଉଛି ଗାଁ ର ମଣିଷମାନଙ୍କର ଚାଲି ଚଳଣି। ଗାଁ ମାନଙ୍କରୁ ଧିରେ ଧିରେ ଦୂରେଇ ଯାଉଛି ଗ୍ରାମବାସୀମାନଙ୍କ ମଧ୍ୟରେ ଥିବା ଭାଇଚାର ପରମ୍ପରା। ବିଲୁପ୍ତ ହୋଇଯାଇଛି ପୁରାତନ ସାଜ ସରାଞ୍ଜମ। ବଦଳରେ ଗାଁରେ ଦେଖାଦେଇଛି ଗ୍ରାମବାସୀମାନଙ୍କ ମଧ୍ୟରେ ପରସ୍ପର ମଧରେ ପ୍ରତିଦ୍ୱନ୍ଦିତା ଓ ପ୍ରତିହାସର ଭାବ କିନ୍ତୁ ଏଥିରୁ ଦୂରେଇ ପରମ୍ପରା ମାଧ୍ୟମରେ ଗ୍ରାମବାସୀଙ୍କ ମାନଙ୍କ ମଧ୍ୟରେ ଭାଇଚାରାର ଚିତ୍ର ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ରାହାନ୍ଦିଆ ଗ୍ରାମରେ ପୂର୍ବରୁ ଗ୍ରାମର କୋଠ ମାଧ୍ୟମରେ ଗ୍ରାମବାସୀମାନେ ସମ୍ମିଳିତ ଭାବେ ଗ୍ରାମର ବିଭିନ୍ନ କାର୍ଯ୍ୟ ସଂପାଦାନ କରୁଥିଲେ। ଫଳରେ ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ପରସ୍ପର ସ୍ନେହ ଓ ସହଯୋଗର ଭାବ ପୋଖରୀ ସାଜୁଥିଲା ଏହାର ମାଧ୍ୟମ। କୋଠ ପୋଖରୀରେ ଗ୍ରାମବାସୀଙ୍କର ମିଳିତ ବ୍ୟବହାର ସହ ତାର ପରିଷ୍କାର ପରିଚ୍ଛନ୍ନତାରେ ସମସ୍ତଙ୍କର ଭାଗୀଦାର ଥିଲା। ପ୍ରତି ବଦଳରେ ବର୍ଷା ଋତୁ ଆସିବା ପୂର୍ବରୁ ଗ୍ରାମବାସୀମାନେ ସମ୍ମିଳିତ ଭାବେ ପୋଖରୀରେ ପୋଲୁହ ପକାଇ ଧରୁଥିଲେ ମାଛ। ଦୁଇଭାଗ ଗ୍ରାମବାସୀମାନେ ପରସ୍ପର ବାଣପଟି ନେଉଥିବାବେଳେ ଏକ ଭାଗ ଥିଲା ଗ୍ରାମ୍ୟ କୋଠର ପରିଚାଳନାରେ ବିନିଯୋଗ ହେଉଥିଲା ଏହି ଏକଭାଗ ଅର୍ଥ ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ରାହାନ୍ଦିଆ ଗ୍ରାମରେ। ବର୍ଷା ରୁତୁ ଆସିଯାଉଥିବାରୁ ଗାଁ ପୋଖରୀରୁ ସମ୍ମିଳିତ ଭାବେ ପାରମ୍ପରିକ ପୋଲୁହ ସାହାର୍ଯ୍ୟରେ ମାଛ ମାରୁଥିଲେ ଗ୍ରାମବାସୀମାନେ। ଗାଁ ଦୃଶ୍ୟ ପୂର୍ବରୁ ଲୁଚି ଯାଉଥିବା ପୋଲୁହକୁ ପାଣିରେ ମାଛ ମାନଙ୍କ ଉପରେ ମଡାଇ ଅନ୍ୟ ସାହାର୍ଯ୍ୟରେ ମାଛ ଧରିବାରେ ଭାଇଚାରା ଭାବ ବାରି ହୋଇପଡୁଥିଲା। କୋଠ ପକ୍ଷରୁ ମାଛ ସଂଗ୍ରହ କରି ଠିରଖାଯାଇଥିବାବେଳେ ଏଥିରୁ ଦୁଇ ଭାଗ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟା ଯିବାର ବ୍ୟବସ୍ଥା ରହିଥିଲା। ସମସ୍ତ ଉତ୍ସାହର ସହ ଏହି କାର୍ଯ୍ୟ ସଂପାଦାନ କରୁଥିଲେ। ଏଭଳି ଏକ ଭାଇଚାରାର କାର୍ଯ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚ୍ୟର ବିଷୟ ହୋଇଛି।

## ଟ୍ରେନରୁ ଖସିପଡି ବୃଦ୍ଧ ଗୁରୁତର



**ବେତନଟୀ,୧୧।୬(ସଂଚାର ବ୍ୟୁର):** ବାଙ୍ଗିରୀପୋଷୀରୁ ରୁପ୍ସା ପ୍ରତ୍ୟହ ସନ୍ଧ୍ୟାରେ ଚଳାଚଳ କରୁଥିବା ୬୮୧୪୮ ନମ୍ବର ଲୋକାଲ ଡିଏମୟୁରୁ ଖସିପଡି ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ଆଜି ବହୁ ବିଳମ୍ବରେ ଟ୍ରେନଟି ଛାଡିଥିଲା। ବେତନଟୀ ଷ୍ଟେସନରେ ଟ୍ରେନ ଛାଡିବା ସମୟରେ ଓହ୍ଲାଇବାକୁ ଚେଷ୍ଟା କରି ରେଳଧାରଣା ତଳକୁ ଗଳି ପଡିଥିଲେ ବୃଦ୍ଧ ଜଣକ। ଷ୍ଟେସନରେ ବସିଥିବା ଲୋକ ଓ ରେଳଯାତ୍ରୀଙ୍କ ଚିତ୍କାର ଶୁଣି ଗାଡି ଅଟକି ଯାଇଥିଲା। ସ୍ଥାନୀୟ ରେଳ କର୍ତ୍ତୃପକ୍ଷ ଓ ଜନସାଧାରଣଙ୍କ ସହଯୋଗରେ ତୁରନ୍ତ ଚିକିତ୍ସା ନିମନ୍ତେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କର ମୁଣ୍ଡରେ ଆଘାତ ଲାଗିବା ସହ ଅଣ୍ଟା ଠାରୁ ବାମଗୋଡ ଗୋଇଠି ଆଦି ବିଶେଷ କ୍ଷତିଗ୍ରସ୍ତ ହୋଇଛି। ବେତନଟୀରେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ତାଙ୍କୁ ପଠାଯାଇଛି। ତାଙ୍କ ନାଁ ହରିଶ ଚନ୍ଦ୍ର ଧଳ(୬୦), ଘର ଅନ୍ଧାରୀଶୋଳ, ଶୁଳିଆପଦା ବ୍ଲକ ବୋଲି ଜଣାଯାଇଛି।



## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

**କାମାକ୍ଷାନଗର,୧୧।୬(ସଂଚାର ବ୍ୟୁରୋ):** କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ମୁକ୍ତାପଶି ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଗୁଣ୍ଡିଚାନାଳି ଗାଁର ଚିତ୍ରସେନ ସାହୁଙ୍କ ପୁଅ ବିଶ୍ୱଜିତ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ବାଇକ ଯୋଗେ ବିଶ୍ୱଜିତ୍ କାମାକ୍ଷାନଗରରୁ ତାଙ୍କ ଭଉଣୀ ଘର କନ୍ତୁର ଯାଉଥିବା ସମୟରେ ଉକ୍ତ ରାସ୍ତାରେ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ବିଶ୍ୱଜିତ୍ଙ୍କର ମୃତ୍ୟୁ ହୋଇଯାଇଥିଲା। ଏପରିକି ଯୁବକଙ୍କ ବାଇକ୍ ଓ ଖଣ୍ଡବିଖଣ୍ଡିତ ମୃତଦେହ ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ନେଇ ସ୍ଥାନୀୟ ଲୋକେ କାମାକ୍ଷାନଗର ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ବାଇକକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ୫୩ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। କାରଣ ସ୍ଥାନୀୟ ଅଞ୍ଚଳର ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଥିଲେ। ଏହି କାରଣରୁ ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

### କବିତା ସଂକଳନ 'କାବ୍ୟାଞ୍ଜଳି' ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

# ଓଡ଼ିଆ ସାହିତ୍ୟ ଆକାଶର ଜାଜ୍ୱଲ୍ୟମାନ କୀର୍ତ୍ତି



**ପୁରୀ,୧୧।୬(ସଂଚାର ବ୍ୟୁରୋ):** ପବିତ୍ର ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଆଧ୍ୟାତ୍ମିକ କବିତା ସଂକଳନ ବା କଫି ଟେବୁଲ ବୁକ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଜାଜ୍ୱଲ୍ୟମାନ କୀର୍ତ୍ତି ହୋଇ ରହିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଓଡ଼ିଶାବାସୀଙ୍କ ସହ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ପରେ ରଥଖଳାରେ ପହଞ୍ଚି ମୁଖ୍ୟମନ୍ତ୍ରୀ ରଥ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସର୍କିଟ ହାଉସଠାରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରସ୍ତୁତ 'କାବ୍ୟାଞ୍ଜଳି' କଫି ଟେବୁଲ ବୁକର ଅନାବରଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ମହାସ୍ନାନ କରିଥିଲେ। ଏମାନଙ୍କ ମଧ୍ୟରେ ମୁଁ ମଧ୍ୟ ଅନ୍ୟତମ ଥିଲି।

### ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଆହ୍ୱାନ

ସେଠାରେ ବ୍ୟକ୍ତିଗତ ଭାବେ ସ୍ନାନ କରି ସାଧୁସନ୍ଥ, ମହାତ୍ମାଙ୍କ ସହ ମିଶିବାର ସୁଯୋଗ ପାଇଥିଲି। ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ। ଉକ୍ତ ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କାବ୍ୟାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ। ଏହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପ୍ରତୀକ। ସାରଳା ଦାସ, ଜଗନ୍ନାଥ ଦାସ, ଗଙ୍ଗାଧର ମେହେର, ଫକୀରମୋହନଙ୍କ ସାହିତ୍ୟ କୃତୀ ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ୨୦୩୬ ବିକଶିତ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପୁରୀ ସାଂସଦ ଡା ସମ୍ବିତ ପାତ୍ର ଏହି କଫି ଟେବୁଲ ବହିର ସର୍ବାଦୃତି ପାଇଁ ବିମାନବନ୍ଦରରେ ଉପଲବ୍ଧ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ବରିଷ୍ଠ ବିଜେପି ନେତା ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଉପସ୍ଥିତ ଥିଲେ। ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଭିନ୍ନ ମଠର ମହନ୍ତଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବା ବେଳେ ସାହିତ୍ୟିକ ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ଡଃ ପ୍ରୀତିପ୍ରତିଭା ଭୋଳ, ଡଃ ହାଡିବନ୍ଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, କୁଳମଣି ରାଉତ, ଡଃ ଅମୀୟ ମହାପାତ୍ର, ମାତୃଦତ୍ତ ମହାନ୍ତି, ନିରଞ୍ଜନ ରଥ, ଶ୍ୟାମ ପ୍ରକାଶ ସେନାପତି, ଚିନ୍ମୟ ବିବେକ, ଦୟାନିଧି ଲେଙ୍କା ଓ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ଭଦ୍ରକ ଗୋଷ୍ଠୀ ସଂଘର୍ଷ ମାମଲା

## ମୃତ ଯୁବକଙ୍କ ପରିବାର ପାଇଁ ୧୦ ଲକ୍ଷ ସହାୟତା ଓ ଚାକିରି ଘୋଷଣା

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** କିଛି ଦିନ ତଳେ ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ଘଟିଥିବା ବେଳେ ଏଥିରେ ଗୁରୁତର ଆହତ ହୋଇଥିବା ସନ୍ତୋଷ ପରିଡାଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସମ୍ପୃକ୍ତ ଯୁବକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ସକାଶେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବା ସହିତ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ସ୍ନାନପୂର୍ଣ୍ଣିମାରେ ପୁରୀରେ ଗଡ଼ିଲା ମୁଣ୍ଡ, ବରିଷ୍ଠ ସେବାୟତଙ୍କୁ ହତ୍ୟା



**ପୁରୀ,୧୧।୬(ସଂଚାର ବ୍ୟୁରୋ):** ପବିତ୍ର ସ୍ନାନ ପୂର୍ଣ୍ଣିମାରେ ବରିଷ୍ଠ ସେବାୟତଙ୍କୁ ହତ୍ୟା କରିଛନ୍ତି କେତେକ ଦୁର୍ବୃତ୍ତ। ପୁରୀ ଗୁଡ଼ିଆ ସାହିରେ ଘଟିଛି ଏଭଳି ହତ୍ୟାକାଣ୍ଡ। ମୃତକ ହେଉଛନ୍ତି ମହାସୁଆର ସାହିର ଜଗନ୍ନାଥ ଦୀକ୍ଷିତ। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ପହଣ୍ଡି ସେବା କରି ବରିଷ୍ଠ ସେବାୟତ ଜଗନ୍ନାଥ ଦୀକ୍ଷିତ ଫେରିଥିଲେ। ଗୁଡ଼ିଆ ସାହିର ନାରଣ ପାଇପୋଶୀଙ୍କୁ ଜଗନ୍ନାଥ ଟଙ୍କା ଦେଇଥିବାରୁ ଟଙ୍କା ନେବା ପାଇଁ ଆସିଥିଲେ। ତେବେ ଟଙ୍କା ଦେବା ବଦଳରେ ଘର ଭିତରେ ତାଙ୍କୁ ଅତି ନିର୍ମମ ଭାବେ ନାରଣ ହତ୍ୟା କରି ଫେରାର ହୋଇଯାଇଥିବା ମୃତକଙ୍କ ପୁତୁରା ଅଭିଯୋଗ କରିଛନ୍ତି। ଘର ଭିତରେ ଜଗନ୍ନାଥଙ୍କୁ ହତ୍ୟା କରି ଅଭିଯୁକ୍ତ ମୃତଦେହ ଦାଣ୍ଡ ଦୁଆରେ ଫିଙ୍ଗିଥିବା ଭିଡିଓ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ରଥଯାତ୍ରା ପରେ ୨୮ରୁ ପୁଣି ରତ୍ନଭଣ୍ଡାର ମରାମତି

**ପୁରୀ,୧୧।୬(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ରଥଯାତ୍ରା ପରଦିନ ଅର୍ଥାତ୍ ୨୮ରୁ ପୁଣି ଆରମ୍ଭ ହେବ। ଏହି ସୂଚନା ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ଏବେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିଛି। ଏ ସଂକ୍ରାନ୍ତରେ ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ମରାମତି କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ, ତାହା ଏବେ କହିବା ସମ୍ଭବ ନୁହେଁ। ଏହି ମରାମତି କାର୍ଯ୍ୟ ଶ୍ରୀମନ୍ଦିରର ପବିତ୍ରତା ଓ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

### ଓଡ଼ିଆ ଯବାନଙ୍କ ଆତ୍ମହତ୍ୟା

## ଅନଲାଇନ ଗେମ୍ରେ ହାରିଥିଲେ ୬୫ ଲକ୍ଷ



**କେନ୍ଦ୍ରାପଡ଼ା,୧୧।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର କୁଜାନଗରୀ ଥାନା ପହଣା ଗାଁର ଅଭିରାମ ଦାଶଙ୍କ ପୁଅ ସୂର୍ଯ୍ୟକାନ୍ତ ଦାଶ ବିଏସ୍ଏଫ୍ରେ କାର୍ଯ୍ୟରତ ଥିଲେ। କୋଲକାତାରେ ତାଙ୍କର ପୋଷ୍ଟିଂ ହୋଇଥିବା ବେଳେ ଦେଶ ସେବା ସହ ସେ ଅନ୍ଲାଇନ୍ରେ ଗେମ୍ ଖେଳିବାକୁ ଭାରୀ ପସନ୍ଦ କରୁଥିଲେ। ଏପରିକି ଅନଲାଇନ୍ ଗେମ୍ ପାଇଁ ସେ ଏକରକମ ପାଗଳ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଅଭ୍ୟାସର ବଶବର୍ତ୍ତୀ ହୋଇ ସେ ଗତ ଦୁଇ ବର୍ଷ ହେବ ଅନବରତ ଅନ୍ଲାଇନ୍ ଗେମ୍ ଖେଳୁଥିଲେ। ଏପରିକି ଏଥିରେ ନିଜ ଦରମା ଟଙ୍କାକୁ ବି ଲଗାଇଦେଇଥିଲେ। ଅଧିକନ୍ତୁ ଏଥିପାଇଁ ବାପା, ଭାଇ, ସାଙ୍ଗସାଥୀ ଓ କେତେକ ସମ୍ପର୍କୀୟଙ୍କଠାରୁ ବି ଟଙ୍କା ଧାର ଆଣି ଏଥିରେ ନିବେଶ କରିଥିଲେ। ଅନ୍ଲାଇନ୍ ଗେମ୍ରେ ବ୍ୟାପକ ଠକେଇ ହେଉଥିବାରୁ ସାଧାରଣ ଲୋକଙ୍କୁ ଏହାଠାରୁ ଦୂରେଇ ରହିବାକୁ ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ ସୂର୍ଯ୍ୟକାନ୍ତଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ତାଙ୍କର କେତେକ ସମ୍ପର୍କୀୟ ମଧ୍ୟ ତାଙ୍କୁ ବାରଣ କରିଥିଲେ। କିନ୍ତୁ ସେ ନିଜ ଉପରେ ନିୟନ୍ତ୍ରଣ ରଖିପାରିନଥିଲେ। ଏହି କ୍ରମରେ ସେ ଅନଲାଇନ୍ ଗେମ୍ରେ ୬୫ ଲକ୍ଷ ଟଙ୍କା ହାରିଯାଇଥିଲେ। ତେବେ ଏହି ଟଙ୍କା ଫେରାଇବା ସକାଶେ ସେ ଟଙ୍କା ଆବଶ୍ୟକ କରୁଥିଲେ ହେଁ ପରିବାର ଲୋକେ ଯଥେଷ୍ଟ ଟଙ୍କା ଦେଇସାରିଥିବାରୁ ଆଉ କୌଣସି ସହଯୋଗ ପାଇଁ ମନା କରିଦେଇଥିଲେ। ତେଣୁ ସୂର୍ଯ୍ୟକାନ୍ତ କେମିତି ଟଙ୍କା ସୁଝିବେ, ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ତେବେ ଶେଷରେ ଗତ ୮ ତାରିଖରେ ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ନିଜ ହାତ କାଟି ଭିଡିଓ କଲ୍ରେ ପରିବାର ଲୋକଙ୍କୁ ଦେଖାଇ ମଧ୍ୟ ଥିଲେ। ଆଶା ଥିଲା ତାଙ୍କର ଏପରି ନିଷ୍ପତ୍ତିରେ ପରିବାର ଲୋକଙ୍କ ମନ ବଦଳିବ ଓ ସେ କିଛି ଟଙ୍କା ପାଇବେ। ଏନେଇ ରବିବାର ତାଙ୍କର ବାପା ଓ ପତ୍ନୀଙ୍କ ସହ ଆଲୋଚନା ହୋଇଥିଲା। କିନ୍ତୁ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ ସୂର୍ଯ୍ୟକାନ୍ତ ଘରେ କବାଟ ବନ୍ଦ କରି ଦଉଡ଼ିରେ ଝୁଲିପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ନିକଟସ୍ଥ ବିଏସ୍ଏଫ୍ କ୍ୟାମ୍ପ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପୂରା ଘଟଣା ତଦନ୍ତ ଜାରି ରଖିଛି। ତେବେ ଯବାନଙ୍କ ମୃତ୍ୟୁ ପଛରେ ଅନ୍ଲାଇନ୍ ଗେମ୍ ନା ଆଉ କିଛି କାରଣ ରହିଛି, ସେନେଇ ପୁଲିସ୍ ଯାଞ୍ଚ ଚଳାଇଛି।

## ରେଳ ଧକ୍କାରେ ଗଲା ଗାଡ଼ି ମାଲିକଙ୍କ ଜୀବନ



**କେନ୍ଦୁଝର,୧୧।୬(ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ଼ ରେଳ ଫାଟକଠାରୁ ମାତ୍ର ୮ ମିଟର ଦୂରତାରେ ରେଳ ଧାରଣା ନିକଟରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଜଣେ ଗାଡ଼ି ମାଲିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଗୋବର୍ଦ୍ଧନ ପଞ୍ଚାୟତର ରବିନାରାୟଣ ଦେଓଙ୍କ ପୁଅ ଲୋକନାଥ (୩୫)। ସୂଚନାନୁସାରେ, ଲୋକନାଥ ଜଣେ ଗାଡ଼ି ମାଲିକ ଓ ତାଙ୍କର ଦୁଇଟି ୧୪ଚକିଆ ହାଇୱା ଟ୍ରକ୍ ରହିଛି। ତେବେ ଏହା ଦୁର୍ଘଟଣା ନା ଆତ୍ମହତ୍ୟା, ସେନେଇ କିଛି ବି ସ୍ପଷ୍ଟ ହେଇପାରିନାହିଁ। ମିଳିଥିବା ସୂଚନାନୁସାରେ, ଗତକାଲି ଲୋକନାଥ କାଦଗଡ଼ ଗ୍ରାମର ଚାଷ ଜମି ଦେଖିବାକୁ ଓଆର-୦୯ଏନ ୧୫୫୫ ନମ୍ବରବିଶିଷ୍ଟ ବାଇକ୍ରେ ସେଠାକୁ ଆସିଥିଲେ। ତେବେ ରେଳ ଧାରଣାର ବାମପାର୍ଶ୍ୱରେ ବାଇକ ରଖି ଲୋକନାଥ ଯାଉଥିବା ସମୟରେ ତାଙ୍କୁ ମାଲବାହୀ ଟ୍ରେନ୍ଟି ଧକ୍କା ଦେଇଥିଲା। ଫଳରେ ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ତେବ ଟ୍ରକ୍ କିଣିବା ବାବଦରେ ଋଣ କରିଥିବାରୁ ସେ ମାନସିକ ଚାପରେ ଥିଲେ ବୋଲି ମଧ୍ୟ ଆଲୋଚନା ହେଉଛି। ଏହି କାରଣରୁ ସେ ଆତ୍ମହତ୍ୟା ବି କରିଥାଇପାରନ୍ତି, ଏପରି ଏକ ସମ୍ଭାବନାକୁ ଏଡ଼ାଇ ଦିଆଯାଇନାହିଁ। ଆଜି ସକାଳେ ସ୍ଥାନୀୟ ଲୋକେ ଲୋକନାଥଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହିପରି ରେଳବାଇ ପୁଲିସ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଲୋକନାଥଙ୍କ ମୃତଦେହ ଚିହ୍ନିବା ପରେ ଏନେଇ ରେଳବାଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଲୋକନାଥଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ



### ରୋଗୀ ପରିବହନ ସେବା ପ୍ରଭାବିତ

**ଭଞ୍ଜନଗର,୧୧।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ମେଡିକାଲରେ କାର୍ଯ୍ୟରତ ଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଏକାଧିକ ଦାବିନେଇ ବୁଧବାର ଅପରାହ୍ନରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ମାଗଣା ରୋଗୀ ପରିବହନ ସେବା ଭଞ୍ଜନଗର ଉପଖଣ୍ଡରେ ବାଧାପ୍ରାପ୍ତ ହୋଇଛି। ରୋଗୀମାନେ ଘରୁ ମେଡିକାଲ ଆସିବା ସହ ମେଡିକାଲରୁ ଅନ୍ୟ ମେଡିକାଲକୁ ୧୦୮ ଆମ୍ବୁଲାନ୍ସରେ ଯିବା ସମ୍ଭବପର ହୋଇପାରିନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ ମାସର ୧୧ ତାରିଖ ହୋଇସାରିଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଦରମା ମିଳିନାହିଁ। ଫଳରେ ସେମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ୭୦ ଜଣ କର୍ମଚାରୀଙ୍କୁ ବେନିୟମ ଭାବେ ଛଟେଇ କରାଯାଇଛି। ସେମାନଙ୍କୁ ତୁରନ୍ତ ପୁଣି ନିଯୁକ୍ତି ଦିଆଯିବା ସକାଶେ ସେମାନେ ଦାବି କରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲାର କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ଟଙ୍କା ବି ମିଳିନାହିଁ। ଗାଡ଼ିର ଟାୟାର ଠିକ ନାହିଁ। ଏସି ଅଚଳ ହେଲାଣି। ଏଭଳି ୧୦୮ ଆମ୍ବୁଲାନ୍ସର ଅନେକ ସମସ୍ୟା ରହିଛି, ଯାହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆମ ଉପରେ ଅସନ୍ତୋଷ ଝାଡୁଛନ୍ତି। ଡ୍ୟୁଟି ସମୟରେ ବିଶ୍ରାମ ନେବା ପାଇଁ ମେଡିକାଲ ପରିସରରେ ବିଶ୍ରାମ କକ୍ଷ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି। ଏଥିସହ ଅନେକ ସମୟରେ କର୍ମଚାରୀମାନଙ୍କୁ ସମୟ ପରେ ବି ଡ୍ୟୁଟି କରିବାକୁ ପଡୁଛି। ଏଦିଗରେ ବିକଳ୍ପ ବ୍ୟବସ୍ଥା ଦିଗରେ ପଦକ୍ଷେପ ନିଆଯିବା ଦରକାର। ତୁରନ୍ତ ସରକାର ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତା ଶୁଭତୋଷ ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷରେ କର୍ମଚାରୀମାନେ ବୁଧବାର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସକାଶେ ଯାଇଥିଲେ। କିନ୍ତୁ ସେ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ କର୍ମଚାରୀମାନେ ବାଧ୍ୟ ହୋଇ ଫେରିଯାଇଥିଲେ। ତେବେ ଆସନ୍ତାକାଲି ଏହି ଦାବିପତ୍ର ପ୍ରଦାନ କରାଯିବ ବୋଲି

## ୭ ଦିନ ପ୍ରବଳ ବର୍ଷା, ପୁରୀ ଦେଇ ଗତି କରୁଛି ମୌସୁମୀ

**ଭୁବନେଶ୍ୱର, ୧୧।୬ (ସଂଚାର ବ୍ୟୁରୋ) :** ରାଜଧାନୀରେ ଆଜି କାଁ ଭାଁ ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ଅସହ୍ୟ ଗୁଳୁଗୁଳିରୁ ସାମାନ୍ୟ ତ୍ରାହି ଦେଇଛି ବର୍ଷା । କାରଣ ମୌସୁମୀ ବାୟୁ ଉତ୍ତର ସୀମା ଦେଇ ମୁମ୍ବାଇ, ଅହିଲ୍ୟାନଗର, ଆଦିଲାବାଦ, ଭବାନୀପାଟନା, ପୁରୀ, ସ୍ୟାଣ୍ଡହେଡ୍ ଦ୍ୱୀପ, ବାଲୁରଘାଟ, ଦେଇ ଗତି କରୁଛି। ଫଳରେ ରାଜ୍ୟରେ ଜାରି ରହିଛି ମୌସୁମୀ ବର୍ଷା । ଆଗାମୀ ତିନି ଦିନ ଯାଏ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ସଂଲଗ୍ନ ଉତ୍ତର ଉପକୂଳ ଓଡ଼ିଶା ଏବଂ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଉପର ବାୟୁମଣ୍ଡଳ ସ୍ତରୀୟ ଘୂର୍ଣ୍ଣିବଳୟ ଯୋଗୁଁ ଉତ୍ତର ଓଡ଼ିଶା ଏବଂ ଆଖପାଖ ଅଞ୍ଚଳ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା ପବନ ସହ ବିଜୁଳି ଘଡଘଡିର ଚେତାବନୀ ଆସନ୍ତା ୧୩ ତାରିଖ ଯାଏଁ ରହିଛି । ରାଜ୍ୟରେ ପ୍ରବାହିତ ହେଉଥିବା ମୌସୁମୀ ବାୟୁ ପ୍ରଭାବରେ ଆସନ୍ତା ୧୪ରୁ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ସୁଚନା ଦେଇଛନ୍ତି। ଆଗାମୀ ସାତ ଦିନ ପାଇଁ ବର୍ଷା ରହିଥିବା ବେଳେ ୧୩ ଯାଏଁ ଓଡିଶାର କିଛି କିଛି ସ୍ଥାନରେ ବର୍ଷା ହେବ । ହେଲେ ୧୪ରୁ ରାଜ୍ୟର ସମସ୍ତ ଅଞ୍ଚଳକୁ ବର୍ଷା ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ଶ୍ରୀମନ୍ଦିର ଉପରେ ଉଡ଼ିଲା ବେଆଇନ ଡ୍ରୋନ



**ପୁରୀ, ୧୧।୬ (ସଂଚାର ବ୍ୟୁରୋ) :** ଶ୍ରୀ ମନ୍ଦିର ଉପରେ ଉଡିଲା ବେଆଇନ ଡ୍ରୋନ। ଆଜି ସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀ କ୍ଷେତ୍ରରେ ଲାଗିଛି ଲକ୍ଷାଧିକ ଭକ୍ତଙ୍କ ଭିଡ଼ । ସ୍ନାନ ମଣ୍ଡପ ନିକଟରେ ବେଆଇନ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଛି। ଡ୍ରୋନ ଟି କିଏ ଏବଂ କେଉଁଠାରୁ ଡ୍ରୋନ ଉଡାଉଛି ତାହା ସ୍ପଷ୍ଟ ହୋଇନାହିଁ । କଡା ସୁରକ୍ଷା ବଳୟ କୁ ଭେଦ କରି ବେଆଇନ ଡ୍ରୋନ କିଭଳି ଉଠିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଜିଡିଏସ୍ ଚାକିରି ପାଇଁ ଜାଲ୍ ପ୍ରମାଣପତ୍ର ମାମଲା

## ଆଉ ୫ ଗିରଫ, ୨୫ରେ ପହଞ୍ଚିଲା ମୋଟ ସଂଖ୍ୟା



**ବଲାଙ୍ଗୀର, ୧୧।୬ (ସଂଚାର ବ୍ୟୁରୋ) :** ଜାଲ ଶିକ୍ଷା ଗତ ପ୍ରମାଣ ପତ୍ର ପ୍ରଦାନ କରି ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଚାକିରି ପାଇବାକୁ ଉଦ୍ୟମ କରିବା ଅଭିଯୋଗରେ ରାଜ୍ୟ କ୍ରାଇମବ୍ରାଞ୍ଚ ଟିମ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ଗିରଫ ହୋଇଥିବା ୫ ଜଣ ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ଥାନା ମୁରିବାହଲର କୁଳମଣି ରାଣା (୨୪), ବଲାଙ୍ଗୀର ସଦର ଥାନା କୁଟମଦୋଳାର ଅଜାଉଦିନ କୁମ୍ଭାର (୨୮), ଜଗନ୍ନାଥ ପଡ଼ାର ରଜତ କୁମାର ନାଏକ (୩୨), ବଲାଙ୍ଗୀର ଥାନା ଅଞ୍ଚଳର ସୁଧୀର ଭୁଏ (୨୭) ଓ ସୁବର୍ଣ୍ଣପୁର ଅଞ୍ଚଳର ତୋଫାନ ବାଗ (୪୫)। ପୂର୍ବରୁ ଏହି ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଅଭିଜିତ କୁମାର ଭକତ, ବଲାଙ୍ଗୀର ଟାଉନ ରିଲାଏନ୍ସ ଏଜୁକେସନ କମ୍ପ୍ଲେକ୍ସର ମାଲିକ ମନୋଜ ମିଶ୍ର ଓ ଆଲୋକ ରଞ୍ଜନ ଉଦ୍ଗାତାଙ୍କ ସମେତ ଏହି ର୍ୟାକେଟ ସହ ଜଡ଼ିତ ଅନ୍ୟ ୧୭ ଜଣଙ୍କୁ ଗିରଫ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ଗତ ୨୦୨୩ ଜାନୁଆରୀରେ ଜିଡିଏସ୍ରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ଚାକିରି ନିମନ୍ତେ ହଜାର ହଜାର ସଂଖ୍ୟାରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ତେବେ କିଛି ପରୀକ୍ଷାର୍ଥୀ ଜାଲ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ଚାକିରି ପାଇବାକୁ ଉଦ୍ୟମ କରୁଥିବା ସଂକ୍ରାନ୍ତରେ ବଲାଙ୍ଗୀର ଡିଭିଜନର ଡାକଘର ସୁପରିଣ୍ଟେଣ୍ଡେଣ୍ଟ ରାଜେନ୍ଦ୍ର କୁମାର ପଟ୍ଟନାୟକ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଏହି ଘଟଣାରେ ଏକ ସଙ୍ଗଠିତ ନେଟୱାର୍କ କାର୍ଯ୍ୟ କରୁଥିବା ସମ୍ପର୍କରେ ଜାଣିବାକୁ ପାଇଥିଲା। ତେବେ ମାମଲାଟି ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ବିକାଶ ରଞ୍ଜନ ବେହୁରାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ମାମଲାର ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୁକ୍ତମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନରୁ ନକଲି ପ୍ରମାଣପତ୍ର ପ୍ରସ୍ତୁତ କରି ଚାକିରି ଆଶାୟୀଙ୍କୁ ଯୋଗାଉଥିବା ସମ୍ପର୍କରେ ତଦନ୍ତକାରୀ ଟିମ ଜାଣିବାକୁ ପାଇଥିଲେ। ଏହି ଠକେଇ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୁଲିସର ତଦନ୍ତ ଜାରି ରହିଛି।

# କଲ୍ୟାଣୀନଗର କେନାଲ ରୋଡ୍ ପଙ୍କ କାଦୁଅରେ ସରସର



### କଳିକତି ଦଳ ଦୁର୍ଗନ୍ଧରେ ଜନସାଧାରଣ ଅସ୍ତବ୍ୟସ୍ତ

**କଟକ,୧୧।୬(ସଂଚାର ବ୍ୟୁରୋ):** କଟକ ସହରରେ ମୌସୁମୀ ଆସିବା ପୂର୍ବରୁ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇଯାଇଥାଏ। ପ୍ରତିବର୍ଷ ମେ' ଶେଷ ସୁଦ୍ଧା ସହରର ଛୋଟବଡ ନାଳରୁ ପଙ୍କୋଦ୍ଧାର କାର୍ଯ୍ୟ ସରିଯାଇଥିବା ବେଳେ ଚଳିତ ବର୍ଷ ଜୁନ ୧୧ ତାରିଖ ସୁଦ୍ଧା ସଂପୂର୍ଣ୍ଣ ପଙ୍କୋଦ୍ଧାର କାର୍ଯ୍ୟ ସରିନାହିଁ। ଏବେ ମଧ୍ୟ ସହରରେ ବର୍ଷା ହେଉଥିବା ବେଳେ କଟକ ମହାନଗର ନିଗମ ଠିକାସଂସ୍ଥା ମାଧ୍ୟମରେ ନାଳରୁ ପଙ୍କୋଦ୍ଧାର କାର୍ଯ୍ୟ କରୁଥିବା ବେଳେ କେତେକ ସ୍ଥାନରେ ଶ୍ରମ ଆଇନ ଉଲ୍ଲଙ୍ଘନ କରି ପଙ୍କୋଦ୍ଧାର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି।କଟକ ଏମଏସଡବ୍ଲ୍ୟୁ ସି-୧ ବଡ଼ନାଳ ମାତୃଭବନ ଠାରୁ ନୂଆବଜାର ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟ କରୁଥିବା ଠିକାସଂସ୍ଥା ପଙ୍କୋଦ୍ଧାର ନାମରେ କଳିକତି ଦଳ ସଫା କରିବା ସହ ନାମକୁ ମାତ୍ର ପଙ୍କୋଦ୍ଧାର କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ଚାଲିଥିବା ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଠିକାସଂସ୍ଥା କାର୍ଯ୍ୟ କରିବା ନାମରେ ଠକୁଥିବା ଚର୍ଚ୍ଚା ଜୋର ହେଉଛି। ଯାହାଦ୍ୱାରା ବଡ଼ ନାଳରୁ ପଙ୍କୋଦ୍ଧାର ସଠିକ ଭାବେ ହୋଇନାହିଁ ଓ ଯେଉଁ ପଙ୍କୋଦ୍ଧାର, ଦଳ ସଫା ହୋଇଛି ତାହା ୭ ଦିନରୁ ଉର୍ଦ୍ଧ୍ୱ ହେବ ରାସ୍ତା କଡ଼ରେ ପଡ଼ିରହିଥିବା ଯୋଗୁଁ ଅସରାଏ ବର୍ଷା ହେଲେ ରାସ୍ତାରେ ପଙ୍କକାଦୁଅ ସରସର ହେବା ସହ ଗଦାହୋଇ ପଡ଼ିଥିବା କଳିକତି ଦଳ ପଚି ଦୁର୍ଗନ୍ଧ ହେଉଛି ଯାହାଦ୍ୱାରା ସ୍ଥାନୀୟ ଜନସାଧାରଣ ଅସ୍ତବ୍ୟସ୍ତ ହେଉଥିବା ବେଳେ କଟକ ମହାନଗର ନିଗମ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ରାସ୍ତାକଡ଼ରୁ ସଫା କରିବା ପାଇଁ ଦାବି ହେଉଛି। ବର୍ତ୍ତମାନ ଏଭଳି ଅପରିଷ୍କାର ପରିବେଶ ଯୋଗୁଁ ଏହି ରାସ୍ତାରେ ପ୍ରାତଃ ଓ ସନ୍ଧ୍ୟା ସମୟରେ ଚଲାବୁଲା କରୁଥିବା ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ମୌସୁମୀ ବର୍ଷା ପୂର୍ବରୁ ରାସ୍ତାକୁ ସଠିକ ଭାବେ ସଫେଇ କରାଯିବା ସହ ପଙ୍କୋଦ୍ଧାର ସମୟରେ ନାଳର ଉଭୟ ପାର୍ଶ୍ୱରୁ ବାହାର କରାଯାଇଥିବା ତାରଜାଲିକୁ ଲଗାଇବା ପାଇଁ ଦାବି ହେଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଆଜିଠୁ ଭୁବନେଶ୍ୱର-ଆବୁଧାବି ସିଧାସଳଖ ବିମାନ ଉଡ଼ାଣ

**ଭୁବନେଶ୍ୱର, ୧୧।୬ (ସଂଚାର ବ୍ୟୁରୋ):** ଓଡ଼ିଶାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗୁରୁବାର, ଜୁନ୍ ୧୨ ତାରିଖରୁ ଆବୁଧାବିକୁ ବହୁ ପ୍ରତୀକ୍ଷିତ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଇଣ୍ଡିଗୋ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ଏହି ରୁଟ୍ ରାଜ୍ୟର ବୃଦ୍ଧି ପାଉଥିବା ଅନ୍ତର୍ଜାତୀୟ ସଂଯୋଗ ନେଟୱାର୍କ ଦ୍ୱାରା ଉପସାଗରୀୟ ଅଞ୍ଚଳକୁ ଏକ ରଣନୈତିକ ସଂଯୋଗ ପ୍ରଦାନ କରିବ। ଏୟାରଲାଇନ୍ସର ୱେବସାଇଟରେ ଉପଲବ୍ଧ ସୂଚନା ଅନୁଯାୟୀ, ଏହି ନନ୍-ଷ୍ଟପ୍ ବିମାନ ସେବା ମାଧ୍ୟମରେ ସପ୍ତାହରେ ତିନିଥର ବୁଧବାର, ଶୁକ୍ରବାର ଏବଂ ରବିବାର ଉଡ଼ାଣ କରି ଭୁବନେଶ୍ୱରକୁ ଆବୁଧାବି ସହିତ ସଂଯୋଗ କରିବ।



ଭୁବନେଶ୍ୱରରୁ ପୂର୍ବାହ୍ନ ୯ଟା ୩୫ରୁ ଉଡ଼ାଣ ଆରମ୍ଭ କରି, ବିମାନଟି ସ୍ଥାନୀୟ ସମୟ ଅନୁସାରେ ମଧ୍ୟାହ୍ନ ୧୨ଟା ୩୫ରେ ୟୁଏଇର ରାଜଧାନୀରେ ଅବତରଣ କରିବ। ପ୍ରାୟ ଚାରି ଘଣ୍ଟା ତିରିଶ ମିନିଟ୍‌ରେ ଇଣ୍ଡିଗୋ ବିମାନ ନିଜର ଯାତ୍ରା ସମାପ୍ତ କରିବ । ପ୍ରତ୍ୟାବର୍ତ୍ତନ ପର୍ଯ୍ୟାୟରେ ସ୍ଥାନୀୟ ସମୟ ଅନୁସାରେ ରାତି ୨ଟା ୩୫ରେ ଆବୁଧାବିରୁ ଉଡ଼ାଣ କରିବ ଏବଂ ପୂର୍ବାହ୍ନ ୮ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିବ। ୱେବସାଇଟ୍‌ରେ ଉଲ୍ଲେଖ କରାଯାଇଛି ଯେ, ଏହି ନୂତନ ରୁଟ୍ ପାଇଁ ପ୍ରାରମ୍ଭିକ ଭଡ଼ା ଭୁବନେଶ୍ୱରରୁ ଆବୁଧାବି ପାଇଁ ଏକପାଖିଆ ଟିକେଟ୍ ପାଇଁ ୧୨,୬୮୫ ଟଙ୍କାରୁ ଆରମ୍ଭ ହେଉଛି ଏବଂ ଏହାର ଫେରିବା ଭଡ଼ା ୧୬,୧୩୨ ଟଙ୍କା ରହିଛି। ଅଧିକାଂଶ ଅନ୍ତର୍ଜାତୀୟ ରୁଟ୍ ପରି, ଋତୁକାଳୀନ ଚାହିଦା ଏବଂ ସିଟ୍ ଉପଲବ୍ଧତା ଉପରେ ଆଧାର କରି ମୂଲ୍ୟ ପରିବର୍ତ୍ତନ ହେବାର ଆଶା କରାଯାଉଛି। ବିମାନ ସେବା ସୂତ୍ର ସୂଚିତ କରିଛି ଯେ, ଉଦଘାଟନୀ ସେବା ପାଇଁ ବୁକିଂ ଶୀଘ୍ର ପୂରଣ ହେଉଛି। ଉଲ୍ଲେଖନୀୟ ଯେ, ରାଜ୍ୟରେ ଉପସାଗରକୁ ବିମାନ ସଂଯୋଗ ପାଇଁ ଅଧିକ ଚାହିଦା ରହିଛି, ବିଶେଷକରି ମେ' ୨୦୨୩ରେ ଭୁବନେଶ୍ୱର-ଦୁବାଇ ରୁଟ୍ ଆରମ୍ଭ ହେବା ପରଠାରୁ ନିରନ୍ତର ଭାବରେ ପ୍ରାୟ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛି। ୟୁଏଇ, କତାର ଏବଂ ଓମାନରେ ବହୁସଂଖ୍ୟକ ଓଡ଼ିଆ କାମ କରୁଥିବାରୁ, ଏହି ନୂତନ ଆବୁଧାବି ସଂଯୋଗ କର୍ମଚାରୀ ଏବଂ ବ୍ୟବସାୟିକ ଯାତ୍ରୀ ଉଭୟଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ ସୁବିଧା ଯୋଗାଇବ ବୋଲି ଆଶା କରାଯାଉଛି। ପ୍ରବାସୀ ଭାରତୀୟଙ୍କ ଯାତ୍ରା ବ୍ୟତୀତ, ନୂତନ ମାର୍ଗ ବ୍ୟାପକ ବାଣିଜ୍ୟ, ନିବେଶ ଏବଂ ପର୍ଯ୍ୟଟନ ସୁଯୋଗ ପାଇଁ ମଧ୍ୟ ଦ୍ୱାର ଖୋଲିବ ବୋଲି କୁହାଯାଉଛି। ଆବୁଧାବି ଏକ ବିଶ୍ୱ ପରିବହନ କେନ୍ଦ୍ର ଭାବରେ କାର୍ଯ୍ୟ କରିଥାଏ। ଯାତ୍ରୀମାନଙ୍କୁ ୟୁରୋପ, ଆମେରିକା ଏବଂ ଆଫ୍ରିକା ସହିତ ସଂଯୋଗ କରିଥାଏ। ଓଡ଼ିଶା ପାଇଁ ଏହା ମାଧ୍ୟମରେ ବିଶ୍ୱ ବଜାରରେ ସହଜ ପ୍ରବେଶ ଏବଂ ଏକ ବ୍ୟବସାୟ ଏବଂ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବରେ ନିଜକୁ ପ୍ରଚାର କରିବାର ସୁଯୋଗ ହେବାର ଆଶା ରହିଛି।

## ଏସ୍‌ବିଆଇ ରିପୋର୍ଟ
## ଦାରିଦ୍ର୍ୟ ହାର ୪.୬%କୁ କମିବ

ନୂଆଦିଲ୍ଲୀ, ୧୧।୬: ୨୦୨୪ରେ ଭାରତର ଦାରିଦ୍ର୍ୟ ହାର ୪.୬ ପ୍ରତିଶତକୁ କମିଯିବ। ୨୦୨୩ରେ ଭାରତର ଦାରିଦ୍ର୍ୟ ହାର ୫.୩ ପ୍ରତିଶତକୁ ହ୍ରାସ ପାଇଥିବା ନେଇ ବିଶ୍ୱବ୍ୟାଙ୍କ ପକ୍ଷରୁ ନିକଟରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଏହି ନୂଆ ଆକଳନ କରାଯାଇଛି। ଷ୍ଟେଟ ବ୍ୟାଙ୍କ ରିପୋର୍ଟରେ ଭାରତ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ଦର୍ଶାଯାଇଛି। ତଥ୍ୟ ସଂଗ୍ରହରେ ନୂଆ ପଦ୍ଧତି ଆପଣାଇବା ଏବଂ ସଂଜ୍ଞାରେ ଅଣାଯାଇଥିବା ପରିବର୍ତ୍ତନର ପ୍ରଭାବ ଦାରିଦ୍ର୍ୟ ହ୍ରାସ ତଥ୍ୟରେ ବହୁମାତ୍ରାରେ ପ୍ରତିଫଳିତ ହୋଇଛି। ନିକଟରେ ଭାରତ ଏହାର ପାରିବାରିକ ଖର୍ଚ୍ଚ ସର୍ଭେ ବା ହାଉସହୋଲ୍ଡ କଞ୍ଜପସନ୍ ଏକ୍ସପେଣ୍ଡିଚର ସର୍ଭେରେ ପରିବର୍ତ୍ତିତ ମିକ୍ସଡ ରିକଲ୍ ପିରିୟଡ୍ (ଏମ୍ଏମ୍ଆର୍‌ପି) କୁ ଗ୍ରହଣ କରିଛି। ପୂର୍ବରୁ ଏଥିପାଇଁ ୟୁନିଫର୍ମ ରେଫରେନ୍ସ ପିରିୟଡ୍ (ୟୁଆର୍‌ପି) ବ୍ୟବହାର କରାଯାଉଥିଲା। ଏହାକୁ ବଦଳାଯାଇଛି। ଏହାଦ୍ୱାରା ପାରିବାରିକ ବ୍ୟୟର ଅଧିକ ସଠିକ୍ ତଥ୍ୟକୁ ସାମିଲ କରାଯାଇ ପାରିଛି। ଏଥିଯୋଗୁ ସର୍ଭେରେ ବ୍ୟୟ ବୃଦ୍ଧି ପାଇଛି ଏବଂ ଦାରିଦ୍ର୍ୟ ହ୍ରାସ ଘଟିଛି। ବିଶ୍ୱବ୍ୟାଙ୍କ ଏବଂ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଦାରିଦ୍ର୍ୟ ଆକଳନ ପ୍ରାୟତଃ ସମାନ ସ୍ତରରେ ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୨-୨୩ ସର୍ଭେରେ ଭାରତର ଦାରିଦ୍ର୍ୟ ହାର ମାତ୍ର ୫.୨୫ ପ୍ରତିଶତ ରହିଛି। ଦୈନିକ ଖର୍ଚ୍ଚ ୩ ଡଲାର ହିସାବରେ ଏହି ଆକଳନ କରାଯାଇଛି। ନିକଟରେ ବିଶ୍ୱବ୍ୟାଙ୍କ ବିଶ୍ୱ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣ ପାଇଁ ଦୈନିକ ଖର୍ଚ୍ଚକୁ ୨୦୨୧ କ୍ରୟଶକ୍ତି ସମତା (ପିପିସି) ଅନୁସାରେ ୩ ଡଲାରକୁ ବଢ଼ାଇଛି। ପୁରୁଣା ୨.୧୫ ଡଲାର ଖର୍ଚ୍ଚ ହିସାବରେ ଆକଳନ କଲେ ଦାରିଦ୍ର୍ୟ ହାର ୨.୩୫%କୁ କମିଯିବ। ଭାରତରେ କ୍ରମାଗତ ଦାରିଦ୍ର୍ୟ ହ୍ରାସର କାରଣ ଗୁଡ଼ିକ ହେଲା ଅର୍ଥନୈତିକ ସଂସ୍କାର, ଗରିବ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ସାମାଜିକ ମଙ୍ଗଳ କାର୍ଯ୍ୟକ୍ରମ ଏବଂ ତଥ୍ୟ ସଂଗ୍ରହ ବ୍ୟବସ୍ଥାରେ ଉନ୍ନତି ବୋଲି କୁହାଯାଇଛି।




# ବିନା ସୁଧରେ ଯୁବବର୍ଗଙ୍କୁ ଋଣ କେବେ ?

ଭୁବନେଶ୍ୱର,୧୧।୬: ଓଡିଶାର ଯୁବ ବର୍ଗଙ୍କୁ ବିନା ସୁଧରେ ୫୦ ପ୍ରତିଶତ ରିହାତି ସହିତ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବାକୁ ବିଜେପି ତାହାର ନିର୍ବାଚନୀ ସଙ୍କଳ୍ପପତ୍ରରେ ବର୍ଷକ ତଳେ ଯେଉଁ ଘୋଷଣା କରିଥିଲା ତାହା ପାଇବାକୁ ଏବେ ବି ବହୁ ବେକାର ଯୁବକ ଯୁବତୀ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଦୀର୍ଘ ଦଶନ୍ଧି ଧରି ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟ ସ୍ଥିତିରେ ଥିବାବେଳେ ଲକ୍ଷାଧିକ ସରକାରୀ ଚାକିରି ଖାଲି ପଡିଛି। ସମସ୍ତ ପଦ ପଦବୀ ପୂରଣ ସହିତ ବେସରକାରୀ ଉଦ୍ୟୋଗରେ ରାଜ୍ୟର ଯୁବବର୍ଗଙ୍କୁ କର୍ମନିଯୁକ୍ତିର ସୁବିଧା ଏବଂ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ଲାଗି ବାରମ୍ବାର ରାଜନେତାମାନେ କହି ଆସୁଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟ ଯୁବନୀତିରେ ସୂଚିତ ତଥ୍ୟ ମୁତାବକ ଯୁବବର୍ଗଙ୍କ ଭିତରେ ନିଶା ରାକ୍ଷାସର ପ୍ରବଳ ଦୌରାତ୍ମ୍ୟ ଯୋଗୁଁ ଓଡିଶାର ବିକାଶ ପାଇଁ ଯୁବକ ଯୁବତୀମାନଙ୍କ ଠାରୁ ଯେତେ ପରିମାଣର ସହଯୋଗ ମିଳିବାକଥା ତାହା ମିଳିପାରୁ ନାହିଁ। ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାବେଳେ ଦରଦାମ ଓ ମଜୁରୀ ବୃଦ୍ଧି, କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ, ଉତ୍ପାଦିତ କୃଷି ସାମଗ୍ରୀର ସଂରକ୍ଷଣ ଓ ବିପଣନ ଲାଗି ଠିକଣା ସୁବିଧା ନଥିବା ଆଦି ବିଭିନ୍ନ କାରଣରୁ ଗାଁ ଗହଳର ଅଧିକାଂଶ ଯୁବକ କୃଷିରୁ ମୁହଁ ଫେରାଉଛନ୍ତି। ଫଳରେ ଅନେକ ଅଞ୍ଚଳରେ ଲକ୍ଷ ଲକ୍ଷ ଏକର ଚାଷଜମି ପଡିଆ ପଡିଛି।



କୃଷି ଓ କୃଷିଭିତ୍ତିକ ଶିଳ୍ପ ପାଇଁ ନିର୍ବାଚନୀ ସଙ୍କଳ୍ପପତ୍ର ତଥା ମୋଦୀ ଗ୍ୟାରେଣ୍ଟିରେ ଯେଉଁସବୁ ଘୋଷଣା କରାଯାଇଛି ତାହା କାର୍ଯ୍ୟକାରୀ ହେଲେ ୨୦୨୯ ସୁଦ୍ଧା ଓଡିଶାକୁ ଏକ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ସହ ଏହାକୁ ଦେଶର ପଞ୍ଚମ ବୃହତ୍ ରପ୍ତାନିକାରୀ ରାଜ୍ୟ ଭାବେ ଗଢି ତୋଳିବା ଲାଗି ଯେଉଁ ସଙ୍କଳ୍ପ ରହିଛି ତାହା ସାକାର ହୋଇପାରେ। ଏଥିଲାଗି ଅଣ୍ଡା, ଦୁଗ୍ଧ, ମାଛ, ମାଂସ, କୁକୁଡା ଆଦି ବ୍ୟବସାୟକୁ ଯୁବ ବର୍ଗ ଆପଣେଇବାପାଇଁ ବାରମ୍ବାର କୁହାଯାଉଛି।

ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ କୃଷି ଓ କୃଷିଶିଳ୍ପର ବିକାଶ ପାଇଁ ବିଜେପି ତାହାର ସଙ୍କଳ୍ପପତ୍ରରେ ଯାହାସବୁ ଘୋଷଣା କରିଥିଲା ତାହାକୁ ଯଦି ଦ୍ୱିତୀୟବର୍ଷ ଶେଷସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯାଏ ତେବେ ଓଡିଶା ପୁଣି ବିକାଶର ଧାରାରେ ଚାଲିପାରିବ। ଇତି ମଧ୍ୟରେ ଧାନର କୁଇଣ୍ଟାଲ ପିଛା କ୍ରୟମୂଲ୍ୟ ପ୍ରତିଶ୍ରୁତି ମୁତାବକ ସରକାର ୩୧୦୦ ଟଙ୍କା ଦେଉଛନ୍ତି। ତେବେ ଧାନ କିଣାବିକାବେଳେ କଟ୍‌ନି ଛଟ୍‌ନି ବ୍ୟବସ୍ଥାର ପରିସମାପ୍ତି ଘଟୁନାହିଁ। ତେଣୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଯାନ୍ତ୍ରିକ କୃଷି ଲାଗି ସରକାର ୮୦ ରୁ ୮୫ ପ୍ରତିଶତ ରିହାତି ବ୍ୟବସ୍ଥା କରିବାପାଇଁ ଯାହା କହିଥିଲେ ତାହା ଏଯାବତ୍ କାର୍ଯ୍ୟକ୍ଷମ ହୋଇନାହିଁ। ଏହାଛଡା ୩୦୦୦ କୋଟି ଟଙ୍କାର କୃଷି ସଂରକ୍ଷଣ କୋଷ ପ୍ରତିଷ୍ଠା ସହ ପ୍ରତି ବ୍ଲକରେ ଖାଦ୍ୟ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର, ମଣ୍ଡି, କୃଷି ସମୃଦ୍ଧି କେନ୍ଦ୍ର, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ରପ୍ତାନି କେନ୍ଦ୍ର ପ୍ରତିଷ୍ଠା ଏବଂ ପ୍ରତି ପଞ୍ଚାୟତରେ କୃଷି ଓ କୃଷିଜାତି ପଦାର୍ଥ ଲାଗି ଗୋଦାମ ବ୍ୟବସ୍ଥା ସହିତ ତୈଳବୀଜ, ଡାଲି, ଝୋଟ, ଆଖୁ, ମିଲେଟ, ଆଳୁ ସମେତ ଅନ୍ୟ ପନିପରିବାର ଉତ୍ପାଦନ ବୃଦ୍ଧି, କୃଷି ଶିଳ୍ପର ବିକାଶ, ଜଳସେଚିତ ଚାଷଜମି ପରିମାଣ ୩ଗୁଣ କରାଇବା, ୩୦୦୦ କୋଟି ଟଙ୍କାର କୃଷି ସଂରକ୍ଷଣ କୋଷ ପ୍ରତିଷ୍ଠା ସଂଗେ ସଂଗେ ପ୍ରତି ବ୍ଲକରେ ଶୀତଳଭଣ୍ଡାର, ମଣ୍ଡି ବ୍ୟବସ୍ଥା, କୃଷି ସମୃଦ୍ଧି କେନ୍ଦ୍ର, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର, ରପ୍ତାନି କେନ୍ଦ୍ର ଆଦି ପ୍ରତିଷ୍ଠା କରାଗଲେ ଚାଷ ପାଇଁ ଯୁବବର୍ଗଙ୍କ ଆଗ୍ରହ ବଢିବ ଏବଂ ଏହା ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବ ବୋଲି ଅର୍ଥନୀତିଜ୍ଞମାନେ କହୁଛନ୍ତି। (ତଥ୍ୟ)




## ଭାରତରେ ଅଛନ୍ତି ୮୫,୦୦୦ରୁ ଅଧିକ କୋଟିପତି

ନୂଆଦିଲ୍ଲୀ,୧୧।୬: ନାଇଟ୍ ଫ୍ରାଙ୍କ ଗ୍ଲୋବାଲ୍ ୱେଲଥ୍ ରିପୋର୍ଟ ୨୦୨୫ ଅନୁଯାୟୀ, ଭାରତ ବିଶ୍ୱରେ ଚତୁର୍ଥ ବୃହତ୍ତମ କୋଟିପତି ବ୍ୟକ୍ତିଙ୍କ (ଏଚଏନଡବ୍ଲ୍ୟୁଆଇଏସ) କେନ୍ଦ୍ର ଭାବେ ଉଭା ହୋଇଛି। ଯେଉଁଠାରେ ୮୫,୬୯୮ ଜଣ ଲୋକଙ୍କର ମୋଟ ସମ୍ପତ୍ତି ୧୦ ମିଲିୟନ ଡଲାରରୁ ଅଧିକ। ଧନୀ ବ୍ୟକ୍ତିଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ବର୍ତ୍ତମାନ କେବଳ ଯୁକ୍ତରାଷ୍ଟ୍ର, ଚାଇନା ଏବଂ ଜାପାନ ପଛରେ ରହିଛି, ଯାହା ବିଶ୍ୱ ଏଚ୍ଏନଡବ୍ଲ୍ୟୁଆଇ ଜନସଂଖ୍ୟାର ୩.୭% ଅଟେ। ରିପୋର୍ଟରେ ଭାରତର ଶକ୍ତିଶାଳୀ ଅର୍ଥନୈତିକ ବୃଦ୍ଧି, ଉଦ୍ୟୋଗୀ କାର୍ଯ୍ୟକଳାପର ବୃଦ୍ଧି ଏବଂ ପୁଞ୍ଜିର ବର୍ଦ୍ଧିତ ପ୍ରବେଶକୁ ବ୍ୟକ୍ତିଗତ ସମ୍ପତ୍ତିର ବୃଦ୍ଧିର ମୁଖ୍ୟ କାରଣ ଭାବେ ଉଲ୍ଲେଖ କରାଯାଇଛି। ନାଇଟ୍ ଫ୍ରାଙ୍କ ରିପୋର୍ଟ ଅନୁଯାୟୀ, ଭାରତର ଡିଜିଟାଲ୍ ଭିତ୍ତିଭୂମି, ବିଶେଷତଃ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗର ବ୍ୟାପକତା, ପୂର୍ବ ଦଶନ୍ଧିଗୁଡ଼ିକ ତୁଳନାରେ ସମ୍ପତ୍ତି ସୃଷ୍ଟିକୁ ଅଧିକ ସୁଲଭ କରିଛି। ରିପୋର୍ଟରେ ଭାରତର ଆରବପତିଙ୍କ ଜନସଂଖ୍ୟାରେ ତୀବ୍ର ବୃଦ୍ଧି ହେଉଛି ବୋଲି ଉଲ୍ଲେଖ କରାଯାଇଛି, ଯାହା ଗତ ବର୍ଷ ମଧ୍ୟରେ ୧୨% ବୃଦ୍ଧି ପାଇଛି। ଭାରତରେ ବର୍ତ୍ତମାନ ୧୯୧ ଜଣ ଆରବପତି ଅଛନ୍ତି, ଯାହା ୨୦୨୩ରେ ୧୬୫ ଥିଲା। ଏହା ମଧ୍ୟରେ ଗୋଟିଏ ବର୍ଷରେ ୨୬ ଜଣ ନୂଆ ଆରବପତି ସୃଷ୍ଟି ହୋଇଛନ୍ତି, ଯାହା ୨୦୧୯ରେ ଯୋଗ ହୋଇଥିବା ୭ ଜଣଙ୍କ ତୁଳନାରେ ଅଧିକ ଦ୍ରୁତ। ଭାରତୀୟ ଆରବପତିମାନେ ବର୍ତ୍ତମାନ ପ୍ରାୟ ୦.୯୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ଅଧିକାରୀ ଅଟନ୍ତି, ଯାହା ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନଠାରୁ ଆଗରେ ଅଛି, ଯଦିଓ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚାଇନାଠାରୁ ପଛରେ। ଭାରତର ଧନୀ ବ୍ୟକ୍ତିମାନେ, ବିଶ୍ୱର ଅନ୍ୟ ଧନୀମାନଙ୍କ ପରି, ରିଅଲ୍ ଇଷ୍ଟେଟକୁ ଅଧିକ ଗୁରୁତ୍ୱ ଦିଅନ୍ତି। ବିଶ୍ୱରେ ଆରବପତିଙ୍କ ସମ୍ପତ୍ତିର ପ୍ରାୟ ୩୦% ରିଅଲ୍ ଇଷ୍ଟେଟରେ ରହିଛି, ଏବଂ ଏହି ପ୍ରବୃତ୍ତି ଭାରତରେ ବିଶେଷ ଭାବେ ଶକ୍ତିଶାଳୀ, ଯେଉଁଠାରେ ସମ୍ପତ୍ତିକୁ ସାମାଜିକ ମର୍ଯ୍ୟାଦା ଏବଂ ସ୍ଥିରତାର ପ୍ରତୀକ ଭାବେ ଦେଖାଯାଏ। ଭାରତୀୟ ଏଚ୍ଏନଡବ୍ଲ୍ୟୁଆଇମାନେ ଦୁବାଇ, ଲଣ୍ଡନ ଏବଂ ସିଙ୍ଗାପୁର ଭଳି ବିଦେଶୀ ବଜାରରେ ମଧ୍ୟ ବିନିଯୋଗ କରିବାକୁ ଆଗ୍ରହୀ। ରିପୋର୍ଟ ଅନୁଯାୟୀ, ଭାରତର ଧନୀ ବ୍ୟକ୍ତିଙ୍କ ଜନସଂଖ୍ୟା ୨୦୨୮ ସୁଦ୍ଧା ୪୩% ବୃଦ୍ଧି ପାଇ ଆନୁମାନିକ ୧୨୨,୧୧୯ ବ୍ୟକ୍ତିଙ୍କୁ ଛୁଇଁବ।

## ଏବେ ଟ୍ରେନ୍ ଯାତ୍ରା ଆରମ୍ଭ ହେବାର ୨୪ ଘଣ୍ଟା ପୂର୍ବରୁ ସିଟ୍ କନଫର୍ମେଶନ ଅପଡେଟ୍

ନୂଆଦିଲ୍ଲୀ, ୧୧।୬: ଏବେ ୪ ନୁହେଁ ୨୪ ଘଣ୍ଟା ପୂର୍ବରୁ ଜଣାପଡିବ ଆପଣଙ୍କ ଟ୍ରେନ ଟିକେଟ କନଫର୍ମ ହେଲା ନା ନାହିଁ। ହଁ ଆଜ୍ଞା ଏବେ ଆପଣଙ୍କୁ ଆପଣଙ୍କର ୱେଟିଂ ଟିକେଟ୍ କନଫର୍ମ ହେବ କି ନାହିଁ ଜାଣିବା ପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବନି। ରେଳବାଇ ଟିକେଟ୍ ସହ ଜଡିତ ଏକ ବଡ଼ ନିୟମ ପରିବର୍ତ୍ତନ କରିବାକୁ ଯାଉଛି। ଏବେ ଆପଣ ୪ ଘଣ୍ଟା ନୁହେଁ ଗୋଟିଏ ଦିନ ପୂର୍ବରୁ ଆପଣଙ୍କର ୱେଟିଂ ଟିକେଟ୍ କନଫର୍ମେଶନ ହୋଇଛି ନା ନାହିଁ ସେ ବିଷୟରେ ଜାଣିପାରିବେ। ଟ୍ରେନରେ ଯାତ୍ରା କରୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ ଆସିଗଲା ଖୁସି ଖବର। ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ତରଫରୁ ଅନେକ ନୂଆ ନୂଆ ନିୟମ ସବୁ ଆସୁଛି। ଆଉ ଖାସ୍ ଏହି କାରଣରୁ ଲୋକେ ଲମ୍ବା ଯାତ୍ରା ପାଇଁ ଟ୍ରେନକୁ ପ୍ରାଧାନ୍ୟ ଦେଉଛନ୍ତି। ସେଥିପାଇଁ ତ ଭାରତୀୟ ରେଳବାଇକୁ ଦୁନିଆର ସବୁଠାରୁ ବଡ ରେଳ ନେଟଓ୍ୱର୍କ ମଧ୍ୟରୁ ଗୋଟିଏ ବୋଲି ଧରାଯାଏ। ଯେତେବେଳେ ବି ବଜେଟ ଫ୍ରେଣ୍ଡଲି ତଥା ଆରାମଦାୟକ ଯାତ୍ରା କଥା ଆସେ ଭାରତୀୟ ରେଳବାଇକୁ ସବୁଠାରୁ ନିର୍ଭରଯୋଗ୍ୟ ବୋଲି ବିବେଚନା କରାଯାଏ। ଏବେ ଭାରତୀୟ ରେଳବାଇ ନିଜ ଯାତ୍ରୀଙ୍କ ସୁବିଧା ପାଇଁ ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛି। ଏପର୍ଯ୍ୟନ୍ତ ଆପଣଙ୍କୁ ଟ୍ରେନ ଛାଡିବାର ମାତ୍ର ଚାରି ଘଣ୍ଟା ପୂର୍ବରୁ ଜଣାପଡୁଥିଲା ଯେ ଆପଣଙ୍କର ଟିକେଟ କନଫର୍ମ ହୋଇଛି କି ନାହିଁ। କିନ୍ତୁ ରିପୋର୍ଟ ଅନୁସାରେ, ଏବେ ରେଳବାଇ ଏକ ନୂତନ ବ୍ୟବସ୍ଥା ଉପରେ କାମ କରୁଛି ଯାହା ଅଧୀନରେ କନଫର୍ମ ସିଟ୍ ସହିତ ଚାର୍ଟ ୨୪ ଘଣ୍ଟା ଅର୍ଥାତ ପୁରା ଗୋଟିଏ ଦିନ ପୂର୍ବରୁ ଜାରି କରାଯିବ।



# ଭାରତରେ ଖୁବ୍ ଶୀଘ୍ର ଲଞ୍ଚ ହେବ ହୁଣ୍ଡାଇ ବେୟନ ଏସୟୁଭି

ଭାରତରେ ଏସୟୁଭି ସେଗମେଣ୍ଟରେ ପ୍ରତିଯୋଗିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ହୁଣ୍ଡାଇ ଏହାର ପରବର୍ତ୍ତୀ କ୍ରସଓଭର ଏସୟୁଭି ବେୟନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଅନେକ ଅନ୍ତର୍ଜାତୀୟ ବଜାରରେ ପୂର୍ବରୁ ଉପଲବ୍ଧ, ଏହି ଏସୟୁଭି ଏବେ ୨୦୨୬ ମଧ୍ୟଭାଗ ସୁଦ୍ଧା ଭାରତରେ ଲଞ୍ଚ କରାଯାଇପାରିବ। ହୁଣ୍ଡାଇ ବେୟନ ବିଶେଷ ଭାବରେ ସେହି ଗ୍ରାହକମାନଙ୍କୁ ଟାର୍ଗେଟ କରିବ ଯେଉଁମାନେ ଟେକ୍ନୋଲୋଜୀ, ପରଫରମର୍ସ ଏବଂ ପ୍ରିମିୟମ୍ ଲୁକ୍ ସହିତ ଏକ କମ୍ପାକ୍ଟ ଏସୟୁଭି କିଣିବାକୁ ଚାହୁଁଛନ୍ତି। ହୁଣ୍ଡାଇ ବେୟନ ଭାରତରେ ଅନ୍ତର୍ଜାତୀୟ ଭାରିଆଣ୍ଟ ପରି ଏକ ଫିଚର୍-ଲୋଡେଡ୍ ଏସୟୁଭି ଭାବରେ ଉପସ୍ଥାପନ କରାଯାଇପାରିବ। ଯେଉଁଥିରେ ମର୍ଡନ ଟେକ୍ନୋଲୋଜି, ପ୍ରିମିୟମ୍ ସେଫ୍ଟି ଏବଂ ଉତ୍ତମ କନେକ୍ଟିଭିଟିର ଫିଚର୍ସ ରହିବାର ସମ୍ଭାବନା ଅଛି। ଏହି ଏସୟୁଭିରେ ୧୦.୨୫-ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍ ଏବଂ ୧୦.୨୫-ଇଞ୍ଚ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ମିଳିପାରିବ। ଯାହା ଡ୍ରାଇଭରଙ୍କୁ ଗ୍ରାଫିକ୍ସ ସହିତ ସମସ୍ତ ଆବଶ୍ୟକୀୟ ସୂଚନା ଦେବ। ଏହା ବ୍ୟତୀତ, ଏଥିରେ ବୋସ୍ ପ୍ରିମିୟମ୍ ସାଉଣ୍ଡ ସିଷ୍ଟମ୍, ୱାୟାରଲେସ୍ ଚାର୍ଜର ଏବଂ ମଲ୍ଟିପଲ୍ ୟୁଏସବି ପୋର୍ଟ ଭଳି ଫିଚର୍ସ ମଧ୍ୟ ଉପଲବ୍ଧ ହୋଇପାରିବ। କନେକ୍ଟେଡ୍ କାର୍ ଟେକ୍ନୋଲୋଜି, କ୍ରୁଜ୍ କଣ୍ଟ୍ରୋଲ୍ ଏବଂ ଡ୍ରାଇଭିଂ ମୋଡ୍ ଏହାକୁ ସ୍ମାର୍ଟ ଏବଂ ସୁବିଧାଜନକ କରିଥାଏ। ବେୟନ ଫୁଲ୍ ଏଲଇଡି ଲାଇଟିଂ, ଆମ୍ବିଏଣ୍ଟ ଲାଇଟ୍, ସନରୁଫ୍ ଏବଂ ରିୟର ଭ୍ୟୁ କ୍ୟାମେରା ଭଳି ଏକ୍ସଟେରିୟର ଏବଂ ଇଣ୍ଟେରିୟର ଏଲିମେଣ୍ଟ ପାଇବାର ଆଶା କରାଯାଉଛି। ସେଫ୍ଟି ଦୃଷ୍ଟିରୁ, ଏହି ଏସୟୁଭି ଛଅଟି ଏୟାରବ୍ୟାଗ୍, ଏବିଏସ, ଇବିଡି, ଆଇଏସଡ, ଆଇଏସଡଏଫଆଇଏକ୍ସ ଚାଇଲ୍ଡ ସିଟ୍ ଆଙ୍କରେଜ୍, ଏଡିଏଏସ ଲେଭଲ ସେଫ୍ଟି ଫିଚର୍ସ ଏବଂ ଇକଲ୍ ଭଳି ଉନ୍ନତ ସିଷ୍ଟମ୍ ସହିତ ଆସିପାରିବ। ଇଞ୍ଜିନ୍ ସ୍ପେସିଫିକେସନ୍ ବିଷୟରେ କହିବାକୁ ଗଲେ, ହୁଣ୍ଡାଇ ବେୟନ କୁ ଭାରତରେ ୧.୦ ଲିଟର, ୩-ସିଲିଣ୍ଡର ଟର୍ବୋ ପେଟ୍ରୋଲ୍ ଇଞ୍ଜିନ୍ ଦିଆଯାଇପାରେ। ଯାହା ପ୍ରାୟ ୧୦୦ ପିଏସ ପାୱାର ଏବଂ ୨୦୦ଏନଏମ ଟର୍କ ଜେନେରେଟ୍ କରିବ। ଏହି ଇଞ୍ଜିନରେ ୬-ସ୍ପିଡ୍ ମାନୁଆଲ୍ ଏବଂ ୭-ସ୍ପିଡ୍ ଡୁଆଲ୍ କ୍ଲଚ୍ ଟ୍ରାନ୍ସମିସନ୍ (ଡିସିଟି) ର ଅପ୍ସନ ମଧ୍ୟ ରହିପାରିବ। ଯାହା ଏହାକୁ ଟ୍ରାଫିକ୍ ଏବଂ ହାଇୱେ ଉଭୟ ପାଇଁ ଏକ ପାୱାରଫୁଲ୍ ଡ୍ରାଇଭିଂ ଏକ୍ସପେରିୟନ୍ସ ପ୍ରଦାନ କରିପାରିବ। ଏହାର ଆନୁମାନିକ ଟପ୍ ସ୍ପିଡ୍ ୧୭୮ କିମି/ଘଣ୍ଟା ହୋଇପାରେ।



ହୁଣ୍ଡାଇ ବେୟନର ଡାଇମେସନ୍ କମ୍ପାକ୍ଟ ଏସୟୁଭି ସେଗମେଣ୍ଟ ସହିତ ସମାନ ହେବ। ଏହାର ଲମ୍ବ ପ୍ରାୟ ୪୧୮୦ଏମଏମ, ପ୍ରସ୍ଥ ୧୭୭୫ ଏମଏମ, ଉଚ୍ଚତା ୧୫୦୦ଏମଏମ ଏବଂ ଚକବେସ୍ ୨୫୮୦ଏମଏମ ହେବ। ଏହାର ଫ୍ୟୁଏଲ୍ ଟ୍ୟାଙ୍କ୍ ପାୱାର ୪୦ ଲିଟର ହେବ, ଏବଂ ବୁଟ୍ ସ୍ପେସ୍ ପ୍ରାୟ ୪୧୧ ଲିଟର ହେବ ବୋଲି ଆଶା କରାଯାଉଛି। ଏହି ଏସୟୁଭିର ଇଣ୍ଟେରିୟରରେ ସ୍ପୋର୍ଟି ଡାର୍କ ଥିମ୍ ଇଣ୍ଟେରିୟର ଏବଂ ୧୬-୧୭ ଇଞ୍ଚ ଆଲୟ ହୁଇଲ୍ ବେୟନକୁ ଏକ ପ୍ରିମିୟମ୍ ଏବଂ ମର୍ଡନ୍ ଲୁକ୍ ଦେବ। ହୁଣ୍ଡାଇ ବେୟନର ଏକ୍ସ-ଶୋରୁମ୍ ମୂଲ୍ୟ ୮ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ହୋଇପାରେ। ଯାହା ଏହାକୁ ଭାରତରେ ଏକ ବଜେଟ୍-ଫ୍ରେଣ୍ଡଲି ପ୍ରିମିୟମ୍ ଏସୟୁଭି ଅପ୍ସନ୍ କରିଥାଏ। ଏହା ୨୦୨୬ ମଧ୍ୟଭାଗ ସୁଦ୍ଧା ଲଞ୍ଚ ହେବାର ଆଶା କରାଯାଉଛି ଏବଂ ହୁଣ୍ଡାଇ ଏହାକୁ ବିଶେଷକରି ପ୍ରଥମ ଥର ପାଇଁ କାର କିଣୁଥିବା ଯୁବପିଢ଼ି, ସହରାଞ୍ଚଳ ପରିବାର ଏବଂ ଟେକ୍ନୋଲୋଜି-ଫ୍ରେଣ୍ଡଲି ଗ୍ରାହକମାନଙ୍କୁ ଧ୍ୟାନରେ ରଖି ଆଣିପାରେ।

## ଆଜିର ସୁନା/ରୁପା ଦର



ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୪୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୮୦ ଓ ୮୯, ୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୯ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଭିଟା ମାଟି ସୁରକ୍ଷା କମିଟିର

# ବନ୍ଦର ବିରୋଧୀ ବିଶାଳ ଜନ ସଂକଳ୍ପ ସଭା

**ବାଲିଆପାଳ,୧୧।୬(ସଂଚାର ବ୍ୟୁରୋ):** ବାଲିଆପାଳ ଉପକୂଳ ଭିଟା ମାଟି ସୁରକ୍ଷା କମିଟି ପକ୍ଷରୁ ମଙ୍ଗଳବାର ଅଳାଡିହା ପଞ୍ଚାୟତ ବାଲିବିଲ ହାଟ ପଡିଆରେ ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଜନ ଆନ୍ଦୋଳନର ୪୦ ବର୍ଷର ପୂର୍ତ୍ତି ଉତ୍ସବ ଓ ଚୌମୁଖ ବନ୍ଦର ବିରୋଧୀ ବିଶାଳ ଜନ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟ ଗବେଷକ ନେତାଜୀଙ୍କ ସୁବାସ ଚନ୍ଦ୍ର ବୋଷଙ୍କ ଅଣନାତି ଅଭିଜିତ ବୋଷ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗଣତାନ୍ତ୍ରିକ ସରକାରର ଜନ ବିରୋଧୀ ପ୍ରକଳ୍ପର ସ୍ଥାନ ନାହିଁ ବୋଲି କହିଥିଲେ। ସ୍ୱର୍ଣ୍ଣପ୍ରସୁ ଉର୍ବର ମାଟିରେ ବନ୍ଦର ହେବା ବିଡମ୍ବନା ବୋଲି ସେ ମଧ୍ୟ କହିଛନ୍ତି । ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ପରିବେଶବିତ ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ କୁମାର ସାମନ୍ତରା ଯୋଗ ଦେଇ ବନ୍ଦର ଦ୍ୱାରା ସରକାର ବାଲିଆପାଳର ବିଶେଷ କରି ସମୁଦ୍ର ଉପକୂଳର ପ୍ରାକୃତିକ ବିଭବକୁ ଭରା ଅଂଚଳକୁ ଧ୍ୱଂସ କରିବା ଅକ୍ଷମଣୀୟ। ଲୋକେ ଏହାକୁ ବିରୋଧ କରିବା ଯଥାର୍ଥ ବୋଲି ସେ ମଧ୍ୟ କହିଥିଲେ । ୧୭ ଜନ ଶୁଣାଣି କମ୍ପାନୀ ସପକ୍ଷରେ ଗଲେ ବାଧ୍ୟ ହୋଇ ଏନ ଜି ଟି କୁ ଯିବା ଦରକାର ବୋଲି ସେ ମଧ୍ୟ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ବାମ ପନ୍ଥୀ ନେତାଶିଶିର ହୁଇ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ମନୋଜ କୁମାର ନାୟକ, ବିଧାନ ଚନ୍ଦ୍ର ରାୟ, ପ୍ରବୀଣା ରାୟ, ଜିଲ୍ଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି, ବିଜନ କୁମାର ନାୟକ, ସି ପି ଆଇ ନେତା ଗୌରାଙ୍ଗ ପାଣିଗ୍ରାହୀ, ଅନୁଜ କୁମାର ମହାପାତ୍ର, କୁଶ ଧ୍ୱଜ ଜେନା,ଅଜୟ କୁମାର ପାତ୍ର, ହୃଷିକେଶ ପଣ୍ଡା, ତୁଷାର ମହାପାତ୍ର, ମୃତ୍ୟୁଞ୍ଜୟ ରାଉତ, ଯତୀନ୍ଦ୍ର ନାଥ କୁହ୍ଲାରୀ, ସରପଂଚ ମମତା କୁହ୍ଲାରୀ, କୁମୁଦ ରଞ୍ଜନ ଗିରି, ଜୟ କୃଷ୍ଣ ଜେନା ପ୍ରମୁଖ ଯୋଗ ଦେଇ ଚୌମୁଖ ଠାରେ କୌଣସି ପରିସ୍ଥିତି ରେ ବନ୍ଦର କରାଇ ଦିଆ ଯିବ ନାହିଁ ବୋଲି କହିଥିଲେ । ପର୍ଯ୍ୟଟନ ବିକାଶ ନାଁ ରେ ବନ୍ଦର ନିର୍ମାଣ କୁ ସରକାର ପ୍ରୋତ୍ସାହନ ଦେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ମଧ୍ୟ କହି ଥିଲେ । ଭିଟା ମାଟି ସୁରକ୍ଷା କମିଟି ର ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ ସଭାରେ ପୌରହିତ୍ୟ କରିଥିବା ବେଳେ କମିଟିର ଆବାହକ ଅରୁଣ ଜେନା ସଭା ପରିଚାଳନା କରିଥିଲେ । ସଂଗ୍ରାମୀ ଯୁବ ନେତା ତୀର୍ଥ କୁମାର ନାଗ ଅତିଥି ମାନଙ୍କୁ ମଂଚକୁ ଆହ୍ୱାନ କରିଥିଲେ । ଅତିଥି ମାନେ ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଜନ ଆନ୍ଦୋଳନ ର ମଧ୍ୟ ସ୍ମୃତି ଚରଣ କରିଥିଲେ ।




# ଦେବ ସ୍ନାନ ପୂର୍ଣ୍ଣିମା ପାଳିତ



**ହିଞ୍ଜିଳିକାଟୁ,୧୧।୬(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବଇଅବଣିଆ ପାବନ ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉ ମାନଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି, ବଲ୍ଲଭ ଭୋଗ , ଦ୍ୱାରପାଳ ପୂଜା ଓ ଅନ୍ୟାନ ନିତ୍ୟ ସେବା ଆରମ୍ଭ କରାଯାଇଥିଲା ଓ ଦିନ ସାଢେ ୧୧ଟାରେ ବାଦ୍ୟ ବାଜଣା , ଶଙ୍ଖ ଧ୍ୱନି , ହୁଳହୁଳିରେ ଶ୍ରୀଜିଉ ମାନଙ୍କ ପହଣ୍ଡି କରାଯାଇ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା ସୁବାସିତ ଜଳ , ପ୍ରଭୁ ବଳଭଦ୍ରଙ୍କୁ ୩୩ ଗରା ଏବଂ ଦେବୀ ସୁଭଦ୍ରାଙ୍କୁ ୨୨ ଗରା ଏବଂ ଚକ୍ରରାଜ ପ୍ରଭୁ ଶ୍ରୀ ସୁଦର୍ଶନଙ୍କୁ ୧୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିବା ପରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ।

## ଖୁଣ୍ଟାପୁର , ପଦ୍ମପୁର, କାଞ୍ଚି ମଠରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଉତ୍ସବ ପାଳିତ



**ବୈଶିଙ୍ଗା,୧୧।୬(ସଂଚାର ବ୍ୟୁରୋ):** ଜଗତର ନାଥ ଜଗନ୍ନାଥଙ୍କ ପାଇଁ ଆଜି 'ଜଗନ୍ନାଥ ଧାମ' ବିଶ୍ୱ ବିଖ୍ୟାତ। ବର୍ଷର ଗୋଟିଏ ଦିନ ଆଜି ସ୍ନାନପୂର୍ଣ୍ଣିମାରେ ଜଗନ୍ନାଥ, ବଡଭାଇ ବଳଭଦ୍ର,ଭଉଣୀ ସୁଭଦ୍ରା, ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିର ବାହାରକୁ ଆସି ସ୍ନାନବେଦୀ ରେ ୧୦୮ କୁମ୍ଭ ଜଳରେ ସ୍ନାନ କରିଥାନ୍ତି। ସାରା ଦେଶ ବିଦେଶ ତଥା ପୁରପଲ୍ଲୀରେ ସ୍ନାନ ଉତ୍ସବ ପାଳିତ ହେଉଛି । ଏହି ପରି ପେକ୍ଷୀରେ ବୈଶିଙ୍ଗା ନିକଟସ୍ଥ ଖୁଣ୍ଟା ପୁର ଜଗନ୍ନାଥ ମନ୍ଦିରରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମନ୍ଦିରର ପୂଜକ ପର୍ଶୁରାମ ଆଚାର୍ଯ୍ୟ ପ୍ରଥମେ ସ୍ନାନ ମଣ୍ଡପକୁ ଶୁଦ୍ଧପୂତ କରିବା ପରେ ଗ୍ରାମବାସୀ ସଂକୀର୍ତ୍ତନ ମଣ୍ଡଳୀ ସହିତ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ପହଣ୍ଡିରେ ସ୍ନାନମଣ୍ଡପକୁ ଆଣି ଥିଲେ।ଶହ ଶହ ଶ୍ରଦ୍ଧାଳୁ ଏହି ସ୍ନାନ ଉତ୍ସବରେ ଯୋଗ ଦେଇଥିବା ବେଳେ ମୂଖ୍ୟତ ସନ୍ତୋଷ ବେହେରା, ବୈକୁଣ୍ଠ ନାଥ,ବେଣୁଧର ନାଥ, ଅନନ୍ତ ନାଥ, କାର୍ତ୍ତିକ ବେହେରା, ଗଣେଶ୍ୱର ବେହେରା ପ୍ରମୂଖ ସହଯୋଗ କରିଥିଲେ । ସେହିପରି ବୈଶିଙ୍ଗା ନିକଟସ୍ଥ ପଦ୍ମପୁର ଜଗନ୍ନାଥ ମନ୍ଦିର ରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳମା ପଞ୍ଚାୟତର କାଞ୍ଚି ମଠରେ ଶ୍ରୀଜଗନ୍ନାଥ ଙ୍କ ସ୍ନାନଯାତ୍ରା ଯଥା ରୀତି ନୀତି ଅନୁଯାଇ ମଠ ପରିଚାଳକ ଙ୍କ ସହଯୋଗରେ ଅନୁଷ୍ଠିତ ହୋଇ ଥିବାର ଜଣାଯାଇଛି। ଏହି ମଠ ଟି ଦେବୋତ୍ତର ବିଭାଗ ଅଧୀନରେ ପରିଚାଳିତ ହେଉଥିବାରୁ ପୂର୍ବ ପରି ଆଉ ସେ ଜାକ ଜମକରେ ସମସ୍ତ ପର୍ବ ପାଳନ ହେଉ ନ ଥିବାର ଭକ୍ତମାନେ ପ୍ରକାଶ କରିଛନ୍ତି ।

## ୫୮ ବର୍ଷ ବୟସ୍କା ମହିଳା ନିଖୋଜ



**ବାଲିପାଟଣା,୧୧।୬(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅନ୍ତର୍ଗତ ମହୁଖଣ୍ଡା ଗ୍ରାମର ପୁର୍ଣ୍ଣଚନ୍ଦ୍ର ବେହେରାଙ୍କ ପତ୍ନୀ କାଞ୍ଚନ ବେହେରା(୫୮) ଗତ ସୋମବାର ସକାଳୁ ଘରୁ କେଉଁଆଡେ ଚାଲି ଯାଇଛନ୍ତି।ସେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀ ଯିବାକୁ ଅଳି କରୁଥିଲେ ବୋଲି ପୁରୀ ରେ ଥିବା ଅନୁମାନ କରାଯାଉଛି।ଗଲାବେଳେ ସବୁଜ ରଙ୍ଗର ସୂତା ଶାଢୀ ପିନ୍ଧିଥିଲେ। ଏ ନେଇ ଆଜି ମହିଳାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ବେହେରା ବାଲିପାଟଣା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ମହିଳାଙ୍କ ସମ୍ପର୍କରେ କେହି କିଛି ସୂଚନା ପାଆନ୍ତି ତେବେ ନିମ୍ନ ଲିଖିତ ଫୋନ ନମ୍ବର ରେ୮୬୫୮୩୩୪୧୫୭, ୮୨୬୦୮୯୩୮୮୨, ୮୨୬୦୮୯୩୮୮୨ ଯୋଗାଯୋଗ କରିବାକୁ କାଞ୍ଚନ ବେହେରା ଙ୍କ ନାତୁଣୀ ରାଜଲକ୍ଷ୍ମୀ ଜେନା ବିନମ୍ର ଅନୁରୋଧ କରିଚନ୍ତି।

## ମଶା ଭଣଭଣ, ଧୂଆଁ ଗାଡ଼ି ବୁଲିବ କେବେ ?



**ହିଞ୍ଜିଳିକାଟୁ,୧୧।୬(ସଂଚାର ବ୍ୟୁରୋ):** ହିଂଜିଳିକାଟୁ ସହରରେ ଏବେ ମଶା ଭଣଭଣ। ସେ ଦିନ ହେଉ ଅବା ରାତି,ନିସ୍ତାର ନାହିଁ । ମଶା ଧୂପ ବା ଲିକ୍ୱିଡ଼ କାମ ଦେଉନାହିଁ । ସହରରେ ମଶାଙ୍କ ପ୍ରାଦୁର୍ଭାବ ଦେଖିଲେ ମଶା ଧୂଆଁ ଯୋଜନାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଆଉ ଏଭଳି ସ୍ଥିତିରେ ହିଂଜିଳିକାଟୁ ମୁନିସିପାଲିଟି କୌଣସି ଠୋସ୍ ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି । ମାସକୁ ଥରେ ମନେ ପଡ଼ିଲେ କା ଭାଁ ମଶା ଧୂଆଁ ଗାଡ଼ି ବାହାରୁଛି, ସେପଟେ ଗାଡ଼ି ବୁଲୁଛି କହି ଦାୟିତ୍ୱ ସାରିଦେଉଛି ପୌରପରିଷଦ। ମଶାଙ୍କ ଉତ୍ପାତକୁ ନେଇ ଲୋକେ ଅତିଷ୍ଠ ହେଲେଣି । ଦୀର୍ଘ ଦିନ ଧରି ଡ୍ରେନ ସଫେଇ ହେଉ ନାହିଁ କି ଡ୍ରେନ ଗୁଡିକରେ କେମିକାଲ ମିଶ୍ରିତ ଲାର୍ଭା କିଲର ପକାଯାଉ ନାହିଁ ।ଯାହା ଫଳରେ ଆଗାମୀ ଦିନରେ ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି । ତେବେ ସହରରେ ମଶାଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି।

## ସିପିଆଇ କମିଟି ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଦାବୀପତ୍ର ପ୍ରଦାନ

**ନୀଳଗିରି,୧୧।୬(ସଂଚାର ବ୍ୟୁରୋ):** ନୀଳଗିରି ଏନଏସି ରେ ଗତ ସେପ୍ଟେମ୍ବର ୨୦୨୪ ରେ ଚେୟାରମ୍ୟାନ ଆସ୍ଥା ଭୋଟ ରେ ହାରିବା ପରେ ବର୍ତ୍ତମାନ ନୀଳଗିରି ଏନଏସି ରେ ଚେୟାରମ୍ୟାନ ପଦପୀ ଫାଙ୍କା ପଡିଛି। ଫଳରେ ଏନଏସି ର ଉନ୍ନତି ପାଇଁ କୌଣସି କାର୍ଯ୍ୟ ହୋଇ ପାରୁ ନାହିଁ। ନିର୍ବାଚନ ଆଇନ୍ ଅନୁସାରେ, ଯେଉଁଠାରେ ଲୋକ ପ୍ରତିନିଧି ଆସ୍ଥା ଭୋଟ ରେ ହାରିବା କିମ୍ବା ମୃତ୍ୟୁ ବରଣ ରେ ପଦପୀ ଫାଙ୍କା ହେବ, ସେଠାରେ ଛ ମାସ ଭିତରେ ନିର୍ବାଚନ ହେବା ପାଇଁ ନିର୍ବାଚନ କମିଶନର ପଦକ୍ଷେପ ନେବା କଥା । କିନ୍ତୁ ନୀଳଗିରି ଏନଏସି କ୍ଷେତ୍ର ରେ ବ୍ୟତିକ୍ରମ ଦେଖାଦେଇଛି । ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ନିର୍ବାଚନ ନ କରି ନୀଳଗିରି ଲୋକଙ୍କୁ ଭୁଡେଇ ବାକୁ ଚାହୁଁଛି। ଏହାକୁ ପ୍ରତିବାଦ କରି ନୀଳଗିରି ଏନଏସି ରେ ଯାଥା ଶୀଘ୍ର ନିର୍ବାଚନ କରିବା ପାଇଁ ସିପିଆଇ (ଏମ)ନୀଳଗିରି ଆଂଚଳିକ କମିଟି ତରଫରୁ ଦଳର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନର ଙ୍କୁ ଦାବିପତ୍ର ଦିଆଯାଇଛି ।

## ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା



**ବୈଶିଙ୍ଗା,୧୧।୬(ସଂଚାର ବ୍ୟୁରୋ):** ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱ ରେ ମେର୍ଦ୍ଧା ପଞ୍ଚାୟତର ରେଣ୍ଟାସାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଧନା ସଭାରେ ୩୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ଧାନୀ କିସ୍କୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ , ସମାଜସେବୀ ଚକ୍ରଧର ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାର ମହତ୍ତ୍ୱ ସମ୍ପର୍କ ରେ ଉପଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ମନୋରଞ୍ଜନ ସିଂହ ଯୋଗଦେଇ ନୈତିକ ଶିକ୍ଷା ବିଷୟରେ ଗୁରୁତ୍ତ୍ୱ ଦେଇଥିଲେ , ଅନ୍ୟତମ ଅତିଥି ଭାବରେ ବିକାଶ ପରିଷଦର ଉପଦେଷ୍ଟା ଶ୍ରୀଯୁକ୍ତ ଚକ୍ରଧର ଆଚାର୍ଯ୍ୟ ଯୋଗଦେଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ୍ ଦେଇ ସଭାସାଙ୍ଗ କରିଥିଲେ ।

## ପାତାଳୀ ଶ୍ରୀକ୍ଷେତ୍ରରେ ଧୁମଧାମରେ ପାଳିତ ହେଲା ଦେବସ୍ନାନ ପୂର୍ଣ୍ଣିମା



**ସୁବର୍ଣ୍ଣପୁର,୧୧।୬(ସଂଚାର ବ୍ୟୁରୋ):** ପାତାଳୀ ଶ୍ରୀକ୍ଷେତ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଆଦ୍ୟ ଲୀଳା କ୍ଷେତ୍ର ପାତାଳୀ ଶ୍ରୀକ୍ଷେତ୍ର କୋଟ ସମଲାଇ ଠାରେ ଆଜି ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ତଥା ଦେବସ୍ନାନ ପୂର୍ଣ୍ଣିମା ଅବସରରେ ନିର୍ଦ୍ଧାରିତ ରୀତିନୀତି ଅନୁସାରେ ମହାପ୍ରଭୁ ଙ୍କ ର ମହା ଦିବ୍ୟ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅଦ୍ୟ ସକାଳ ୫ ଟା ରେ ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ପରେ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ତାପରେ ଚତୁର୍ଦ୍ଧା ଦାରୁବିଗ୍ରହ ଙ୍କୁ ରତ୍ନ ସିଂହାସନ ରୁ ଅବତରଣ କରାଯାଇଥିଲା। ତାପରେ ସକାଳ ୮ ଟା ରେ ମଙ୍ଗଳାର୍ପଣ ଓ ବେଶ କରାଯାଇଥିଲା। ତାପରେ ଶ୍ରୀଜୀଉ ମାନଙ୍କୁ ଧାଡ଼ି ପହଣ୍ଡି ରେ ସ୍ନାନ ବେଦୀ କୁ ବିଜେ କରାଯାଇଥିଲା। ପୂର୍ବରୁ ରୀତି ନୀତି ଅନୁସାରେ ପାହାଡ ପାଦ ଦେଶ ରେ ଥିବା ସୁନା କୂଅ ରୁ ଅଣାଯାଇଥିବା ପବିତ୍ର ଜଳ କୁ ଚନ୍ଦନ, ଅଗୁରୁ, କର୍ପୁର , କେଶର ଆଦି ଦିବ୍ୟ ସୁବାସିତ ପଦାର୍ଥ ଦେଇ ମନ୍ତ୍ରପୂତ କରାଯାଇଥିଲା। ପୂଜାର୍ଚ୍ଚନା ପରେ ଶ୍ରୀ ବଳଭଦ୍ର ଙ୍କୁ ୩୩, ଶ୍ରୀ ଜଗନ୍ନାଥ ଙ୍କୁ ୩୫, ଦେବୀ ସୁଭଦ୍ରା ଙ୍କୁ ୨୨ ଏବଂ ଶ୍ରୀ ସୁଦର୍ଶନ ଙ୍କୁ ୧୮ ରୂପା ପୂର୍ଣ୍ଣ କୁମ୍ଭ ଜଳ ରେ ମହାସ୍ନାନ କରାଯାଇଥିଲା। ତାପରେ ଶ୍ରୀଜୀଉ ମାନଙ୍କର ଦିବ୍ୟ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଭୋଗ, ଆଳତୀ ପୂଜାର୍ଚ୍ଚନା ପରେ ଏହି ଦିବ୍ୟ ଦୁର୍ଲଭ ବେଶ କୁ ଭକ୍ତଜନ ଦର୍ଶନ କରିଥିଲେ। ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ର ବ୍ୟବସ୍ଥା କରାଯାଇଥିଲା।ତାପରେ ଶ୍ରୀଜୀଉ ମାନଙ୍କର ଅଣସର ବିଜେ କରାଯାଇଥିଲା। ପ୍ରକାଶ ଥାଉ କି ଆଜି ଠାରୁ ମହାପ୍ରଭୁ ଙ୍କ ଶ୍ରୀମୁଖ ଦର୍ଶନ ନିଷେଧ ଅଛି। କାର୍ଯ୍ୟକ୍ରମ ରେ ସେବାୟତ ସଂଘ ର ସଭାପତି ଗୋପାଳ ପଣ୍ଡା ଙ୍କ ନେତୃତ୍ୱ ରେ ସମସ୍ତ ସେବାୟତ ରୀତି ନୀତି ରେ ସହଯୋଗ କରିଥିଲେ। ପୂଜା କାର୍ଯ୍ୟ ପଣ୍ଡିତ ବିଶ୍ୱେଶ୍ୱର୍ ପାଢ଼ୀ, ଗୁଣାକର ପଣ୍ଡା ସମ୍ପାଦନ କରିଥିବା ବେଳେ ଯଜ୍ଞାଚାର୍ଯ୍ୟ ପଣ୍ଡିତ ଦେବାର୍ଚ୍ଚନ ଦାଶ ଓ କର୍ତ୍ତା ଭାବରେ ଗଡତିଆ ଚମରା ଅମାତ୍ କାର୍ଯ୍ୟ ନିର୍ବାହ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ଶ୍ରୀ ପାତାଳୀ କ୍ଷେତ୍ର ଟ୍ରଷ୍ଟ ର କର୍ମକର୍ତ୍ତା , ସେବାୟତ ସଂଘ, ପାତାଳୀ ସେନା ର ସଦସ୍ୟ ମାନେ ସୂଚାରୁ ରୂପେ ତୁଲାଇଥିଲେ।

## ଗାଁକୁ ନାହିଁ ପକ୍କା ରାସ୍ତା ଖଟିଆରେ ବୁହା ହେଲେ ଗର୍ଭବତୀ ମହିଳା



**କଳାହାଣ୍ଡି,୧୧।୬(ସଂଚାର ବ୍ୟୁରୋ)** ଗାଁ କୁ ଭଲ ରାସ୍ତା ଖଣ୍ଡେ ନ ଥିବାରୁ ଯାଇ ପାରିଲାନି ଆମ୍ବୁଲାନ୍ସ । ଯାହା ଫଳରେ ଜଣେ ଗର୍ଭବତୀ ମହିଳା ଙ୍କୁ ଖଟିଆ ରେ ବୋହି ୨ କିଲୋମିଟର୍ ଦୂରରେ ଛିଡ଼ା ହୋଇଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇ ଛାଡ଼ିଲେ ପରିବାର ଲୋକେ । ଏଭଳି ଦୁଃଖଦ ଚିତ୍ର ସାମ୍ନାକୁ ଆସିଛି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଧଅଁରପୁର ପଞ୍ଚାୟତ ଆମ୍ବଗୁଡ଼ା ମାଳପଡ଼ା ଗ୍ରାମରୁ । ସୂଚନା ମତେ ମଙ୍ଗଳବାର ଦିନ ସନ୍ଧ୍ୟା ସମୟରେ ଗ୍ରାମର ଦାମୋଦର ମାଝୀ ଙ୍କ ସ୍ତ୍ରୀ ଗୋମତୀ ମାଝୀ ଙ୍କ ପ୍ରସବ ବେଦନା ହେବାରୁ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ । ତେବେ କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଆମ୍ବଗୁଡ଼ା ନିକଟ ୨ କିଲୋମିଟର ଦୂର ମୁଖ୍ୟ ରାସ୍ତାରେ ଅଟକି ରହିଥିଲା । ଏପଟେ ପ୍ରସବ ଯନ୍ତ୍ରଣା ରେ ଛଟପଟ ହେଉଥାନ୍ତି ଗର୍ଭବତୀ ମହିଳା । ପରିବାର ଲୋକେ କୌଣସି ଉପାୟ ନ ପାଇ ରାତି ଦଶ ଘଣ୍ଟା ସମୟ ରେ ଆଶାକର୍ମୀ ଓ ସମ୍ପର୍କୀୟ ଙ୍କ ସହଯୋଗରେ ଏକ ଖଟିଆ ରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇ ଥିଲେ । ସେଠାରୁ ଆମ୍ବୁଲାନ୍ସ ଯୋଗେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଭର୍ତି କରାଯାଇଥିଲା। ଡ଼ାକ୍ତରଖାନାରେ ରେ ଏକ ଶିଶୁ କନ୍ୟା ଜନ୍ମ ପରେ ପରିବାର ଲୋକେ ଏକ ଭଡ଼ା ଗାଡ଼ି ସାହାଯ୍ୟରେ ଗାଁ କୁ ଫେରିଥିଲେ ମଧ୍ୟ ଗାଡ଼ି ଡ୍ରାଇଭର କାଦୁଅ ରାସ୍ତା ରେ ଯିବାକୁ ମନା କରି ସେହିଠାରେ ଛାଡ଼ି ଯାଇଥିଲା । ସେଠାରୁ ପୁଣି ମାଁ ଓ ନବଜାତ ଶିଶୁ କୁ ଖଟିଆରେ ବୋହି ଘରକୁ ଆଣି ଥିଲେ । ତେବେ ସରକାର ଗ୍ରାମାଞ୍ଚଳ ରାସ୍ତା ଉନ୍ନତି କରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଉକ୍ତ ଗ୍ରାମ ଅବହେଳିତ ହୋଇ ରହିଛି ।

● ଅଙ୍ଗନବାଡି ଘର ନିର୍ମାଣ ନିମନ୍ତେ ଜବରଦଖଲ ଉଚ୍ଛେଦ ଘଟଣା

## ଘର ଓ ଚଉଁରା ନିର୍ମାଣ କଲେ ଜବରଦଖଲକାରୀ



**ଦଶରଥପୁର,୧୧।୬(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ କୟାଁ ମୌଜା ଦୁବକଣ ଗ୍ରାମର ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ରେ ଥିବା ଜମିରେ ଗ୍ରାମବାସୀଙ୍କ ଦାବି ଅନୁସାରେ କୟାଁ-୨ ଅଙ୍ଗନବାଡି ଗୃହ ନିର୍ମାଣ କରିବା ପାଇଁ ଦଶରଥପୁର ଜେଇ ଦେବାଶିଷ ମିଶ୍ର ଲେ ଆଉଟ ଦେଇ ସାରିଥିଲେ । ହେଲେ ଉକ୍ତ ସ୍ଥାନକୁ ସରୋଜ ଯେନା, ସରୋଜଙ୍କ ବଡ଼ ପୁଅ ଅବିନାଶ ଯେନା, ସରୋଜଙ୍କ ବୋହୂ ଅନୁଓ୍ୱା ଯେନା, ସରୋଜଙ୍କ ପତ୍ନୀ ସାବିତ୍ରୀ ଯେନା ଓ ବିବାହିତା ଝିଅ ଧରିତ୍ରୀ ଯେନା ପ୍ରମୁଖ କାର୍ଯ୍ୟ କରେଇ ଦେଇନଥିଲେ। ବରଂ ଏଠାରେ ଘର କଲେ ଗଣ୍ଡଗୋଳ ହେବାର ଧମକ ଦେଇଥିଲେକ୍ସ ଜବର ଦଖଲକାରୀମାନେ ସରକାର ତଥା ପ୍ରଶାସନଙ୍କୁ ଦୁର୍ବଳ ଭାବି ଖୋଲା ଚ୍ୟାଲେଞ୍ଜ ଦେବା ଓ ପ୍ରଶାସନ ଗୋଟିଏ ଜାଗାକୁ ୩ ଥର ଜବର ଦଖଲ ଉଚ୍ଛେଦ କରିଥିଲେ ମଧ୍ୟ ଜବରଦଖଲକାରୀ ଉକ୍ତ ସ୍ଥାନରେ କାର୍ଯ୍ୟ କରାଇ ଦେଇ ନଥିଲେ।ତେବେ ମଙ୍ଗଳବାର ଦିନ ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ ସରୋଜ ଯେନା, ଅବିନାଶ ଯେନା, ଅନୁଓ୍ୱା ଯେନା, ସାବିତ୍ରୀ ଯେନା, ଧରିତ୍ରୀ ଯେନାଙ୍କ ନାଁରେ ମଙ୍ଗଳପୁର ଥାନାରେ ଏତଲା ଦେବା ସଂଗେ ସଙ୍ଗେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦଶରଥପୁର ତହସିଲଦାର ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। କିନ୍ତୁ ଜବରଦଖଲକାରୀ ବିଡ଼ିଓଙ୍କ ଏତଲାକୁ ଫୁ କରି ଉଡାଇଦେଇ ଗତ ମଙ୍ଗଳବାର ରାତିରେ ଜେଇ ଲେ ଆଉଟ ଦେଇଥିବା ସ୍ଥାନରେ ରାତାରାତି ଏକ ଚଉଁରା ନିର୍ମାଣ କରିଛନ୍ତି।

● ରୋଗୀ ପରିବହନ ସେବା ବାଧାପ୍ରାପ୍ତ

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭଞ୍ଜନଗର,୧୧।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ କାର୍ଯ୍ୟରତ ଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଏକାଧିକ ଦାବିନେଇ ବୁଧବାର ଅପରାହ୍ନରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ମାଗଣା ରୋଗୀ ପରିବହନ ସେବା ଭଞ୍ଜନଗର ଉପଖଣ୍ଡରେ ବାଧାପ୍ରାପ୍ତ ହୋଇଛି। ରୋଗୀମାନେ ଘରୁ ମେଡିକାଲ ଆସିବା, ମେଡିକାଲରୁ ଅନ୍ୟ ମେଡ଼ିକାଲକୁ ୧୦୮ ଆମ୍ବୁଲାନ୍ସରେ ବୁଧବାର ଯିବା ସମ୍ଭବପର ହୋଇପାରିନାହିଁ। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଙ୍ଘ ପକ୍ଷରୁ କୁହାଯାଇଛି ୧୧ ତାରିଖ ହେଲେ ମଧ୍ୟ କର୍ମଚାରୀମାନଙ୍କୁ ଦରମା ମିଳିନାହିଁ। ଫଳରେ କର୍ମଚାରୀ ମାନେ ଇଏମଆଇ ଦେବା, ଘର ଚଳାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ୭୦ ଜଣ କର୍ମଚାରୀଙ୍କୁ ବେନିୟମ ଭାବେ ଛଟେଇ କରାଯାଇଛି। ସେମାନଙ୍କୁ ତୁରନ୍ତ ପୁଣି ନିଯୁକ୍ତି ଦିଆଯାଉ।

## ଡହଗାଁରେ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ, ବୈଷୟିକ, ନୂତନ ପଦ୍ଧତିରେ ଚାଷ ପ୍ରଣାଳୀ ଲାଗି ପରାମର୍ଶ



**ଭବାନୀପାଟଣା,୧୧।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଆମପାଣି ଓ ଡହଗାଁ ଠାରେ ବୁଧବାର କୃଷି ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଭୟ ସ୍ଥାନରେ ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆମପାଣି ଧାନ ମଣ୍ଡିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରକ୍ମିଣୀ ବାଣୁଆ, ମହିଳା ନେତ୍ରୀ ତିଳୋତ୍ତମା ନାଏକ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ପ୍ୟାକ୍ସ ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା, ଚାଷୀ ଗୋକୁଳ ଯୋଷୀ, ଗୋବର୍ଦ୍ଧନ ମାଝୀ, ଉଦେନାଥ ନାଏକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କୋକସରା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, କୃଷି ବୈଜ୍ଞାନିକ ଶ୍ରଦ୍ଧା ମହାନ୍ତି ପ୍ରମୁଖ ଯୋଗଦେଇ ବୈଷୟିକ, ନୂତନ ପଦ୍ଧତିରେ ଚାଷ ପ୍ରଣାଳୀ ଲାଗି ଚାଷୀ ମାନଙ୍କୁ ପରାମର୍ଶ ଦେବା ସହ ସେମାନଙ୍କ ପ୍ରତି ରହିଥିବା ବିଭିନ୍ନ ଯୋଜନା ସଂପର୍କରେ ସରକାରଙ୍କ ଲକ୍ଷ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିପରି ଡହଗାଁଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡହଗାଁ ପ୍ୟାକ୍ସ ସମ୍ପାଦକ କ୍ଷମାନିଧୀ ବାଗ, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ସଞ୍ଜୟ କୁମାର ପାତ୍ର, ବଳରାମ ପୁଝାରୀ, ଲଳିତ ମିଶ୍ର, ପବିତ୍ର ରାଉତ, ଲୁଲସୀ ମାଝୀ, ଏଲ୍ଆଇ ଗିରୀଶ୍ୱର ସାହୁ, ଏସସିଓ ବିଶ୍ୱଜିତ ମହାନ୍ତି, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, କୃଷି ବୈଜ୍ଞାନିକ ଶ୍ରଦ୍ଧା ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଉଭୟ ସ୍ଥାନରେ ଅଞ୍ଚଳର ଚାଷୀମାନେ ଯୋଗଦେଇ ଅଧିକାରୀ ଓ କୃଷି ବୈଜ୍ଞାନିକଙ୍କୁ କୃଷି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥି ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷାହେଲେ ବ୍ରିଜ୍ ଉପରେ ପାଣି, ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



**କନ୍ଧମାଳ,୧୧।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଆରନୂଆ ଗାଁ ପଞ୍ଚାୟତ ବାଉଁଶୁଣୀ ବ୍ରିଜ ଉପରେ ବର୍ଷା ହେଲେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି । ସୂଚନା ପ୍ରକାରେ ଖଜୁରୀପଡ଼ା - ଶଙ୍କରାଖୋଲ ମୁଖ୍ୟରାସ୍ତା ଯିବା ସମୟରେ ଆର ନୂଆଗାଁ ପଞ୍ଚାୟତ ବାଉଁଶୁଣୀ ବ୍ରିଜ ଅଳ୍ପ କିଛି ବର୍ଷ ହେବ ନିର୍ମାଣ କରାଯାଇଛି। କିନ୍ତୁ ବ୍ରିଜଟି ସଠିକ ଭାବରେ ନିର୍ମାଣ କରାଯାଇନଥିବାରୁ ବର୍ଷା ହେଲେ ବ୍ରିଜ ଉପରେ ପାଣି ଜମି ରହୁଚି ଯାହା ଫଳରେ ଲୋକମାନେ ଯିବା ଆସିବା ସମୟରେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଏବଂ ଲୋକ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେଇଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାପାଇଁ ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବି ମହଲରୁ ଦାବି ହେଉଛି ।

## ପଣ୍ଡରା ମାଳି ସେବାସଂଘର ନୂତନ କର୍ମକର୍ତ୍ତା ଚୟନ

**ଭବାନୀପାଟଣା,୧୧।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡେଙ୍ଗାଗୁଡ଼ା ଧାନ ମଣ୍ଡିଠାରେ ବୁଧବାର ପଣ୍ଡରା ମାଳି ସେବା ସଂଘର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଦେବରାଜ କୋଲଥିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଉପସଭାପତି ବିଦ୍ୟାଧର ନାଏକ, ଜିଲ୍ଲା କାର୍ମକର୍ତ୍ତା ପ୍ରେମଲାଲ ନାଏକ, ଉଦିତ ନାଏକ, ବିକାଶ ନାଏକ ପ୍ରମୁଖ ଯୋଗଦେଇ ସାଂଗଠନିକ, ରାଜନୈତିକ, ଅର୍ଥନୈତିକ, ଶିକ୍ଷା, ସମାଜ ସଂସ୍କାର ଆଦି ଉପରେ ଆଲୋକପାତ କରିଥିଲେ। ଏହି କ୍ରମରେ କୋକସରା ବ୍ଲକ ପଣ୍ଡରା ମାଳି ସେବାସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବରେ ଭଜମନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନାଏକ ଓ କୋଷାଧ୍ୟକ୍ଷ ଭାବରେ ସୁବାସ ନାଏକ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଗୋବର୍ଦ୍ଧନ ନାଏକ ସଭା ସଂଯୋଜନା କରିଥିଲେ। ସାମାଜିକ କର୍ମକର୍ତ୍ତା ହରିଶ୍ଚନ୍ଦ୍ର ନାଏକ, ଖୁସିରାମ ଟୋଲଟିଆ, ଧନେଶ୍ୱର ନାଏକ, ଇସରାମ କୋଲଥିଆ, ଟଙ୍କଧର ନାଏକ, ହିମାଞ୍ଚଳ ନାଏକ, ଅମିନ ରଣା, ଇସରାମ ଟୋଲଟିଆ ସମେତ କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତର ବିଭିନ୍ନ ଗାଁରୁ ସମାଜର ଶତାଧିକ କର୍ମକର୍ତ୍ତା ଯୋଗଦେଇ ଥିଲେ।





## ହାଲ୍‌ଚାଲ୍



● 'ପ୍ରସ୍ଥାନମ୍', 'ଦଶମ' ଓ 'ଘମାଘୋଟ' ଭଳି ଭିନ୍ନ ଭିନ୍ନ ସ୍ୱାଦର ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ରାଜା. ଡି 'ନୀ+ଳାଚଳ ଭକ୍ତନିବାସ' ଶୀର୍ଷକରେ ଏକ ୱେବ୍‌ସରିଜର ନିର୍ଦ୍ଦେଶନା ଦେଉଛନ୍ତି। ପ୍ରଦ୍ୟୁମ୍ନ ଲେଙ୍କା ଓ ଶୁଭେନ୍ଦ୍ର କୁମାର ମଲ୍ଲ ଏହାର ପ୍ରଯୋଜକ। ତରଙ୍ଗ ପ୍ଲସ୍ ପାଇଁ ଏହା ପ୍ରସ୍ତୁତ ହେଉଛି।



● 'ରାଣ୍ଡିପୁଅ ଅନନ୍ତା' ପରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆଉ ଏକ କାଳଜୟୀ ସାହିତ୍ୟକୃତି 'ଡାକମୁନ୍‌ସୀ' ଉପରେ ଏକ ଓଡ଼ିଆ ସିନେମା ନିର୍ମାଣ ହେଉଛି। 'ବୋଉର ହାତବାକ୍ସ' ଫେମ୍ ନାରାୟଣ ପତି ଏହାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଛନ୍ତି। ବିକାଶ ଦାସ ଏହାର ସଙ୍ଗୀତକାର। 'ଡାକମୁନ୍‌ସୀ' ଶୀର୍ଷକରେ ନିର୍ମାଣାଧୀନ ଏହି ସିନେମାର କଳାକାର ଚୟନ ଚାଲିଛି।



● ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ଚାରିଧାମ'ର ଦ୍ୱିତୀୟ ପର୍ଯ୍ୟାୟ ସୁଟିଂ ବଦ୍ରିନାଥ ଧାମରେ କରାଯାଇଛି। ଏଥିରେ ନାୟକ ଅନୁଭବ ମହାନ୍ତି, ଚରିତ୍ର ଅଭିନେତା ଅଶୋକ ଦାସ ଓ ସୁକାନ୍ତ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ହିମାଦ୍ରିତନୟ ଦାସ ଏହାର ପ୍ରଯୋଜକ। ଅଖିଳ ରାଉତରାୟ ଏହାର କାହାଣୀକାର। ସୁରେଶ ପଟ୍ଟନାୟକ ଚିତ୍ରନାଟ୍ୟ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି କୁମାର ଶ୍ରୀ। ବିଭୂତିଭୂଷଣ ଗଡ଼ନାୟକ ଓ ବୈଦ୍ୟନାଥ ଦାଶ

# 'ମହାଭାରତ' ପରେ ଅବସର ନେବେ ଆମୀର!

ଖୁବ୍‌ଶୀଘ୍ର ଅଭିନ ୟରୁ ଅବସର ନେବେ ବଲିଉଡ୍‌ର ମିଷ୍ଟର୍ ପର୍‌ଫେକ୍ସନିଷ୍ଟ ଭାବେ ଜଣାଶୁଣା ସୁପର୍‌ଷ୍ଟାର୍ ଆମୀର୍ ଖାନ୍! ବର୍ତ୍ତମାନ ଏଭଳି ଏକ ଚର୍ଚ୍ଚା ଶୁଣିବାକୁ ମିଳୁଛି। ଅସଲ କଥା ହେଲା, ଆଗକୁ ଆଉ ଅଧିକ ଫିଲ୍ମ ନକରି ଅଭିନୟରୁ ଅବ୍ୟାହତି ନେବା ବିଷୟରେ ଚିନ୍ତା କରୁଥିବା ପ୍ରକାଶ କରିଛନ୍ତି ଖୋଦ୍ ଆମୀର। ଆଉ ତାଙ୍କର ଶେଷ ଫିଲ୍ମ ତାଙ୍କ ସ୍ୱପ୍ନର ପ୍ରକଳ୍ପ ହେବ ଏବଂ ଯାହାପରେ ସେ ଆଉ କିଛି କରିବେ ନାହିଁ। ଆମୀର୍ ଖାନ୍ କହିଛନ୍ତି ଯେ, 'ସୀତାରେ ଜମିନ୍ ପର୍' ପରେ ସେ କେବଳ ତାଙ୍କ ସ୍ୱପ୍ନର ସିନେମା ଉପରେ ଧ୍ୟାନ ଦେବେ। ନିକଟରେ ଷ୍ଟାର୍ ୟୁଟ୍ୟୁବର୍ ରାଜ୍ ଶମାନୀଙ୍କ ଏକ ପଡ୍‌କାଷ୍ଟରେ ଯୋଗ ଦେଇ ଆମୀର୍ ଖାନ୍ ତାଙ୍କର ଶେଷ ଫିଲ୍ମ ବିଷୟରେ ଦର୍ଶକଙ୍କୁ କହିଛନ୍ତି, ''ମୋର ଏକ ସ୍ୱପ୍ନ ଅଛି। ତାହା ହେଉଛି ମହାଭାରତକୁ ନେଇ ଫିଲ୍ମ ତିଆରି କରିବା ଏବଂ ମୁଁ ଏହା ଉପରେ କାମ ଆରମ୍ଭ କରୁଛି। 'ସୀତାରେ ଜମିନ୍ ପର୍'ର ରିଲିଜ୍ ପରେ ମୁଁ ମୋ ସ୍ୱପ୍ନର ପ୍ରୋଜେକ୍ଟ ଉପରେ କାମ ଆରମ୍ଭ କରିବି। ଏହି ସ୍ୱପ୍ନ ପୂରଣ ହେବା ପରେ ହୁଏତ ମୋର ଅନୁଭବ ହେବ ଯେ ଏହାପରେ ମୁଁ ଆଉ ଫିଲ୍ମ କରିପାରିବି ନାହିଁ। କାରଣ ସେ ଫିଲ୍ମର ଅନୁଭବ ନିଶ୍ଚିତ ନିଆରା ହେବ। ଏ ଦୁନିଆରେ ଯାହା କିଛି ଅଛି, ତାହା ଆମେ ମହାଭାରତରୁ ପାଇବା। ସେ ଫିଲ୍ମ ଶେଷ ହେବା ପରେ ହିଁ ଜଣାପଡ଼ିବ ମୁଁ ଆଗକୁ କାମ କରିବି ନା ନାହିଁ।''



# 'ଚ୍ୟାଲେଞ୍ଜ୍' ସହ ଫେରିଲେ ଏଲିନା

ଓଡ଼ିଆ ଚଳଚ୍ଚିତ୍ରର ଅନ୍ୟତମ ଲୋକପ୍ରିୟ ନାୟିକା ଏଲିନାଙ୍କୁ ପୁଣି ଦର୍ଶକ କେବେ ବଡ଼ ପରଦାରେ ଦେଖିବାକୁ ପାଇବେ ସେ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଥିଲା। ଗତବର୍ଷ ଏଲିନା ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ପ୍ରାୟ ବର୍ଷେ ହେବ ତାଙ୍କୁ କୌଣସି ସିନେମାରେ ଦେଖିବାକୁ ମିଳି ନଥିଲା। ବିବାହ ପରେ ଅବଶ୍ୟ ସେ ରିୟାଲିଟି ସୋ'ରେ ବିଚାରକ ଭାବେ ଅଂଶଗ୍ରହଣ କରିଥିଲେ। ଏଲିନାଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର ହେଲା, ପୁଣି ଏକ ଓଡ଼ିଆ ସିନେମାରେ ଅଭିନୟକୁ ଫେରିଛନ୍ତି ସେ। ଜୀ ସାର୍ଥକ ଓ ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ଓଡ଼ିଆ ଛବି 'ଚ୍ୟାଲେଞ୍ଜ୍'ରେ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ଏଲିନା। ଏହାର ପ୍ରଥମ ପର୍ଯ୍ୟାୟ ସୁଟିଂ ରାମୋଜି ଫିଲ୍ମସିଟିରେ ଶେଷହୋଇଛି। ଏହି ଛବିରେ ଏଲିନାଙ୍କ ନାୟକ ବନିଛନ୍ତି 'ଅ ଆ ହର୍ଷେଇ', 'ଟପୋରି', 'ବ୍ଲାକ୍‌ମେଲ୍', 'ମୁଁ ପରଦେଶୀ ଚଢ଼େଇ' ଓ 'ଭିଲେନ୍' ଫେମ୍ ଅର୍ଦ୍ଧେନ୍ଦୁ। ଆଗରୁ ବାବୁସାନ୍, ଅନୁଭବ, ଅରିନ୍ଦମ, ସବ୍ୟସାଚୀ ଓ ଆକାଶଙ୍କ ପରି ଆଗଧାଡ଼ିର ନାୟକଙ୍କ ସହ ପରଦାରେ ନଜର ଆସିଥିବା ଏଲିନା ପ୍ରଥମଥର ଲାଗି ଅର୍ଦ୍ଧେନ୍ଦୁଙ୍କ ସହ ନଜର ଆସିବେ। ଏଣେ ଆଗରୁ ଅନୁଭା ଓ ତମନ୍ନାଙ୍କ ଭଳି ଜଣାଶୁଣା ନାୟିକାଙ୍କ ସହ କାମ କରିଥିବା ଅର୍ଦ୍ଧେନ୍ଦୁ ଏଲିନାଙ୍କ ସହ ପ୍ରଥମକରି ଯୋଡ଼ି ବନାଇଛନ୍ତି। 'ଚ୍ୟାଲେଞ୍ଜ୍' ଏକ ଆକ୍ସନ୍ ଫିଲ୍ମ ହେଲେ ବି ଏଥିରେ ରୋମାନ୍ସର ତଡ଼କା ରହିଛି। ସାଇ ମଙ୍ଗରାଜ ଏହି ସିନେମାର ନିର୍ଦ୍ଦେଶକ। 'ସେଲ୍‌ଫିସ୍ ଦିଲ୍', 'କୁହୁଡ଼ି', 'ତ୍ରିକନ୍ୟା' ଓ 'କର୍ମ' ଫେମ୍ ମାନସ ପଢ଼ିଆରୀ ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି। ପ୍ରତାପ ରାଉତ ସିନେମାଟୋଗ୍ରାଫି କରିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଅର୍ଦ୍ଧେନ୍ଦୁ-ଏଲିନାଙ୍କ ଯୋଡ଼ିକୁ ଦର୍ଶକ କେତେ ପସନ୍ଦ କରୁଛନ୍ତି, ତାହା 'ଚ୍ୟାଲେଞ୍ଜ୍' ରିଲିଜ୍ ହେବା ପରେ ଜଣାପଡ଼ିବ। ●



# ପୁଣି ମହାଶ୍ୱେତାଙ୍କ ସହ ସୂର୍ଯ୍ୟମୟୀ



୨୦୧୫ରେ ରିଲିଜ୍ ହୋଇଥିବା 'ଭଲ ପାଏ ତତେ ଶହେରୁ ଶହେ'ରୁ କ୍ୟାରିୟର୍ ଆରମ୍ଭ କରିଥିବା ଲୋକପ୍ରିୟ ନାୟିକା ସୂର୍ଯ୍ୟମୟୀ ଏବେ ଓଲିଉଡ୍‌ରେ ଦଶବର୍ଷ ପୂରଣ କରିଛନ୍ତି। ତାଙ୍କ ହାତକୁ ଆସିଛି ଆଉ ଏକ ନୂଆ ସିନେମା। ସଂଯୋଗବଶତଃ, ଏଥିରେ ସେ ପୁଣି ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତାଙ୍କ ଯୁବାବସ୍ଥାର ଭୂମିକା ନିଭାଉଛନ୍ତି। ଗତବର୍ଷ ମୁକ୍ତିଲାଭ କରିଥିବା 'ଆଶ୍ରମ'ରେ ବି ସୂର୍ଯ୍ୟମୟୀ ମହାଶ୍ୱେତାଙ୍କ ଯୁବାବସ୍ଥାର ଭୂମିକା ନିଭାଇ ପ୍ରଶଂସିତ ହୋଇଥିଲେ। ଏବେ ଯେଉଁ ସିନେମାରେ ସମାନ କଥା ଘଟିଛି, ତାହାର ଶୀର୍ଷକ ହେଲା 'ନାୟିକା'।

ନବେ ଦଶକ ମଞ୍ଚ ନାଟକର ଜଣେ ଚର୍ଚ୍ଚିତ ଅଭିନେତ୍ରୀଙ୍କ ଜୀବନୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ମହାଶ୍ୱେତାଙ୍କ ଅଭିନୀତ ଚରିତ୍ରର ନାଆଁ ରହିଛି ପ୍ରଭାସମଞ୍ଜରୀ ଦେବୀ। 'ଆଶ୍ରମ'ରେ ଯେହେତୁ ସୂର୍ଯ୍ୟମୟୀ ମହାଶ୍ୱେତାଙ୍କ ଯୁବାବସ୍ଥାର ଭୂମିକାରେ ପ୍ରଭାବଶାଳୀ ଅଭିନୟ କରିଥିଲେ, ତେଣୁ ତାଙ୍କୁ 'ନାୟିକା'ରେ ନିଆଯାଇଛି ବୋଲି ଏହାର ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁ କହିଛନ୍ତି। ତେବେ ଏହାର କାହାଣୀ ଓ ଚରିତ୍ର 'ଆଶ୍ରମ'ଠାରୁ ସଂପୂର୍ଣ୍ଣ ଭିନ୍ନ। ସୂର୍ଯ୍ୟମୟୀ ପୁଣି ନିଜ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିବେ ବୋଲି ବିଶ୍ୱାସ।

ଏଣେ 'ନାୟିକା' ଜରିଆରେ ସୂର୍ଯ୍ୟମୟୀ-ସୁଧାଂଶୁମୋହନ ସାହୁଙ୍କ ଯୋଡ଼ି ହାଟ୍ରିକ୍ କରିବାକୁ ଯାଉଛି। ରୂପେଶ କୁମାର ନାୟକ 'ନାୟିକା'ର ପ୍ରଯୋଜନା କରୁଥିବା ବେଳେ ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି।

# ପପୁଙ୍କ ପଥରେ ହରି



ଓଲିଉଡ୍‌ର ଦୁଇ ଲୋକପ୍ରିୟ ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଓ ତତ୍ତ୍ୱପ୍ରକାଶ ଶତପଥୀ ଓରଫ୍ ପପୁ ପମ୍‌ପମ୍ ଏବେ ଗୋଟିଏ କ୍ଲବ୍‌ରେ ସାମିଲ୍ ହୋଇଛନ୍ତି। ଦୁହେଁ ହାସ୍ୟାଭିନେତା ଭାବେ କ୍ୟାରିୟର୍ ଆରମ୍ଭ କରିଥିଲେ ହେଁ ପରବର୍ତ୍ତୀ ସମୟରେ ବେଶ୍ କେତୋଟି ସିନେମାରେ ନାୟକ ଭୂମିକାରେ ବି ଅବତୀର୍ଣ୍ଣ ହୋଇଛନ୍ତି। ହରି 'ରୁମ୍‌କୁ ଝୁମାନା', 'ଧୋରେ ବାବୁ ଧୋ' ଓ 'ଭଗିଆ ଭାରିଯା' ଏବଂ ପପୁ 'ରଙ୍ଗିଲା ଟୋକା', 'ଚଉକାଛକା', 'ଆମେ ତ ଟୋକା ଷଣ୍ଢ ମାର୍କା', 'ଗାଁର ନାଆଁ ଗାଲୁଆପୁର' ଓ 'ଡଷ୍ଟବିନ୍' ଭଳି ଛବିରେ ନାୟକ ଭାବେ ଦର୍ଶକଙ୍କ ସାମ୍ନାକୁ ଆସିଛନ୍ତି।

ପପୁ ଆଉ ପାଦେ ଆଗକୁ ଯାଇ ଚଳିତବର୍ଷ ନିର୍ଦ୍ଦେଶକ ତାଲିକାରେ ନିଜର ନାମ ସାମିଲ କରିଛନ୍ତି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା 'ଡଷ୍ଟବିନ୍' ଚଳିତବର୍ଷ ମୁକ୍ତିଲାଭ କରିଛି। ଏବେ ସେହି ତାଲିକାଭୁକ୍ତ ହୋଇଛନ୍ତି ହରି। ସେ ଅଭିନେତା, କାହାଣୀକାର ଓ ସଂଳାପକାର ହେବା ପରେ ନିର୍ଦ୍ଦେଶକ ଭୂମିକା ବି ତୁଲାଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ସିନେମାର ଶୀର୍ଷକ ହେଲା 'ଆଇ ଆମ୍ କାଳିଆ'। ଏହି ସିନେମାରେ ସେ ନାୟକ ଭୂମିକାରେ ବି ନଜର ଆସିବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପା ପଣ୍ଡା, କୁନା ତ୍ରିପାଠୀ ଓ ସାତ୍ୟକୀ ମିଶ୍ରଙ୍କୁ ବି ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ। ସେ ଏହାର ଚିତ୍ରନାଟ୍ୟ ଓ ସଂଳାପ ମଧ୍ୟ ରଚନା କରିଛନ୍ତି। 'ଆଇ ଆମ୍ କାଳିଆ'ର ସମସ୍ତ କାମ ସରିଛି, କେବଳ ରିଲିଜ୍‌କୁ ଅପେକ୍ଷା। ଦେଖାଯାଉ ଅଭିନେତା ଭାବେ ନିଜର ଦକ୍ଷତା ପ୍ରତିପାଦିତ କରିଥିବା ହରି ନିର୍ଦ୍ଦେଶକ ସାଜି କମାଲ୍ କରୁଛନ୍ତି କି ନା! ୧୯୮୩ରେ ମୁକ୍ତିପ୍ରାପ୍ତ ଚର୍ଚ୍ଚିତ ଓଡ଼ିଆ ଛବି 'ଭକ୍ତ ସାଲବେଗ'ର ନିର୍ଦ୍ଦେଶନା ଦେଇଥିଲେ ସେ ସମୟର ଆଗଧାଡ଼ିର ହାସ୍ୟାଭିନେତା ରାଧା ପଣ୍ଡା।

## ସାତ୍ ସୱାଲ୍



**ଟେଲି ଧାରାବାହିକରୁ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ ସେ। 'ବୋହୂ', 'ଜୀବନ ଯମୁନାରେ ଜୁଆର ଉଠେରେ', 'ସୁନାକଳସ', 'ପରୀ' 'ନଦୀ ଫେରେ ସାଗରକୁ' ଆଦି ମେଗା ଧାରାବାହିକରେ ବିଭିନ୍ନ ଚରିତ୍ରରେ ଅଭିନୟ କରିବା ପରେ ସେ ସମୟକ୍ରମେ ଯାତ୍ରାରେ ପ୍ରବେଶ କରନ୍ତି। ୨୦୧୮ ମସିହାରେ ଯାତ୍ରାରେ ପ୍ରବେଶ କରିଥିଲେ ହେଁ କରୋନା ପରେ କିଛି ବର୍ଷ ଯାତ୍ରା କରିପାରି ନଥିଲେ। ସଂପ୍ରତି ସେ 'ଦୁର୍ଗାମନ୍ଦିର' ଯାତ୍ରା ଅନୁଷ୍ଠାନରେ ଦର୍ଶକଙ୍କ ମନୋରଞ୍ଜନ କରାଉଛନ୍ତି। ଜୁନ୍ ଶେଷରେ 'ସିଂହବାହିନୀ'କୁ ଯିବାକୁ ସ୍ଥିର କରିଛନ୍ତି। ଏଥର ଯାତ୍ରା ଅଭିନେତ୍ରୀ ତମସା ମିଶ୍ରଙ୍କ ସହ ଅଳ୍ପ ଆଳାପ।**

# ପଛରେ ଗପିବା ଲୋକଙ୍କ ପ୍ରବୃତ୍ତି, ତାକୁ ଗୁରୁତ୍ୱ ଦେଲେ ନିଜ କାମରୁ ବିଚ୍ୟୁତ ହୋଇଯିବା

**୧ ଆପଣ ଧାରାବାହିକରେ ଅଭିନୟ କରୁଥିଲେ ଓ ଏବେ ଯାତ୍ରାରେ କରୁଛନ୍ତି। କେଉଁଥିରୁ ଆପଣଙ୍କୁ ବେଶି ଆତ୍ମସନ୍ତୋଷ ମିଳିଛି?**

ଯାତ୍ରାରୁ। କାରଣ ଯାତ୍ରାରେ ପରିଶ୍ରମର ଫଳ ସଙ୍ଗେ ସଙ୍ଗେ ମିଳିଯାଏ। ଦର୍ଶକଙ୍କ ଠାରୁ ପ୍ରଶଂସା ହେଉ କି ନିନ୍ଦା, ସେଇଠି ସିଧାସିଧା ମିଳିଯାଏ। ହେଲେ ଧାରାବାହିକରେ ଦର୍ଶକ ଆପଣଙ୍କୁ ପସନ୍ଦ କରୁଛନ୍ତି କି ନାହିଁ ତାହା ସେମାନଙ୍କ ପରୋକ୍ଷ ପ୍ରତିକ୍ରିୟାରୁ ଟିକିଏ ବିଳମ୍ବରେ ଜଣାପଡ଼େ।

**୨ ଯେତେବେଳେ ଯାତ୍ରାରେ ଅଭିନୟ ଆରମ୍ଭ କଲେ ସଂପର୍କୀୟମାନେ କିପରି ଗ୍ରହଣ କଲେ? କିଛି ନକାରାତ୍ମକ କଥା ଶୁଣିବାକୁ ମିଳିଛି କି?**

ଆଗରେ ତ କେହି କେବେ କିଛି କହନ୍ତି ନାହିଁ, ଯାହା କହୁଥିବେ ହୁଏତ ପଛରେ କହୁଥିବେ। ମୁଁ ପଛକୁହା କଥାକୁ ବିଶେଷ ଗୁରୁତ୍ୱ ଦିଏନି। କାରଣ ଲୋକଙ୍କ ପ୍ରବୃତ୍ତି ହେଲା ପଛରେ ଗପିବା। ତାକୁ ଗୁରୁତ୍ୱ ଦେଲେ ଆମେ ନିଜ କାମରୁ ନିଜକୁ ବିଚ୍ୟୁତ କରିବା।

**୩ ଧାରାବାହିକ ଓ ଯାତ୍ରାରେ ଆପଣଙ୍କ ପ୍ରିୟ ସହ-କଳାକାର କିଏ?**

ଧାରାବାହିକରେ ସମସ୍ତେ। ଯାତ୍ରାରେ ସୁବାସ ଭାଇ (ସୁବାସ ବେହେରା)।

**୪ ସିନେମାରେ ସୁଯୋଗ ଖୋଜୁଛନ୍ତି କି? ଭଲ ଚରିତ୍ରଟିଏ ମିଳିଲେ କରିବେ?**

ମୋତେ ସୁଯୋଗ ମିଳିଛି। ମାତ୍ର ମୁଁ ମନା କରିଛି। ମୋର ସିନେମା ପ୍ରତି ଆଦୌ ଆଗ୍ରହ ନାହିଁ। ମୋ ଝିଅ ଏବେ ଟିକେ ବଡ଼ ହେଇଗଲାଣି। ହେଲେ ମୋ ପୁଅକୁ ମାତ୍ର ଦେଢ଼ବର୍ଷ। ଆଗକୁ ତାକୁ ସମୟ ଦେବାକୁ ପଡ଼ିପାରେ। ଯାତ୍ରାରେ ରହିଲେ ସମୟ କାଢ଼ିବା ମୁସ୍କିଲ୍। ଯଦି ସେଭଳି ପରିସ୍ଥିତି ଆସେ ମୁଁ ପୁଣି ଥରେ ଧାରାବାହିକକୁ ଫେରିପାରେ; ହେଲେ ସିନେମାକୁ ନୁହେଁ।

**୫ ସ୍ୱାମୀଙ୍କ ସହ ଆପଣଙ୍କର ସଂପର୍କ ପ୍ରଥମେ କିପରି ଗଢ଼ି ଉଠିଥିଲା?**

ମୁଁ ଯେଉଁ ଧାରାବାହିକରେ ଅଭିନୟ କରୁଥିଲି, ସେ ସେଇଟିକୁ ଏଡିଟିଂ କରୁଥିଲେ। ସେ ମୋତେ ପସନ୍ଦ କଲେ ଓ ଜଣଙ୍କ ଜରିଆରେ ମୋ ସହ କଥା ହେଲେ। ସେ ସିଧା ବିବାହ ପ୍ରସ୍ତାବ ଦେଲେ। ଆମ ଘରେ ପ୍ରଥମେ ରାଜି ହେଉ ନଥିଲେ। କାରଣ ଆମର ଦୁଇ ଜଣଙ୍କର ଜାତି ଭିନ୍ନ। ହେଲେ ଆମେ ରାଜି କରାଇ ବିବାହ କଲୁ। ସେ ବହୁତ ଭଲ। ତାଙ୍କ ଉତ୍ତମ ବୁଝାମଣା ପାଇଁ ହିଁ ମୁଁ ଆଜି ଏତେ କାମ କରିପାରୁଛି।

**୬ ଧାରାବାହିକ ଓ ଯାତ୍ରାର ସଂଳାପ କହିବା ଶୈଳୀ ଅଲଗା। ଯାତ୍ରାରେ ସଂଳାପ କହିବାକୁ ଅସୁବିଧା ହୋଇନି?**

ନା। କିଛି ବି ଅସୁବିଧା ହୋଇନି। ଏବେ ଯାତ୍ରା ଆଉ ଆଗପରି ନାହିଁ। ଯାତ୍ରାରୁ ମେଲୋ ଡ୍ରାମା କମିଗଲାଣି। ଆଗରୁ ସାଉଣ୍ଡ୍ ସୁବିଧା ବେଶି ନଥିବାରୁ କଳାକାରମାନଙ୍କୁ ବଡ଼ ପାଟିରେ କହିବାକୁ ପଡୁଥିଲା। ଏବେ ବିଭିନ୍ନ କୌଶଳ ଉପଲବ୍ଧ। ଚିଲେଇକି ନକହିଲେ ବି ଦର୍ଶକଙ୍କ ନିକଟରେ ସ୍ୱର ପହଞ୍ଚିବ। ତେଣୁ ମୁଁ ଧାରାବାହିକରେ ଯେପରି ସଂଳାପ କହୁଥିଲି ଏବେ ବି ସେପରି କହୁଛି। ଯାତ୍ରାରେ ବଛାବଛା କେତେ ଜଣ ଅଛନ୍ତି, ଯିଏକି ମେଲୋ ଡ୍ରାମା କରନ୍ତି। ହେଲେ ଏବେ ଅଧିକାଂଶ କଳାକାର ସ୍ୱାଭାବିକ ଶୈଳୀରେ ସଂଳାପ କହୁଥିବାର ଆପଣ ଶୁଣୁଥିବେ।

**୭ ଅଭିନୟ ବ୍ୟତୀତ ଆଉ କ'ଣ କରିବାକୁ ଆପଣଙ୍କୁ ବେଶି ଭଲ ଲାଗେ?**

ମୋତେ ବୁଲିବାକୁ ବହୁତ ଭଲଲାଗେ। ମୁଁ ସମୟ କାଢ଼ି ମୋ ପରିବାର ସହ ବୁଲିବାକୁ ଭଲପାଏ।



# ରାସ୍ତା କଦର୍ଯ୍ୟ ଓ ଖାଲଖମାରେ ଭର୍ତ୍ତି

## ଆଖି ବୁଜି ଦେଇଛି ବିଏମସି !



ବ୍ରହ୍ମପୁର,୧୧।୬(ସଂଚାର ବ୍ୟୁରୋ): ସ୍ଥାନୀୟ ୨ ନମ୍ବର ୱାର୍ଡରେ ଦୀର୍ଘ ବର୍ଷ ଧରି ନାଳ ଓ ରାସ୍ତା ସମସ୍ୟା ଲାଗି ରହିଛି। ସମ୍ପୂର୍ଣ୍ଣ ଅସ୍ୱୟସ୍ଥା ଘେରରେ ରହିଛନ୍ତି ଅଂଚଳବାସୀ। ୱାର୍ଡର କିଛି ମୁଖ୍ୟ ରାସ୍ତାକୁ ଛାଡି ଦେଲେ ଗଳିକନ୍ଦିର ଅବସ୍ଥା ନ କହିବା ଭଲ। କାଦୁଅ ପଚ ପଚ ରାସ୍ତାକୁ ନେଇ ଅସନ୍ତୋଷ ତୀବ୍ର ହେଉଛି। ଯଦିଓ ଏହି ୱାର୍ଡରେ କିଛି ରାସ୍ତା ଓ ନାଳ ନିର୍ମାଣ କାର୍ଯ୍ୟ ସମ୍ପ୍ରତି ଜାରି ରହିଛି , କିନ୍ତୁ କିଛି ଗଳିର ଅବସ୍ଥା ନ କହିବା ଭଲ। ବିଭିନ୍ନ ସମୟରେ ମହାନଗର ନିଗମର ଯନ୍ତ୍ରୀ ଏବଂ ଜନ ପ୍ରତିନିଧି ମାନେ ଅଂଚଳ ବୁଲି ସମସ୍ୟା ଦେଖୁଛନ୍ତି ସତ, ହେଲେ ଏହାର ସମାଧାନ ପ୍ରତି ସତେ ଯେମିତି କାହାର ଦରଦ ନାହିଁ। ୱାର୍ଡ ସ୍ଥିତ ୯ ନମ୍ବର ଗଳିର ରାସ୍ତା ଅବସ୍ଥା ଅତି କଦର୍ଯ୍ୟ। ବର୍ଷା ହେଲେ ଏହି ଗଳିର ରାସ୍ତା ଏକ ଗ୍ରାମ୍ୟ ଅଂଚଳର ରାସ୍ତାର ଭ୍ରମ ସୃଷ୍ଟି କରୁଛି। ତଳିଆ ଏବଂ ଖାଲୁଆ ଅଂଚଳ ହୋଇଥିବାରୁ ବର୍ଷା ହେଲେ ସ୍ଥିତି ବେହାଲ। ଡ୍ରେନ୍ ଉଚ୍ଚରେ ଏବଂ ରାସ୍ତା ତଳେ ଥିବାରୁ ବର୍ଷା ଜଳ ନିଷ୍କାସନ ସଠିକ୍ ଭାବେ ହୋଇପାରୁନି। ଯାହା ଫଳରେ କିଛି ମାତ୍ରାରେ ପାଣି ଜମି ରହୁଛି। ସାଧାରଣ ଲୋକଙ୍କ କହିବା ପ୍ରକାରେ, ଏହି ରାସ୍ତାରେ ପେଭର ବ୍ଲକ ପକାଇବାକୁ ଟେଣ୍ଡର ହୋଇଥିଲା। ଅଧିକାରୀ ଏବଂ ଜନ ପ୍ରତିନିଧି ଆସି ବୁଲି ଦେଖିଥିଲେ। ପରବର୍ତ୍ତୀ ସମୟରେ କିନ୍ତୁ ଏହା ସଫଳ ହୋଇନଥିଲା। ଯାହାଫଳରେ ଲୋକେ କାଦୁଅ ପଚପଚ ରାସ୍ତାରେ ଗାଡି ତ ଦୂରର କଥା ଚାଲିକି ଯିବାକୁ ବି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଲକ୍ଷ୍ମୀ ନୃସିଂହ ସାହିର ବିଭିନ୍ନ ଗଳିକୁ ସଂଯୋଗ କରୁଥିବା ଶାନ୍ତି ନଗର ଷଷ୍ଠ ଗଳି ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ଖମା ଅବସ୍ଥାରେ ରହିଛି। ନିକଟରେ ଡ୍ରେନ୍ ସମସ୍ୟା ମଧ୍ୟ ରହିଛି। ଛୋଟିଆ ଡ୍ରେନ୍ ନିର୍ମାଣ ହୋଇଥିବାରୁ ପାଖାପାଖି ଏକାଧିକ ଅଂଚଳର ନାଳ ପାଣି ନିଷ୍କାସନ ହେବା ସମ୍ଭବ ହେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ହେଲେ ଘରେ ଆଣ୍ଠୁଏ ଉଚ୍ଚରେ ନାଳ ପାଣି ପଶୁଥିବାରୁ ଲୋକେ ହନ୍ତସନ୍ତ ହେଉଥିବା କହିବା ସହ ବଡ ଡ୍ରେନ୍ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏପରିକି ବର୍ଷା ହେଲେ ରାସ୍ତା ଦେଖାଯାଉନଥିବାରୁ ଖାଲ ଖମାରେ ପଡି ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଉକ୍ତ ଅଂଚଳର ଅନ୍ୟ ଗଳି ଗୁଡିକର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ। ବର୍ତ୍ତମାନ ମହାନଗର ନିଗମ ପକ୍ଷରୁ ବିଭିନ୍ନ ସ୍ଥାନରେ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ଏଥିପ୍ରତି ମହାନଗର ନିଗମ କର୍ତ୍ତୃପକ୍ଷ ଏବଂ ଜନ ପ୍ରତିନିଧି ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା



ନର୍ଲା,୧୧।୬(ସଂଚାର ବ୍ୟୁରୋ): ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରଥମେ ଦ୍ୱାର ଫିଟା, ସୂର୍ଯ୍ୟପୂଜା, ଦ୍ୱାର ପାଦପୂଜା, ମଙ୍ଗଳ ଆଳତୀ, ଭୋଗ ପରେ ବେଶ ମଙ୍ଗଳାର୍ପଣ ତା'ପରେ ଧାଡ଼ି ପହଣ୍ଡିରେ ଶ୍ରୀଜିଉ ସ୍ନାନବେଦୀକୁ ବିଜେ କରିଥିଲେ। ସେଥିରେ ପୂଜା ଓ ଜଳ ବିଶୁଦ୍ଧି କରିବାପରେ ସୁବାସିତ ଜଳ ଦ୍ୱାରା ସ୍ନାନ ନୀତି କରାଯାଇଥିଲା। ପରେ ଶ୍ରୀଜୀଉଙ୍କ ଦୁର୍ଲ୍ଲଭ ଗଜାନନ ବେଶ କରାଯାଇଥିଲା। ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରେ ମୁଖ୍ୟ ଉଦ୍ୟୋକ୍ତା ଦିବଂଗତ ଡ଼ଃ ସାଧୁରାମ ଅଗ୍ରୱାଲଙ୍କ ସୁପୁତ୍ର ସୁନୀଲ କୁମାର ଅଗ୍ରୱାଲ ଓ ସୁମିତ କୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶିର୍ବାଦ ଜୀ ମହାରାଜ, ପ୍ରତାପ ପଣ୍ଡା, ବିଜୟ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ଚନ୍ଦ୍ରମୋହନ ରୋହିଲା ଓ ସନ୍ଦିପ ଶର୍ମା ସପତ୍ନିକ ଚତୁର୍ଦ୍ଧା ମୂରତିଙ୍କୁ ସୁଗନ୍ଧିତ ଜଳରେ ସ୍ନାନ କରାଇଥିଲେ। ଉପସ୍ଥିତ ଭକ୍ତ ବୃନ୍ଦ ମଧ୍ୟ ଶ୍ରୀ ଜୀଉ ମାନଙ୍କୁ ସ୍ନାନ କରାଇଥିବା ଦେଖିବାକୁ ମିଳିଥିଲା। ଆଜିର ଏହି ଦୁର୍ଲ୍ଲଭ ଗଜାନନ ବେଶ ଦେଖିବାକୁ ରୁପ୍ରାରୋଡ ବସ୍ତି ସମେତ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁମାନେ ସମବେତ ହୋଇଥିଲେ।

## ଶ୍ରୀଶ୍ରୀ ମଦନ ମୋହନ ଜୀଉଙ୍କ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଜଗତସିଂହପୁର,୧୧।୬(ସଂଚାର ବ୍ୟୁରୋ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବାଣିଜିକ କ୍ଷେତ୍ର ରାହାମାର ଶ୍ରୀ ଶ୍ରୀ ମଦନ ମୋହନ ଜୀଉ ମଠର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଓ ଚଳିତ ରଥଯାତ୍ରା ନିମନ୍ତେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଆଡ଼ଭୋକେଟ ଡ଼ଃ ସୁନାକର ବେହେରା ସମ୍ପାଦକ ମଠ ପରିଚାଳନା ପରିଷଦଙ୍କ ସଂଯୋଜନାରେ ବୈଠକ ଅହୁତ କରାଯାଇ ସଭାପତି ଶ୍ରୀଯୁକ୍ତ ରବିନାରାୟଣ ସାହୁ ଙ୍କ ସଭାପତିତ୍ୱରେ ମଠ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ମାନେ ଏକତ୍ରିତ ହୋଇ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଓ ଚଳିତ ରଥଯାତ୍ରା କୁ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନକୁ ଶୃଙ୍ଖଳିତ ସହିତ ଅଧିକ ସରସ ସୁନ୍ଦର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ ବୈଠକରେ ଶ୍ରୀଯୁକ୍ତ ଦୀପକ ପ୍ରସାଦ ସ୍ୱାଇଁ ଠାକୁର ରାଜା ତଥା ମଣ୍ଡଳ ଉନ୍ନୟନ ଅଧିକାରୀ କୁଜଙ୍ଗ ମହାପ୍ରଭୁଙ୍କ ଘୋଷ ଯାତ୍ରା ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁସାରେ ସମ୍ପାଦନ ନିମନ୍ତେ ପରିଷଦକୁ ମାର୍ଗଦର୍ଶନ କରିଥିଲେ। ମିଡ଼ିଆ ସଂଯୋଜକ ଦେବାଶିଷ ଅକ୍ଷୟ କୁମାର ମହାନ୍ତି ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ତିର୍ତ୍ତୋଲ ଥାନା ଆରକ୍ଷୀ ନିରୀକ୍ଷକ ପ୍ରଦୀପ୍ତ କୁମାର ସେଠି ,ବିଦ୍ୟୁତ ବିଭାଗୀୟ ବାଣିଜ୍ୟ ଯନ୍ତ୍ରୀ ରାହାମା ବିଶ୍ୱଜିତ ତ୍ରିପାଠୀ ,ସରପଞ୍ଚ ତାଳପଡା ଶ୍ରୀମତୀ ଦମୟନ୍ତୀ ,ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ ଉପସ୍ଥିତ ଥିଲେ। ମଠ ପରିଚାଳନା ପରିଷଦଓ ସ୍ଥାନୀୟ ବରିଷ୍ଠ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ସେବିକା ସ୍ୱର୍ଣ୍ଣପ୍ରଭା ଦାସ ମତା, ପୂଜକ ତପନ କୁମାର ପତି,ଅଧିକାରୀ ରମାକାନ୍ତ ଦାସ, ମହାରଣା ରୋହିତ ସୁତାର,ବରିଷ୍ଠ ସଦସ୍ୟ କିଶୋରୀ ଦାସ, ମହେଶ୍ୱର ସାହୁ,ବାସୁଦେବ ବରାଳ,ଉପ କୋଷାଧ୍ୟକ ଶରତ କୁମାର ସାହୁ,ପ୍ର. ପ୍ରଦୀପ କୁମାର ସେଠି ଇତ୍ୟାଦି ବହୁ ଶ୍ରଦ୍ଧାଳୁ ଭକ୍ତ ଓ ଅଞ୍ଚଳବାସୀ ମାନେ ଉପସ୍ଥିତ ରହି ଆଲୋଚନା କୁ ସଫଳ କରିଥିଲେ।

## ୫୦୦ଆମ୍ପୁଲ ଇଞ୍ଜେକେସନ ଜବତ ସହ ୫ ଗିରଫ

ଜୟପୁର,୧୧।୬(ସଂଚାର ବ୍ୟୁରୋ): ନିଷିଦ୍ଧ ଇଞ୍ଜେକ୍ସନ ପେଣ୍ଟାଜୋସିନ୍ ଲେକ୍ଟେଟ୍ ବିକ୍ରି ଅଭିଯୋଗରେ ଜୟପୁର ଟାଉନ୍ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ସଞ୍ଜୟ ଜେନା, ତ୍ରିନାଥ କରାବା, ଅନୁଭବ ପ୍ରଧାନ, ରାମ ହରିଜନ ଏବଂ ରାକେଶ ପଟ୍ଟନାୟକ। ପୋଲିସ ସେମାନଙ୍କଠାରୁ ୫୧୩ ଟି ଇଞ୍ଜେକ୍ସନ ସହିତ ଏକ କାର ଏବଂ ୫ଟି ମୋବାଇଲ୍ ଜବତ କରିଛି। ଜୟପୁର ସହର ସ୍ଥିତ ଗାନ୍ଧୀ ଛକ ନିକଟରେ ଏହି ଯୁବକ ମାନେ ଏକ ବିକ୍ରି ଉଦେଶ୍ୟ ରେ ଥିବା ସମୟରେ ଜୟପୁର ପୋଲିସ ସୂଚନା ପାଇ ଚଢ଼ାଉ କରି ଗିରଫ କରିଛି । ଏହି ସବୁ ଇଞ୍ଜେକେସନ କୁ ଯୁବ ଗୋଷ୍ଠୀ ନିଶା ଭାବରେ ବ୍ୟବହାର କରୁଥିବା ଅଭିଯୋଗ ରହିଥିଲା। ଏବଂ ଏହା ପୂର୍ବରୁ ମଧ୍ୟ ଜୟପୁର ସହର ଦୁଇ ଜଣ ଯୁବକ ଙ୍କୁ ପୋଲିସ ସ୍କୁଟି ଯୋଗେ ଇଞ୍ଜେକେସନ ବିକ୍ରି କରୁଥିବା ସମୟରେ ଗିରଫ କରିଥିଲା ତେବେ ଏତେ ପରିମାଣ ରେ ଇଞ୍ଜେକେସନ କେଉଁଠୁ ଆଣୁଛନ୍ତି ତାହାର ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।




## ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ କୋରେଇ ବିଧାୟକ



ଯାଜପୁର ରୋଡ଼,୧୧।୬(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହର ସ୍ଥିତ ବ୍ୟାସ-ସରୋବର'ରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ସ୍ନାନ ପିଠରେ ବହୁ ଆଡ଼ମ୍ବରରେ ପୂଜା ବିଧି ଓ ନୀତି କାନ୍ତିରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମା ଉତ୍ସବ ଚାଲିଥିଲା। ଏହି ଅବସରରେ 'କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ' ଆସି ଆରାଧ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ବେଢ଼ା ଭ୍ରମଣ କରିଥିଲେ, ସାଙ୍ଗରେ ପୌର ବିଜେପି'ର ରାଜନୈତିକ ସମୀକ୍ଷକ ସୋମେନ୍ଦ୍ର ରାଉତ, ପଣ୍ଡିତ ବ୍ରାହ୍ମଣ ଶ୍ରୀ ଗୋପାଳ ପତି, ଅବସରପ୍ରାପ୍ତ ପୌରକର୍ମଚାରି କିଶୋର ରାଉତ ଓ କନ୍ତର ଗ୍ରାମପଂଚାୟତର ଟାଣୁଆ ନେତା ଅଶୋକ ବାରିକ'ଙ୍କ ସମେତ ଅଂଚଳ ଶହ ଶହ ଜନସାଧାରଣ ମାନେ ଉପସ୍ଥିତ ରହିଥିଲେ।

## ଦେବଗିରି ମଠରେ ସ୍ନାନ ଯାତ୍ରା



ନର୍ଲା,୧୧।୬(ସଂଚାର ବ୍ୟୁରୋ): ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠରେ ମହାପ୍ରଭୂ ଦଧିବାମନଜୀଉଙ୍କ ସ୍ନାନଯାତ୍ରା ସଂପନ୍ନ ହୋଇଛି। ପ୍ରାତଃ ସମୟରୁ କବାଟଫିଟା ନିତି ପରଠାରୁ ଅପରାହ୍ନ ପାଞ୍ଚଟା ପର୍ଯ୍ୟନ୍ତ ବିଭିନ୍ନ ନିତି ପରଂପରା ଅନୁକ୍ରମରେ ସଂପନ୍ନ ହେବାପରେ ଦଧିବାମନଙ୍କ ସ୍ନାନନିତି ସଂପନ୍ନ ହୋଇଥିଲା। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଆୟୋଜିତ ସ୍ନାନ ପୂର୍ଣ୍ଣିମା ନିତିରେ ସେବାୟତ ତପିମଣି ଦାସ, ବିଭିଷଣ ଦାସ, ପୂଜକ ସନ୍ତୋଷ ପାଢ଼ୀ, ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡାମାଝୀ, ରଜନୀ ଗଉଡ, ବିଷ୍ଣୁ ଗଉଡ, ସଞ୍ଜୟ ଧଙ୍ଗଡାମାଝୀ, ସୁରେନ୍ଦ୍ର ମାଝୀ, ସତ୍ରୁଘନ ଧଙ୍ଗଡାମାଝୀ, ଦେବରାଜ ଗଉଡ, ଭରତ ଧଙ୍ଗଡାମାଝୀ, ଲୋକନାଥ ଗଉଡ, ପ୍ରଦୀପ ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀ, ଶିକ୍ଷାବିତ ଅଶୋକ ଧଙ୍ଗଡାମାଝୀ, ସେବକ ଟିକେ ଗଉଡ ପ୍ରମୁଖ ସହଯୋଗ କରିଥିଲେ। ଆଜି ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଭକ୍ତମାନଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

## ଚୋରଦା ବାଇପାସରେ ଖୋଲିଲା ସିୟାରାମ କମ୍ପାନୀର ଅତ୍ୟାଧୁନିକ ନୂତନ ସୋରୁମ



ଯାଜପୁର ରୋଡ଼, ୧୧।୬ (ସଂଚାର ବ୍ୟୁରୋ): କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ'ଙ୍କ ଦ୍ୱାରା ବ୍ୟାସନଗର ପୌରାଅଂଚଳ ସହରର ଚୋରଦା ବାଇପାସ୍ ଛକ ନିକଟରେ ସିତାରାମ କମ୍ପାନୀର ସୋରୁମ ଉଦଘାଟନ ହୋଇଯାଇଅଛି। ଏହି ବ୍ରାଣ୍ଡେଡ କମ୍ପାନୀ ସିୟାରାମର ଅନେକ ଡିଜାଇନର ଟିସାର୍ଟ, ପ୍ୟାଂଟ, କପଡା, ଜିନ୍ସ,ବାନିୟନ୍ସ ଓ ଅନେକ ପ୍ରକାରର ଆଇଟମ ଓ କିଡ଼ସ ଆଇଟମ ମିଳୁଥିବା ସୋରୁମର ସ୍ୱତାଧିକାରୀ ପ୍ରଶାନ୍ତ କୁମାର ନାୟକ କହିଥିଲେ। ବର୍ତ୍ତମାନ ଯୁଗରେ ଲୋକଙ୍କର ଚାଲିଚଳନ ଦିନକୁ ଦିନ ବଦଳିବା ସହିତ ଲୋକଙ୍କ ଷ୍ଟାଇଲ ଓ ବେଶ ପୋଷାକ ମଧ୍ୟ ବଦଳିବାରେ ଲାଗିଛି। ଲୋକେ ବ୍ରାଣ୍ଡେଡ ଜିନିଷକୁ ବ୍ୟବହାର କରିବା ପାଇଁ ପସନ୍ଦ କରୁଥିବା ବେଳେ ଏହି ସହରରେ ଏବେ ଦିନକୁ ଦିନ ଅନେକ ବ୍ରାଣ୍ଡେଡ ସୋରୁମ ଦେଖିବାକୁ ମିଳୁଛି। ସିୟା ରାମ କମ୍ପାନୀର କ୍ୱାଲିଟି ଓ ଚାହିଦା ଲୋକଙ୍କ ପସନ୍ଦ ହୋଇ ଥିବାରୁ ସହରରେ ଏଭଳି ଏକ ସୋରୁମ ଖୋଲିବାକୁ ମନବଳାଇଥିବା ଆଡ଼ଭୋକେଟ ଦିପ୍ତିମୟୀ ନାୟକ କହିଥିଲେ । କମ୍ପାନୀ ତରଫରୁ ୫୦୦୦ ଟଙ୍କାର ଜିନିଷ କ୍ରୟ କଲେ ୧୨୦୦ ଟଙ୍କାର ଏକ ଏଆର ବ୍ୟାଗ ମାଗଣାରେ ମିଳୁଥିବା ନେଇ ମ୍ୟାନେଜର ପର୍ଚ୍ଚୁନ ପାଣ୍ଡିଆ କହିଛନ୍ତି।

## ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ବୈଠକ




ବ୍ରହ୍ମପୁର,୧୧।୬(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ସ୍ତରୀୟ ଟେବୁଲ ଟପ୍ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ବୈଠକ ବୁଧବାର ଦିନ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳିନ ବିଭାଗର ଡେପୁଟି କଲେକ୍ଟର ଅଭିଷେକ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ ଯେ, ଗଞ୍ଜାମ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା । ବର୍ତ୍ତମାନ ମୌସୁମୀ ଆସିବାକୁ ଯାଉଛି । ଏଣୁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡିବ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗର ସମନ୍ୱୟ ରହିଲେ ଏହାକୁ ସହଜରେ ମୁକାବିଲା କରିପାରିବା ବୋଲି ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ । ବର୍ତ୍ତମାନ ସମୟରେ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ ଏତେ ଉନ୍ନତ ଯେ, ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିବା ପୂର୍ବରୁ ପ୍ରାକ୍ ସୂଚନା ପାଇପାରୁଛୁ । ଯାହା ଫଳରେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିପାରୁଛେ। ସମସ୍ତ ବ୍ଲକ୍ ସ୍ତରରେ ୧୬ ତାରିଖ ସୁଦ୍ଧା ପ୍ରସ୍ତୁତି ବୈଠକ କରି ୧୮ ତାରିଖ ଦିନ ଟେବୁଲ୍ ଟପ୍ ଅଭ୍ୟାସ କରିବାକୁ କୁହାଯାଇଥିଲା । ଜିଲ୍ଲା ସଦର ମହକୁମାରେ ସେହିଦିନ ପୂର୍ବାହ୍ନରେ ଏବଂ ବ୍ଲକ୍ ଓ ସହରାଞ୍ଚଳରେ ରେ ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ ସେହି ଦିନ ଅପରାହ୍ନ ସମୟରେ ଅନୁଷ୍ଠିତ ହେବ । ସେହିପରି ୧୯ ତାରିଖ ଦିନ ଜିଲ୍ଲାର ସମସ୍ତ ୧୧୦ ଗୋଟି ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହେବ । ସେଥିରେ ଦୈବୀ ଦୁର୍ବିପାକରୁ କିଭଳି ରକ୍ଷା ପାଇପାରିବେ ତାହା ପ୍ରଦର୍ଶନ କରାଯିବ । ଭାରତୀୟ ପାଣିପାଗ ବିଭାଗରୁ ଜିଲ୍ଲାକୁ, ଜିଲ୍ଲାରୁ ବ୍ଲକ୍ କୁ ଏବଂ ବ୍ଲକ୍ ରୁ ବାତ୍ୟା ଆଶ୍ରୟ ସ୍ଥଳକୁ ବୁଲେଟିନ୍ ପ୍ରେରଣ କରାଯିବ। ସେହି ଅନୁସାରେ କିଭଳି ସତର୍କତା ଅବଲମ୍ବନ କରାଯିବ ତାହା ଜନ ସାଧାରଣଙ୍କୁ ପ୍ରଦର୍ଶିତ କରି ସଚେତନ କରାଯିବ । ଏଥିରେ ସମସ୍ତ ଲାଇନ୍ ବିଭାଗ ଯଥା- ଜିଲ୍ଲା ଜରୁରୀକାଳିନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ,ଜଳସେଚନ, ପୂର୍ତ୍ତ, ଅଗ୍ନିଶମ ସେବା ବିଭାଗ ଇତ୍ୟାଦି ଯୋଗଦେବେ । ବିପର୍ଯ୍ୟୟ ସମୟରେ ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ, ରେଡକ୍ରସ୍ ସଂସ୍ଥା, ଲୋକ ପ୍ରତିନିଧି, ଏନ.ଡି.ଆର୍.ଏଫ୍., ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ ସେବା ବିଭାଗ ଏବଂ ରାଜ୍ୟ ସ୍ତରରୁ ଓସଡମା, ଏସ୍.ଆର୍.ସି. ଆଦି କର୍ମଚାରୀଗଣ କିଭଳି ସେବା ଯୋଗାଇବେ ତାହା ପ୍ରଦର୍ଶିତ କରାଯିବ ।

## ଡୁମାଲ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ଓ ସାଙ୍ଗଠନିକ ବୈଠକ

ସୁବର୍ଣ୍ଣପୁର,୧୧।୬ (ସଂଚାର ବ୍ୟୁରୋ): ପ୍ରଥମେ ଇଷ୍ଟଦେବୀ ମାଁ ମାହେଶ୍ୱରୀ ଙ୍କ ପୂଜାର୍ଚ୍ଚନା ପରେ ଆଜି ଦିନ ୯ ଘଣ୍ଟା ସମୟରେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମୁଣ୍ଡଘାଟ ଗ୍ରାମପଞ୍ଚାୟତ ଧର୍ମ ଶାଳା ବନ୍ୟା ଆଶ୍ରୟସ୍ଥଳୀ ଠାରେ ରାଜ୍ୟ ଡୁମାଲ ପରିଷଦ ର ଦୁଇ ଦିନିଆ ରାଜ୍ୟ ସ୍ତରୀୟ କାର୍ଯ୍ୟକାରିଣୀ ଏବଂ ସାଙ୍ଗଠନିକ ବୈଠକ ଉଦଯାପିତ ହୋଇଯାଇଛି।ଆଜି ର ବୈଠକ ରେ ରାଜ୍ୟ ସଭାପତି ଦୟାସାଗର ମେଣ୍ଡିଲି ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ,ସଭା ପରିଚାଳନା କରିଥିଲେ ରାଜ୍ୟ ଯୁବ ପରିଷଦ ସମ୍ପାଦକ ବିଜୟ ରଞ୍ଜନ କର୍ମୀ ଏହି ସଭାରେ ପୁରାତନ ସମ୍ବିଧାନକୁ ତର୍ଜମା କରି ଯୁଗୋପଯୋଗୀ ପୂର୍ଣ୍ଣାଙ୍ଗ ସମ୍ବିଧାନ ପ୍ରଣୟନ ପାଇଁ ପ୍ରସ୍ତୁତି କମିଟି ଗଠନ କରାଗଲା , ରାଜ୍ୟ ସାରା ଏକକ ଜାତି ପ୍ରମାଣ ପତ୍ର ପ୍ରଚଳନ , ଅନ୍ୟ ଜାତିରେ ବିବାହ ବର୍ଜନୀୟ , ସୋସିଆଲ ମିଡ଼ିଆ ରେ ବିଭ୍ରାନ୍ତିକର ଜାତି ସମ୍ବନ୍ଧୀୟ ମନ୍ତବ୍ୟ କୁ ରୋକିବା ପାଇଁ ମିଡ଼ିଆ ସେଲ କିମିଟି ଗଠନ , ସମାଜର ସ୍ଥାବର ଓ ଅସ୍ଥାବର ସମତିର ସୁରକ୍ଷା ଏବଂ ସଂଚାଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା , ଏହି ସଭାର ପ୍ରଥମ ଦିବସରେ ସ୍ୱତନ୍ତ୍ର ଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଯୋଗଦେଇ ଥିବାବେଳେ ସୁବର୍ଣ୍ଣପୁର ଜିଲ୍ଲା ସଂଯୋଜକ ସୁରେଶ ପାତ୍ର,ଯୁବ ସଭାପତି ଦୟାନିଧି ଖମାରୀ, ରାଜ୍ୟ ଉପ ସଭାପତି ସୁଦାମ ଖମାରୀ, କଳାପଥର କେନ୍ଦ୍ର, ଜାଲୋଏ କେନ୍ଦ୍ର, ଏବଂ ଆମଜାତିଭାଇ ର ମା ନାରାୟଣୀ ଟେଷ୍ଟ ନୂଆପାଲି କଳାପଥର ସହଯୋଗ କରିଥିଲେ ।



## ଅବସରପ୍ରାପ୍ତ ସୈନିକ ସଂଗଠନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା




ସୁବର୍ଣ୍ଣପୁର ,୧୧।୬ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଗଠନ ପକ୍ଷରୁ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୋଜରାଜ ଦଣ୍ଡସେନା ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ତ୍ରିରଙ୍ଗା ଯାତ୍ରା ଇଷ୍ଟଦେବୀ ମାଁ ସୁରେଶ୍ୱରୀ ମନ୍ଦିର ଠାରୁ ଆରମ୍ଭ ହୋଇ ନଗର ପରିକ୍ରମା ସହ ବିଜୁପଟ୍ଟନାୟକ ଛକଠାରେ ପହଞ୍ଚିଥିଲା ପରେ ପୁଣି ପଟାଭାଡି ବୀରସୁରେନ୍ଦ୍ର ସାଏ ଛକ ଦେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଙ୍କ ସହ ଆଲୋଚନା କରିଥିଲେ। ଅପରେସନ୍ ସିନ୍ଦୂର ରେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ କୁ ଭୁରିଭୁରି ପ୍ରଶଂସା କରାଯାଇ ଅଧିକରୁ ଅଧିକ ଯୁବକ ସେନାବାହିନୀରେ ଯୋଗଦେଇ ଦେଶ ମାତୃକାର ସେବାରେ ଲାଗିବାକୁ ସମସ୍ତ ଙ୍କୁ ଆହ୍ୱାନ ଦେଇଥିଲେ।ଆଜିର ଏହି ତ୍ରିରଙ୍ଗା ଯାତ୍ରା ରେ ସଂପାଦକ ବିକ୍ରମାଦିତ୍ୟ ମହାକୁଡ଼,ସଂଜୟ ଷଡ଼ଙ୍ଗୀ, ଶୁଭେନ୍ଦୁ ପଣ୍ଡା, ଅଶ୍ୱିନୀ ହୋତା,ବିଶିଷ୍ଟ ମହାକୁର, ଶ୍ୟାମସୁନ୍ଦର ଭୋଇ, ବିନୋଦ ବିହାରୀ ଭୋଇ,ମୁକେଶ ଚନ୍ଦ୍ର ବାଗ, ବିଷ୍ଣୁ ବାରିକ,ଦୈତାରୀ ବେହେରା, ମହେନ୍ଦ୍ର ମାଝୀ,ଦୁର୍ବାଦଳ ପୂଜାରୀ, ବସନ୍ତ ସାହୁ, ସହଦେବ ପୁଟେଲ, କୃଷ୍ଣ ଚନ୍ଦ୍ର ମିଶ୍ର,ସୁବାଷ ଚନ୍ଦ୍ର ଗୁରୁ, ସନ୍ତୋଷ ପାତ୍ର,ଅନିଲ ପ୍ରଧାନ ପ୍ରମୁଖ ଙ୍କସହ ସୋନପୁର କଲେଜ ଏନସିସି କ୍ୟାଡେଟ୍ ଓ ଇ ଏସ୍ଏସ୍ ସିକ୍ୟୁରିଟି ସଂସ୍ଥାର ଅନେକ ପର୍ସନାଲ୍ ଯୋଗଦେଇଥିଲେ।

## ପଞ୍ଚାୟତରାଜ ମନ୍ତ୍ରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ପରିଦର୍ଶନ, ଆୟୁଷ୍ମାନ କାର୍ଡ ବଣ୍ଟନ




ସୁବର୍ଣ୍ଣପୁର,୧୧।୬ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ପୌରାଞ୍ଚଳ ଅଧିନସ୍ଥ ୱାର୍ଡ ନ ୬ ତରିଆପଡା ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସୋନପୁର ଆନୁକୂଲ୍ୟରେ ଅପରାହ୍ନ ୩ ଟା ରୁ ୭ ଟା ପର୍ଯ୍ୟନ୍ତ ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟ ସେବା ଶିବିର ରେ ଅନୁଷ୍ଠିତ ସଭା ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଦୀପ କୁମାର ଗୁରୁଙ୍କ ସଭାପତିତ୍ୱ ରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା ସରକାର ଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଓଡିଶା ସରକାର ଙ୍କ ଜନହିତକର କାର୍ଯ୍ୟ ଉପରେ ଆଲୋପାତ କରିଥିଲେ ଓ ବୃଦ୍ଧ ଓ ବୃଦ୍ଧା ମାନଙ୍କ ର ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନା ଓ୍ୱୟୋବନ୍ଦନା ଯୋଜନା ର କାର୍ଡ ସବୁ ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟ ଚିକିତ୍ସା ଶିବିର କୁ ତଦାରଖ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡା ରମେଶ ଚନ୍ଦ୍ର ସ୍ୱାଇଁ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପଦ୍ମହଂସା ଦୋରା ଭେଷଜ ବିଶେଷଜ୍ଞ ଡା. ଜିତାରାମ ବିଦ, ଡା ପ୍ରସନ୍ନ ମିଶ୍ର, ଦାନ୍ତରୋଗ ବିଶେଷଜ୍ଞ ଡା. ସତ୍ୟନାରାୟଣ ପଣ୍ଡା, ଡା ବସୁମତୀ ଚୌଧୁରୀ, ଡି ପି ଏମ ରୂପକ କୁମାର ମହା ପାତ୍ର ଏପି ଡେମିଓଲୋଜିଷ୍ଟ ଲୋପାମୁଦ୍ରା ମହାନ୍ତି ,ଏମ ଏଲ ଏ ଆଇ ଏସ ଶୋଭନା ଦାଶ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ , ଡିଇଓ ଆଇ ଡି ଏସ ପି ନାରାୟଣ ରଥ, ଏ ଏମ ଆଶା ତରଣୀସେନ ପଧାନ ମାନସିକ ରୋଗ ବିଭାଗ ର ଅନୁପ ଦାଶ,ଡି ଏଲ ସି ଶ୍ରୀ ପଣ୍ଡା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀ ମହିଳା ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ମାସ ମେମ୍ବର,ସ୍ଥାନୀୟ କାଉନସିଲର ସବୁ ଏହି ଶିବିର ରେ ଉପସ୍ଥିତ ଥିଲେ। ଏହି ଶିବିର ରେ ପ୍ରାୟ ୧୦୦ ଜଣ ରୋଗୀଙ୍କର ଚିକିତ୍ସା ହୋଇଥିଲା । ମାନସିକ ରୋଗ, ଅଣ ସଂକ୍ରକ୍ଷମକ ରୋଗ ତଥା ସିକିଲ ସେଲ ରୋଗ ର ଚିକିତ୍ସା କରାଯାଇଥିଲ। ଓ ଏଥିରେ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ କର୍ମଚାରୀ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇଥିଲେ ।

## ବଜ୍ରାଘାତରେ ୩ ବଳଦ ମୃତ କ୍ଷତି ପୂରଣ ଦାବି



କନ୍ଧମାଳ,୧୧।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ଅରାପାଜୁ ଗ୍ରାମରେ ବଜ୍ରାଘାତରେ ୩ ବଳଦ ମୃତ । ସୂଚନା ପ୍ରକାରେ ସୋମବାର ରାତ୍ରି ପ୍ରବଳ ପବନ ଓ ବର୍ଷା ହେବା ସହିତ ବିଜୁଳି ଘଡଘଡି ହେବା ଫଳରେ, ଫୁଲବାଣୀ ବ୍ଲକ ଅନ୍ତର୍ଗତ ଅରାପାଜୁ ଗ୍ରାମରେ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ବଳଦ ଗୁଡ଼ିକ ବଡ ଆମ୍ବଗଛ ତଳେ ଲୁଚି ରହିଥିଲେ । ଏହି ସମୟରେ ବଜ୍ରାଘାତରେ ୩ ଟି ଚଷା ବଳଦ ମୃତ୍ୟୁ ବରଣ କରିଛନ୍ତି । ମୃତ ବଳଦ ଗୁଡ଼ିକ ଗ୍ରାମର ବାସୁଦେବ କହଁରଙ୍କର ୧ ଟି ବଳଦ ହୋଇଥିବା ବେଳେ ଜାଡପା କହଁରର ୨ ଗୋଟି ବୋଲି ଜଣାପଡିଛି । ଆଗକୁ ଚାଷ ଦିନ ଆସୁଥିବାରୁ ଚାଷ କରିବାକୁ ଅସୁବିଧାର ସମ୍ମୁଖିନ ହେବେ ଉକ୍ତ ଚାଷୀ ଦ୍ୱୟ । ତେଣୁ ମୃତୁ ବରଣ କରିଥିବା ବଳଦ ଚାଷୀମାନଙ୍କୁ ସରକାରୀ ପକ୍ଷରୁ ସହାୟତା ପ୍ରଦାନ ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଏହି ବିଷୟରେ ସୂଚନା ପାଇ କଟିଙ୍ଗିଆ ରାଜସ୍ୱ ନୀରିକ୍ଷକ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ ।